
# ଉତ୍କଳ ପ୍ରସଙ୍ଗ





ଓଡ଼ିଶାର ରୂପଶିଳ୍ପ

# ଉତ୍କଳ ପ୍ରସଙ୍ଗ


| ବର୍ଷ—୨୧ | ଡିସେମ୍ବର ୧୯୬୦ | ସଂଖ୍ୟା—୫ |
|---|---|---|


## ବିଷୟ କ୍ରମ


୧ । ଚିରବୈଚିତ୍ର୍ୟମୟୀ ଓଡ଼ିଶା (ଏକ୍ ବିହଙ୍ଗମ ଦୃଷ୍ଟି) .. ୧
୨ । ଓଳାଉଠାରେ କେତେକ ପ୍ରାଥମିକ ଉପଚାର .. ୫
୩ । ଗୁଡ଼ିକର ଖାଦ୍ୟପ୍ରୟୋଗର ପରୀକ୍ଷା .. ୧୪
୪ । ପ୍ରବରକେନ୍ଦ୍ରର ଅଦାଲତୀ ଶାସନରେ ନବଜାଗରଣ .. ୧୯
୫ । ଉଠା ଜଳସେଚନ .. ୨୬
୬ । ମତ୍ସ୍ୟ ସଂରକ୍ଷଣ .. ୩୨
୭ । ପରିବାର କଲ୍ୟାଣରେ ଶିଶୁ .. ୩୪
୮ । ବେତାର ଓ ଶିକ୍ଷାପ୍ରସାର .. ୩୮
୯ । ଆମଗ୍ରାମ୍ୟ
୧୦ । କଲ୍ୟାଣ ଯୋଜନା .. ୪୧
୧୧ । ବେତାର ଶ୍ରୋତାମଣ୍ଡଳୀ କାର୍ଯ୍ୟକ୍ରମ .. ୪୭
୧୨ । ଶୋକ ସମାଚାର (କ୍ରୋଡ଼ପତ୍ର) .. ୫୦
.. ୫୨


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ-ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏଥି ବ୍ୟତୀତ ଅନେକ ବିଷୟକୁ ସଂକ୍ଷିପ୍ତ ଆକାରରେ ବା ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


ପ୍ରକାଶନ—ପ୍ରତ୍ୟେକ ମାସର ୧୫ ତାରିଖ ।

ଅସ୍ଥାୟୀ ସମ୍ପାଦକ—ଶ୍ରୀ ମାୟାଧର ମିଶ୍ର, ବି. ଏ.
ଆଡ଼ିସନାଲ ପବ୍ଲିସିଟି ଅଫିସର

ମୂଲ୍ୟ—ବାର୍ଷିକ ଟ ୨·୦୦
ପ୍ରତି ସଂଖ୍ୟା ଟ ୦·୨୨

ପ୍ରକାଶକ—ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ, ଓଡ଼ିଶା
ଟେଲିଗ୍ରାମ—ପବ୍ଲିସିଟି




| | | | |
|---|---|---|---|
| ୨୧ଶ ବର୍ଷ | ଡିସେମ୍ବର-୧୯୭୪ | ମାର୍ଗଶୀର-୧୮୯୬ | ୫ମ ସଂଖ୍ୟା |

## ପ୍ରାଚୀନତାର ପରିପ୍ରେକ୍ଷୀରେ ନବୀନ ଦିଗନ୍ତର ଅନୁସନ୍ଧାନୀ

# —ଚିର ବୈଚିତ୍ର୍ୟମୟୀ ଓଡ଼ିଶା—

ସୁଦୂର ଅତୀତର କଳିଙ୍ଗ, ମଧ୍ୟଯୁଗର ଉତ୍କଳ ତହୁଁ ପରେ ଓଡ଼ିଶା—ବିଂଶ ଶତାବ୍ଦୀର ଓଡ଼ିଶା—ମାତ୍ର ୧୯୩୬ ମସିହାରୁ ସ୍ୱତନ୍ତ୍ର ରାଜ୍ୟରୂପେ ସ୍ୱୀକୃତି ଲାଭ କରି ଭାରତର ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ସମ୍ମାନଜନକ ସ୍ଥାନରେ ଅଧିଷ୍ଠିତ ହେଲେ ହେଁ ଏହି ରାଜ୍ୟର ଇତିହାସ ଅତି ପ୍ରାଚୀନ, ଅତି ଗୌରବମୟ । ନଦୀ ଓ ଅରଣ୍ୟ ସମାକୀର୍ଣ୍ଣ, ଉର୍ମିଳ-ବେଗବତୀ ନଦୀ ଓ ଉତ୍ତାଳ ତରଙ୍ଗ ବଙ୍ଗୋପସାଗର-ଶୋଭିତ, ପ୍ରାକୃତିକ ସମ୍ପଦ ଓ ମାନବଶକ୍ତିର ଭୂମି-ସମ୍ପଦଶାଳୀ ଏହି ରାଜ୍ୟ ଭିନ୍ନ ଯୁଗରେ ଭିନ୍ନ ନାମରେ ପରିଚିତ ହୋଇ ଆସିଛି । ମହାଭାରତ ଯୁଗରେ ଧର୍ମ ନାମରେ କୌରବମାନଙ୍କର ପ୍ରେମବନ୍ଧନକୁ ଉପେକ୍ଷା କରି ନିର୍ବାସିତ ପାଣ୍ଡବମାନଙ୍କୁ ଆଶ୍ରୟ ଦେଇଥିଲା ଏହି ଓଡ଼ିଶା—ସେ ଯୁଗର ମତ୍ସ୍ୟ ଦେଶ ।

ପରବର୍ତ୍ତୀ ଯୁଗରେ ପ୍ରବଳ ପରାକ୍ରାନ୍ତ ଚଣ୍ଡାଶୋକଙ୍କ ଧର୍ମାଶୋକରେ ରୂପାନ୍ତରିତ କରି ଜଣେ ଶାନ୍ତିକାମୀର ମୁଖରେ 'ସବ୍‌ମୁନିସେ ମେ ପଜା' ଭଳି ବାଣୀ ଉଚ୍ଚାରଣ କରାଇ ପାରିଥିଲା ସେହି କଳିଙ୍ଗ—ତାହାହିଁ ଆଜିର ଓଡ଼ିଶା । ଇତିହାସର ବିଭିନ୍ନ ଯୁଗରେ ଓଡ୍ରଦେଶ, କଙ୍ଗୋଦ, କୋଶଳ, ମହାକାନ୍ତାର ନାମ ନେଇ ଯୁଗ ଯୁଗ ସଭ୍ୟତାର ପୀଠଭୂମି ରହି ଆସିଛି ଏ ରାଜ୍ୟ—ଆଜିର ୧୩ଟି ଜିଲ୍ଲାକୁ ନେଇ ଗଠିତ ଆମର ଏଇ ଜଗଦ୍ୱିଖ୍ୟାତ ଜଗନ୍ନାଥଙ୍କର ଓଡ଼ିଶା ।

ଆତଥେୟତା ତାର ଅନ୍ତର୍ନିହିତ—କଳା-ବିଳାସ ତାର ସହଜାତ ସ୍ୱଭାବ—ସହନଶୀଳତା ତାର ଆତ୍ମ-ସମ୍ମାନର ବହିର୍ବିକାଶ । ତାର ଐତିହ୍ୟ ରହିଛି ମୂକ ଶିଳ୍ପ-ଗୁମ୍ଫାରେ, ଗାଁର ପ୍ରାନ୍ତରର ବଣବୁଦାରେ ପ୍ରାଚୀନ କୀର୍ତ୍ତିର ଧ୍ୱଂସାବଶେଷରେ, କୋଟି ନରନାରୀଙ୍କ ମୁଖେ ମୁଖେ ପ୍ରଚଳିତ ଲୋକଗାଥା ଓ ଲୋକଗୀତରେ; ନୂପୁର ନିକ୍ୱଣର ଛନ୍ଦୋବଦ୍ଧ ନୃତ୍ୟ-କଳାରେ । ତାର ଅବଲୁପ୍ତ ଅତୀତ, ଲୁଣ୍ଠିତ କର୍ମଯୁଗର ବର୍ତ୍ତମାନ ଓ ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନାର ଚିତ୍ର କ୍ରମଶଃ ସ୍ପଷ୍ଟ ହେଉଛି । ଏହି ଅବସରରେ ଏବର୍ଷ ଡିସେମ୍ବର ମାସ ୨୮ ଓ ୨୯ ତାରିଖରେ ସୁରମ୍ୟ ମନ୍ଦିରମାଳିନୀ ଭୁବନେଶ୍ୱର ନଗରୀରେ ହେଉଛି ପ୍ରବାସୀ ସମ୍ମିଳନୀ ଓ ସମାଜସେବୀମାନଙ୍କ ଦୃଷ୍ଟିରୁ ଅଂଶଗ୍ରହଣକାରୀ ଓଡ଼ିଶା ଯେ ଏଥିପାଇଁ ଉପଯୁକ୍ତ ସ୍ଥାନ ଏଥିରେ ସନ୍ଦେହ ନାହିଁ । ଏହି ଉପଲକ୍ଷେ ଓଡ଼ିଶାକୁ ଆସିଥିବା ମନୀଷୀମାନଙ୍କୁ ସ୍ୱାଗତ ଜଣାଉଛୁ—ଉ: ପ୍ର:

## ଏକ ବିହଙ୍ଗମ—ଦୃଷ୍ଟି

୧୮°—୨୩° ଉତ୍ତର ଅକ୍ଷାଂଶ ଓ ୮୧°—୮୮° ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏ ରାଜ୍ୟର କ୍ଷେତ୍ରଫଳ ୬୦,୧୩୬ ବର୍ଗ ମାଇଲ ଓ ଜନସଂଖ୍ୟା ୧୯୬୧ ମସିହା ଜନଗଣନା ଅନୁସାରେ ୧ କୋଟି ୭୬ ଲକ୍ଷ । ସେଥିମଧ୍ୟରୁ ୮୭ ଲକ୍ଷ ୩ ହଜାର ପୁରୁଷ ଓ ୮୯ ଲକ୍ଷ ୫ ହଜାର ମହିଳା । ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଅନୁନ୍ନତ ଶ୍ରେଣୀର ଲୋକସଂଖ୍ୟା ମୋଟ ଜନସଂଖ୍ୟାର ଶତକଡ଼ା ୩୭ ଭାଗ । ଏମାନେ ବହୁ ଅବହେଳିତ ହୋଇ ରହିଥିବା ହେତୁ ୧୯୬୧ ମସିହାରେ ରାଜ୍ୟରେ ମୋଟ ଶିକ୍ଷିତ ସଂଖ୍ୟା ୩୩ ଲକ୍ଷ ହୋଇଥିଲା । ଅନୁନ୍ନତ ଲୋକମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଆଦିବାସୀ । ଏମାନେହିଁ ଏ ରାଜ୍ୟର ପ୍ରଥମ ଅଧିବାସୀ । ଏମାନଙ୍କ ମଧ୍ୟରେ କନ୍ଧମାନଙ୍କ ସଂଖ୍ୟା ସର୍ବାଧିକ । ଏମାନଙ୍କୁ ଛାଡ଼ ଦେଲେ ଗଣ୍ଡ, ସୌର ଓ ସାନ୍ତାଳ ହେଉଛନ୍ତି ପରବର୍ତ୍ତୀ ସଂଖ୍ୟାଗରିଷ୍ଠ ଜାତି । ସମତଳ ଅଞ୍ଚଳର ଅସାଧୁ ଓ ଠକ ବ୍ୟକ୍ତିମାନେ ପାହାଡ଼ିଆ ସରଳ ବିଶ୍ୱାସୀ ଆଦିବାସୀମାନଙ୍କୁ ଠକି ସେମାନଙ୍କୁ ସର୍ବସ୍ୱାନ୍ତ କରଥାନ୍ତି । ତେଣୁ ଭାରତୀୟ ସମ୍ବିଧାନରେ ଏମାନଙ୍କ ସ୍ୱାର୍ଥରକ୍ଷା-ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଇଛି । ତାହା ଫଳରେ ସେମାନଙ୍କ ଅବସ୍ଥା କ୍ରମଶଃ ଉନ୍ନତ ସ୍ତରକୁ ଗତି କରୁଛି, ଆଧୁନିକ ସଭ୍ୟତାର ଆଲୋକ ସେମାନଙ୍କ ମଧ୍ୟରେ ପ୍ରବେଶ କରୁଛି । ଏବଂ ଆଦିବାସୀ ଓ ସମତଳ ଅଧିବାସୀମାନଙ୍କ ମଧ୍ୟରେ ଯୁଗ ଯୁଗ ଧରି ଯେଉଁ କୃତ୍ରିମ ପ୍ରାଚୀର ରହି ଆସିଥିଲା ତାହା କ୍ରମଶଃ ଅପସାରିତ ହେଉଛି ।

## ବୈଚିତ୍ର୍ୟର ସମାରୋହ

ଓଡ଼ିଶାରେ ପ୍ରାୟ ସବୁପ୍ରକାର ଭୌଗୋଳିକ ଓ ଭୂତାତ୍ତ୍ୱିକ ଉପାଦାନମାନ ଦେଖିବାକୁ ମିଳେ । ରାଜ୍ୟର ସୀମିତ ପରିସର ମଧ୍ୟରେ ପ୍ରକୃତିର ଏ ଯେଉଁ ସୀମାହୀନ ଅବଦାନ ରହିଛି ତାହା ଅନ୍ୟ କୌଣସି ରାଜ୍ୟରେ ଦେଖିବାକୁ ମିଳେ ନାହିଁ । ବୈଚିତ୍ର୍ୟହିଁ ଏହି ପ୍ରାକୃତିକ ସମ୍ଭାରର ବିଶିଷ୍ଟ ଲକ୍ଷଣ । କବି ଓ ଗାୟକମାନଙ୍କୁ ଏହାର ପ୍ରଶସ୍ତି ଗାନ କରିବାପାଇଁ ଯୁଗ ଯୁଗ ଧରି ଏହି ବୈଚିତ୍ର୍ୟହିଁ ଯୋଗାଇ ଦେଇଛି ପ୍ରେରଣା ଆଉ ଉତ୍ସାହ ।

ପୂର୍ବଦିଗସ୍ଥ ସମୁଦ୍ର ଉପକୂଳଠାରୁ ଆରମ୍ଭ କରି ପଶ୍ଚିମ ଆଡ଼କୁ ଅଗ୍ରସର ହେଲାବେଳେ ପ୍ରାକୃତିକ ଦୃଶ୍ୟର ଯେଉଁ ଘନଘନ ପରିବର୍ତ୍ତନ ଦେଖିବାକୁ ମିଳେ ତାହା ବିଶେଷ ଉଲ୍ଲେଖଯୋଗ୍ୟ । ଏହାର ପଟୁମାଟିପୂର୍ଣ୍ଣ ସମତଳ ଅଞ୍ଚଳଟି ଉତ୍ତରରେ ସୁବର୍ଣ୍ଣରେଖାଠାରୁ ଦକ୍ଷିଣରେ ଚିଲିକା ପର୍ଯ୍ୟନ୍ତ ବିସ୍ତୃତ । ପଶ୍ଚିମ ପଟେ ପୂର୍ବଘାଟ ମାଳଭୂମିର ଉଚ୍ଚାବଚ ଭୂମି ବିଦ୍ୟମାନ । ଏହି ଅଞ୍ଚଳରେ ୩୦୦୦ ଫୁଟ କିମ୍ବା ଏହାଠାରୁ ବେଶି ଉଚ୍ଚତା ବିଶିଷ୍ଟ ମାଳଭୂମି ଉପରେ ମଧ୍ୟ ଏବେବି ଲୋକମାନେ ବସବାସ କରୁଛନ୍ତି । ବିରାଟ ଜଙ୍ଗଲ ସଂପଦ, ପ୍ରଚୁର ଖଣିଜ ଦ୍ରବ୍ୟ ଓ ବିଦ୍ୟୁତ ଉତ୍ପାଦନ ପାଇଁ ଅପରିମିତ ପ୍ରାକୃତିକ ସମ୍ବଳ ପରିପୂର୍ଣ୍ଣ ରହିଥିବା ସତ୍ତ୍ୱେ ଏହା ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ କମ୍ ଅଗ୍ରସର ହୋଇ ପାରିଛି । ଏହାହିଁ ବିଚିତ୍ର ।

### ବିଶିଷ୍ଟ ସ୍ୱତନ୍ତ୍ରତା—

ଓଡ଼ିଶାର ଏକ ବିଶିଷ୍ଟ ସ୍ୱତନ୍ତ୍ରତା ରହିଛି । ବହୁ ବିଭିନ୍ନ ପ୍ରକୃତି ଓ ବହୁ ବିରୋଧୀ ସଂସ୍କୃତିର

ସମନ୍ୱୟକୁ ଏହି ବିଶେଷତ୍ୱ । ଏହାର ପ୍ରାକୃତିକ ଦୃଶ୍ୟ-ବିଭବରେ ମନର କ୍ଲାନ୍ତି ଦୂର ହୋଇଯାଏ । ଯେତେ ଯାହା ଦେଖିଲେ ବି ନୂଆ ନୂଆ ମନେହେଉଥାଏ । ଏହି ଅଞ୍ଚଳରେ ଅବଶ୍ୟ ବିରାଟ ସହରମାନ ନାହିଁ, କିନ୍ତୁ ସହରର କର୍ମକ୍ଳାନ୍ତ ଓ ବିରକ୍ତିକର ଜୀବନରେ କିଛି ସମୟ ପାଇଁ ଶାନ୍ତି ଓ ଆରାମ ପାଇବା ଲାଗି ନଗରର ଲୋକେ ଏହାର ଗାଁ ଗହଳିରେ ସର୍ବଦା ଆଶ୍ରୟ ନେବା ପାଇଁ ଆଗ୍ରହ ପ୍ରକାଶ କରୁଥାନ୍ତି । ଓଡ଼ିଶାର ଯେଉଁ ପ୍ରାଚୀନ ମୂର୍ତ୍ତିଗୁଡ଼ିକ ଯୁଗ ଯୁଗ ଧରି ନିଜର ପ୍ରାଚୀନପୀଠ ଉପରେ ପ୍ରତିଷ୍ଠିତ ରହିଛି, ତାହା କଳାକାର ଓ ଶିଳ୍ପୀମାନଙ୍କୁ ଇଞ୍ଜିନିୟରିଂ ଦକ୍ଷତାରେ ପ୍ରେରଣା ଓ ଉତ୍ସାହ ଯୋଗାଇ ଦେଉଛି । ଏହି ରାଜ୍ୟର ପ୍ରାକୃତିକ ଦୃଶ୍ୟରାଜି ଓ ସ୍ୱାସ୍ଥ୍ୟ-ନିବାସଗୁଡ଼ିକ ଦେଶ ବିଦେଶର ପର୍ଯ୍ୟଟକ ଓ ସହରର କର୍ମରତ ବ୍ୟକ୍ତିମାନଙ୍କୁ ଆକୃଷ୍ଟ କରିପାରନ୍ତି ।

ଭାରତର ବିଭିନ୍ନ ସାଂସ୍କୃତିକ ଚିନ୍ତାଧାରାର ଏକତ୍ର ସମାବେଶ ପାଇଁ ଯେଉଁ ସୁସଂଗଠିତ ଅଭିଯାନ ଏବେବି ଚାଲିଛି ତାହା ପ୍ରଥମେ ଓଡ଼ିଶାରେ ଆରମ୍ଭ ହୋଇଥିବା ବୋଲି କୁହାଯାଇ ପାରେ । ଏହା ଅଶୋକଙ୍କ ବିରାଟ କଳିଙ୍ଗ ଯୁଦ୍ଧପରେ ଆରମ୍ଭ ହୋଇଥିବା । ରକ୍ତପିପାସୁ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଜଉଗଡ଼ ଓ ଧଉଳି ପାହାଡ଼ରେ ଧର୍ମ, ପ୍ରେମ ଓ ଦୟାର ଯେଉଁ ବାର୍ତ୍ତା ଲେଖି ଯାଇଛନ୍ତି ତାହା ଭାରତ ସଂସ୍କୃତିର ମୂଳ ଭିତ୍ତି ବୋଲି ବିବେଚନା କରାଯାଇପାରେ ।

ପରସ୍ପର ପ୍ରତି ସହନଶୀଳତା, ପରଧର୍ମ ପ୍ରତି ସମ୍ମାନ ଓ ସମର୍ଥନ ତଥା ଉତ୍ତମ ଆଚରଣ ପ୍ରଦର୍ଶନ ପ୍ରଭୃତି ଉପାଦାନକୁ ନେଇ ଭାରତୀୟ ସଂସ୍କୃତି ଗଠିତ । ଐକ୍ୟ-ମନୋଭାବର ଏହି ପ୍ରଧାନ ବିଷୟଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାରେ ରହି ଆସିଛି ଏବଂ ବିଭିନ୍ନ ଧର୍ମ ସମ୍ପ୍ରଦାୟ ଓ ଆଦିବାସିମାନଙ୍କ ମଧ୍ୟରେ ଉଚିତ ସ୍ଥାନ ପାଇ ଆସିଅଛି । ଏବେବି ପୁରୀ ଓ ଭୁବନେଶ୍ୱର ଭଳି ବଡ଼ ମନ୍ଦିରରେ ବ୍ରାହ୍ମଣ, ଅବ୍ରାହ୍ମଣ ଓ ଆଦିବାସୀମାନେ ମଧ୍ୟ ଏକ ଠାକୁର ଓ ଦେବତାଙ୍କୁ ଭକ୍ତି ଓ ଆରାଧନା କରିବା ଦେଖା ଯାଏ । ଏଠାରେ ବହୁ ସଂଖ୍ୟାରେ ଆଦିବାସୀ ବସବାସ କରି ରହିଥିଲେ ମଧ୍ୟ ଅନ୍ୟ କେତେକ ରାଜ୍ୟରେ ଆଦିବାସୀ ସମସ୍ୟା ଯେପରି ଉତ୍କଟ ଓ ଜଟିଳ ହୋଇ ଉଠିଛି ଏଠାକାର ପରିସ୍ଥିତି ସେପରି ନୁହେଁ ।

ଆଧୁନିକ ଭାରତ ଗଠନରେ ଓଡ଼ିଶା ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି ଓ ଭବିଷ୍ୟତରେ ମଧ୍ୟ ଜାତୀୟ ଐକ୍ୟ ପ୍ରତିଷ୍ଠା କରିବା ଦିଗରେ ବିଶେଷ ସହାୟକ ହେବ ବୋଲି ଏଥିରୁ ଆଶା କରାଯାଇ ପାରେ ।

> ପ୍ରାଚ୍ୟ ଭୂଖଣ୍ଡରେ ଆଜି ଏହି ନବଜାତ ସ୍ୱାଧୀନତାପ୍ରତି ଅନେକ ସଂସ୍କୃତିର ଦୃଷ୍ଟି ନିବଦ୍ଧ ରହିଛି ଓ ସେମାନେ ଅସ୍ଥିରଚିତ୍ତ ଏହାର ଅର୍ଥ କରୁଛନ୍ତି ।
>
> —ନେହରୁ

# ଦେଶର ପ୍ରତିରକ୍ଷା ପାଇଁ ସ୍ମଲ୍ ସେଭିଂସ୍ ସିକ୍ୟୁରିଟିରେ ଅର୍ଥ ବିନିଯୋଗ କରନ୍ତୁ

୧ । ବାରବର୍ଷିଆ ଜାତୀୟ ପ୍ରତିରକ୍ଷା ସାର୍ଟିଫିକେଟ୍ (ଟ୍ୱେଲଭ୍-ଇଅର ନ୍ୟାସ୍‌ନାଲ୍ ଡିଫେନ୍‌ସ ସାର୍ଟିଫିକେଟ୍)—ବାର୍ଷିକ ସୁଧ ଶତକଡ଼ା ୭·୨୫ (ମ୍ୟାଚୁରିଟିରେ) ।

୨ । ଦଶବର୍ଷିଆ ପ୍ରତିରକ୍ଷା ଅମାନତ ସାର୍ଟିଫିକେଟ୍ (ଟେନ୍-ଇଅର୍ ଡିଫେନ୍‌ସ୍ ଡିପୋଜିଟ୍ ସାର୍ଟିଫିକେଟ୍)—ବର୍ଷକୁ ସୁଧ ଶତକଡ଼ା ୪·୫୦ (ବର୍ଷକୁ ବର୍ଷ ଦିଆଯିବ) ।

୩ । ପନ୍ଦରବର୍ଷିଆ ଆନ୍ୟୁଇଟି ସାର୍ଟିଫିକେଟ୍ (ଫିଫ୍‌ଟିନ୍-ଇଅର୍ ଆନ୍ୟୁଇଟି ସାର୍ଟିଫିକେଟ୍)—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ । ବାର୍ଷିକ ଶତକଡ଼ା ୫·୪ ଚକ୍ରବୃଦ୍ଧି ହାରରେ ସୁଧ ।

୪ । ପୋଷ୍ଟଅଫିସ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ଟ ୧୦,୦୦୦ ପର୍ଯ୍ୟନ୍ତ (ଯୁଗ୍ମ-ଆକାଉଣ୍ଟରେ ଟ ୨୦,୦୦୦) ଜମା ଉପରେ ଶତକଡ଼ା ବାର୍ଷିକ ଟ୪% ଏବଂ ଟ ୧୦,୦୦୦ (ଯୁଗ୍ମ-ଆକାଉଣ୍ଟରେ ଟ ୨୦,୦୦୦)ରୁ ଅଧିକ ଜମା ଉପରେ ଶତକଡ଼ା ବାର୍ଷିକ ଟ ୨½ ହାରରେ ସୁଧ) ।

୫ । କ୍ୟୁମୁଲେଟିଭ ଟାଇମ୍ ଡିପୋଜିଟ୍ ଆକାଉଣ୍ଟ୍—ପାଞ୍ଚବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୫·୩, ଦଶବର୍ଷିଆ ହିସାବ ପାଇଁ ଶତକଡ଼ା ୫·୮ ଓ ପନ୍ଦରବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୬·୩ ହାରରେ ଚକ୍ରବୃଦ୍ଧି ସୁଧ ।

୬ । ପ୍ରିମିୟମ୍ ପ୍ରାଇଜ୍ ବଣ୍ଡ୍—ପୁରସ୍କାର ମିଳିବା ସଙ୍ଗେ ସଙ୍ଗେ ପାଞ୍ଚ ବର୍ଷପରେ ସୁଧ ସହିତ ଜମା ଟଙ୍କା ଫେରସ୍ତ ମିଳେ ।

**ମନେ ରଖନ୍ତୁ :**

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିରାପତ୍ତା ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ । ସ୍ୱଳ୍ପସଞ୍ଚୟରେ ବିନିଯୋଗ କରାଯାଉଥିବା ଅର୍ଥ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ ।

ବିଶେଷ ବିବରଣୀ ପାଇଁ—

* ଦି ରେଜିଓନାଲ୍ ଡିରେକ୍ଟର, ନ୍ୟାସନାଲ୍ ସେଭିଂସ୍, ଓଡ଼ିଶା, କଟକ, କିମ୍ବା

* ଡେପୁଟି ଡିରେକ୍ଟର, ସ୍ମଲ୍ ସେଭିଂସ୍, ଫାଇନାନ୍‌ସ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର, କିମ୍ବା

* ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ ଅର୍ଗାନାଇଜର୍‌ଙ୍କ ନିକଟକୁ ଲେଖନ୍ତୁ ।

# କୋରାପୁଟର କେତେକ ପ୍ରଧାନ ଉପଜାତି

ଶ୍ରୀ. ହରିଶ୍ଚନ୍ଦ୍ର ଦାସ, ଏମ୍. ଏ.
କ୍ୟୁରେଟର, ଓଡ଼ିଶା ମିଉଜିୟମ

ଓଡ଼ିଶାରେ ଉପଜାତୀୟ ଲୋକଙ୍କର ସଂଖ୍ୟା ହେଉଛି ୪୨,୨୩,୭୫୭ ଏବଂ ଏହା ସମଗ୍ର ଲୋକ ସଂଖ୍ୟାର ଶତକଡ଼ା ୨୪.୦୭ ଭାଗ । କୋରାପୁଟ ଜିଲ୍ଲାର ଦୁର୍ଗମ ପାହାଡ଼ ଜଙ୍ଗଲରେ ଅଧିକାଂଶ ଉପଜାତି ବାସ କରନ୍ତି ଏବଂ ଜିଲ୍ଲାର ମୋଟ ଲୋକସଂଖ୍ୟାର ସେମାନେ ହେଉଛନ୍ତି ଶତକଡ଼ା ୬୦ ଭାଗ । ପ୍ରାୟ ତିରିଶଟି ଉପଜାତି ଜିଲ୍ଲାର ସ୍ଥାନଅଛି ଇତସ୍ତତଃ ଭାବରେ ରହୁଥିବାର ଦେଖାଯାଏ । ପ୍ରତ୍ୟେକ ଉପଜାତିର ପୃଥକ୍ ସଂସ୍କୃତି ଓ ଭାଷା ରହିଛି । ପୂର୍ବେ ଉପଜାତିର ଲୋକେ ଏହି ଜିଲ୍ଲାର ବିଚ୍ଛିନ୍ନ ଓ ଦୁର୍ଗମ ସ୍ଥାନରେ ରହୁଥିବା ଯୋଗେ ସେମାନଙ୍କର ଆଧୁନିକ ସମାଜ ସହିତ କୌଣସି ସଂପର୍କ ନ ଥିଲା । ବର୍ତ୍ତମାନ ଗମନାଗମନର ସୁବିଧା, ଦଣ୍ଡକାରଣ୍ୟ ଓ ବାଲିମେଲା ଯୋଜନା ଇତ୍ୟାଦି ହେବା ଦ୍ୱାରା ସେମାନଙ୍କର ଏହି ବିଚ୍ଛିନ୍ନତା କ୍ରମଶଃ ଦୂର ହେଉଛି ଏବଂ ସେମାନେ ଆଧୁନିକ ସଭ୍ୟତାର ପ୍ରଭାବ ଅନୁଭବ କରିବାର ପଥ ସୁଗମ ହୋଇ ପଡ଼ୁଛି । ଏହି ଉପ-ଜାତିଗୁଡ଼ିକ ବର୍ତ୍ତମାନ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛନ୍ତି; ଏଣେ ସେମାନଙ୍କର ପାରମ୍ପରିକ ସଂସ୍କୃତିକୁ ସେମାନେ ଛାଡ଼ିପାରୁ ନାହାନ୍ତି ଅଥଚ ଆଧୁନିକ ସଂସ୍କୃତିକୁ ପୂର୍ଣ୍ଣରୂପେ ଗ୍ରହଣ କରିପାରୁ ନାହାନ୍ତି ।

ଜିଲ୍ଲାର ଅଧିକାଂଶ ଉପଜାତି ବର୍ତ୍ତମାନ ମଧ୍ୟ ସଭ୍ୟତାର ଆଦିମ ସ୍ତରରେ ଅଛନ୍ତି । ଜୀବନ ଧାରଣ ପାଇଁ ସେମାନେ ଏବେ ବି ଉଠାଚାଷ, ଖାଦ୍ୟ ସଂଗ୍ରହ ଓ ଶିକାର ଇତ୍ୟାଦି କରୁଛନ୍ତି । ସେମାନଙ୍କର ସାମାଜିକ ଅନୁଷ୍ଠାନରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ । ଆଦିବାସୀମାନଙ୍କର ସଂସ୍କୃତି ସମ୍ବନ୍ଧରେ କିଞ୍ଚିତ ଧାରଣା ଦେବା ସକାଶେ ଏହି ଜିଲ୍ଲାର କେତେକ ପ୍ରଧାନ ଉପଜାତି ବିଷୟରେ ଏଠାରେ ସମ୍ୟକ ଟିପ୍ପଣୀ ଦିଆଗଲା ।

## ଗଦବା

ଓଡ଼ିଶାର ପ୍ରାଚୀନତମ ଉପଜାତି ମଧ୍ୟରେ ଗଦବାମାନେ ହେଉଛନ୍ତି ଅନ୍ୟତମ । କୋରାପୁଟ, ଆନ୍ଧ୍ର ଓ ମଧ୍ୟପ୍ରଦେଶର ପରସ୍ପର ସନ୍ନିକଟ



ଉତ୍ସବ ପୋଷାକରେ ସଜ୍ଜିତା ଗଦବା-ସ୍ତ୍ରୀ

ସଂଲଗ୍ନ ପାର୍ବତ୍ୟ ଅଞ୍ଚଳରେ ସେମାନେ ବାସ କରନ୍ତି । ୧୯୬୧ ମସିହା ଜନଗଣନା ଅନୁଯାୟୀ ସେମାନଙ୍କର ମୋଟ ସଂଖ୍ୟା ହେଉଛି ୨୨,୯୩୮ । ମୁଣ୍ଡା ଜାତୀୟ ଏକ ପ୍ରକାର ଭାଷା ସେମାନେ କହନ୍ତି ।

ଗଦବାମାନେ ଦୁର୍ଭେଦ୍ୟ ପାର୍ବତ୍ୟ ଅଞ୍ଚଳରେ ବଡ଼ ବଡ଼ ଗାଁମାନଙ୍କରେ ବାସ କରନ୍ତି । ପ୍ରଶସ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଘରଗୁଡ଼ିକ ଅବସ୍ଥିତ । ସବୁଠାରୁ ବଡ଼ଘର ହେଉଛି ଗାଁ'ର ମୁଖିଆ ଲୋକର ଏବଂ ତାହା ଗ୍ରାମର କେନ୍ଦ୍ର ସ୍ଥଳରେ ଅବସ୍ଥିତ ।

ଗଦବା ଜାତିର ପୁରୁଷମାନେ ଲେଙ୍ଗୋଟିଆ ଲୁଗା ପିନ୍ଧନ୍ତି । ସ୍ତ୍ରୀଲୋକମାନେ ଅତି ପୁରୁଣାକାଳିଆ ତନ୍ତଦ୍ୱାରା ପ୍ରସ୍ତୁତ 'କେରଙ୍ଗ' ଲୁଗା ବ୍ୟବହାର କରନ୍ତି ଓ ଏହି ଲୁଗାର ଧଡ଼ି ବଣୁଆ ଜଙ୍ଗଲି ଗଛର ତନ୍ତୁଦ୍ୱାରା ପ୍ରସ୍ତୁତ ହୋଇଥାଏ । ଏଥିରେ ବ୍ୟବହୃତ ସୂତା ମଧ୍ୟ ସେମାନଙ୍କଦ୍ୱାରା ରଙ୍ଗ କରା ହୋଇଥାଏ । ସମତଳ ଅଞ୍ଚଳରେ ବାସ କରୁଥିବା ଗଦବାମାନଙ୍କର ଏହି ପରମ୍ପରାଗତ ପୋଷାକର ସ୍ଥାନ ମିଲ ତିଆରି ଧୋତିଦ୍ୱାରା କ୍ରମଶଃ ଅଧିକୃତ ହେଉଛି । ସ୍ତ୍ରୀଲୋକମାନେ କାନରେ ପିତଳର ବଡ଼ ବଡ଼ ମୋଗ ଓ ଫାଶିଆ ବ୍ୟବହାର କରନ୍ତି ।

ସ୍ତ୍ରୀଲୋକମାନେ ବେକରେ ବିଭିନ୍ନ ପ୍ରକାର ମାଳ ବ୍ୟବହାର କରନ୍ତି । ଅଙ୍ଗୁଠିରେ ସେମାନେ ଅନେକ ମୁଦି ପିନ୍ଧନ୍ତି । ବେକରେ ପିନ୍ଧୁଥିବା ପିତଳ ଓ ରୁପା-ନିର୍ମିତ ଖଗଲ ସେମାନଙ୍କର ଅତି ପ୍ରିୟ ଅଳଙ୍କାର ।

ଗ୍ରାମର ପରିବାରଗୁଡ଼ିକ ଅନେକ ଗୋଷ୍ଠି ବା ବଂଶରେ ବିଭକ୍ତ । ପ୍ରତ୍ୟେକ ବଂଶ ନିଜର 'ସଂଜ୍ଞା' ଦ୍ୱାରା ପରିଚିତ ଏବଂ ଏହି ବଂଶ ପ୍ରଥମେ ବାସ କରୁଥିବା ଗ୍ରାମ-ନାମରୁ ଆରମ୍ଭ ହୋଇଛି । ଏହିପରି କେତେକ ବଂଶ ଏକଶ୍ରେଣୀଭୁକ୍ତ ହେଲେ ତାକୁ ସମ୍ପ୍ରଦାୟ କୁହାଯାଏ । ଏକ ସମ୍ପ୍ରଦାୟର ଲୋକେ ନିଜ ଦଳ ମଧ୍ୟରେ ବିବାହ କରନ୍ତି ନାହିଁ ଏବଂ ଏହି ଦଳର ନାମ ପଶୁପକ୍ଷୀଙ୍କ ନାମ ଅନୁସାରେ ବଂଶାନୁକ୍ରମେ ଗଢ଼ିଥିଲେ (totemistic) ।

ଗ୍ରାମଗୁଡ଼ିକ ଗୋଟିଏ ଗୋଟିଏ ସାମାଜିକ ସଂସ୍ଥା ହିସାବରେ କାର୍ଯ୍ୟ କରେ । ଗ୍ରାମବାସୀମାନେ ମିଳିମିଶି ପ୍ରତିବର୍ଷ ଶିକାର କରନ୍ତି ଓ ଧର୍ମ ସମ୍ବନ୍ଧୀୟ ପର୍ବ-ପର୍ବାଣି ପାଳନ କରନ୍ତି । ପ୍ରତ୍ୟେକ ଗ୍ରାମର ମୁଖ୍ୟ ବ୍ୟକ୍ତିଙ୍କୁ ନାଏକ କୁହାଯାଏ । ନାଏକଙ୍କ ସେବାକାରୀକୁ "ଚଲାନ" ବା ବାରିକ କହନ୍ତି । ବାରିକ ସାଧାରଣତଃ ଡୋମ ଜାତିର ଲୋକ । ଗ୍ରାମର କେତେକ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସହିତ ପରାମର୍ଶ କରି ଗ୍ରାମ-ମୁଖ୍ୟ (ମୁଖିଆ) ଗାଁ ଗଣ୍ଡଗୋଳର ସମାଧାନ କରନ୍ତି । ଗ୍ରାମର ପୁରୋହିତଙ୍କୁ ଦସୁଆ କୁହାଯାଏ ଏବଂ ସେ ଗାଁର ଧର୍ମକର୍ମଣି କାର୍ଯ୍ୟ କରନ୍ତି ।

ଶୟନ କରିବା ନିମନ୍ତେ ଗଦବାମାନଙ୍କର ଅଲଗା ଘର ବା ଅନୁଷ୍ଠାନ ରହିଛି । ବାଳକ ଓ ବାଳିକାମାନଙ୍କ ପାଇଁ ଭିନ୍ନ ଭିନ୍ନ ଘର ରହିଛି । ତରୁଣମାନଙ୍କର 'ଶୟନାଗାର' ଜଣେ ପୁରୁଷଙ୍କ ଦାୟିତ୍ୱରେ ଥାଏ । ଗ୍ରାମର ଜଣେ ବୟୋଜ୍ୟେଷ୍ଠା ସ୍ତ୍ରୀଲୋକ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଘରର ଦେଖାଶୁଣା କରନ୍ତି । ଅବିବାହିତ ତରୁଣ ଓ ତରୁଣୀମାନେ ଏସବୁ ଶୟନାଗାରରେ ଶୟନ କରନ୍ତି, ଗୀତ ଗାଆନ୍ତି ଓ ନାଚନ୍ତି । କେତେକ ସ୍ଥାନରେ ଏହି 'ଶୟନାଗାର ପ୍ରଥା' ପରିବର୍ତ୍ତେ କୀର୍ତ୍ତନ ଅନୁଷ୍ଠାନ ଆରମ୍ଭ କରାଯାଇଛି ।

ବାଳକମାନଙ୍କର ବିବାହ ସାଧାରଣତଃ ୧୮ ବର୍ଷଠାରୁ ୨୧ ବର୍ଷ ମଧ୍ୟରେ ଏବଂ ବାଳିକାମାନଙ୍କର ବିବାହ ୧୫ ବର୍ଷଠାରୁ ୧୮ ବର୍ଷ ମଧ୍ୟରେ ହୋଇଥାଏ । ଦୂରସମ୍ପର୍କୀୟ ଭାଇ ଓ ଭଉଣୀଙ୍କ ବିବାହକୁ ମଧ୍ୟ ପସନ୍ଦ କରାଯାଏ । ବିଧବା ବିବାହ ସମାଜରେ ସାଧାରଣତଃ ଅନୁମତି ଦିଆଯାଏ । ପିତାମାତା ସେମାନଙ୍କ ପୁତ୍ର ଓ

କନ୍ୟାଙ୍କର ବିବାହ ବ୍ୟବସ୍ଥା କରନ୍ତି । ପୂର୍ବରୁ ସ୍ଥିର-କରି ବିବାହ କରିବା ହେଉଛି ଗଦବା ସମାଜର ଏକ ମାମୁଲି କଥା ।

ପରସ୍ପର ମଧ୍ୟରେ ପ୍ରେମ ଥିବାଲେ ଗୋପନରେ ପଳାୟନ କରି ବିବାହ କରିବାକୁ ଉଦୁଲିଆ ବିବାହ କୁହାଯାଏ । ଏହି ପ୍ରକାର ବିବାହରେ ପ୍ରଣୟୀ ଓ ପ୍ରଣୟିନୀ ଉଭୟେ ଅନ୍ୟ ଏକ ସ୍ଥାନକୁ ପଳାୟନ କରି ସେଠାରେ କିଛି ସମୟ ପାଇଁ ଅବସ୍ଥାନ କରନ୍ତି । ତା'ପରେ ସେମାନଙ୍କ ପିତାମାତାମାନେ ଆସି ସେମାନଙ୍କୁ ଘରକୁ ଫେରାଇବାକୁ କହନ୍ତି । ସେମାନଙ୍କ ମଧ୍ୟରେ ବଳପୂର୍ବକ ବା ଅନଧିକାର ବିବାହ ମଧ୍ୟ ଚଳି ଆସିଛି । ନିଜେ ଭଲ ପାଉଥିବା ଲୋକକୁ ଅପହୃତ କରିବାରେ ବିଫଳ ହେଲେ ଭଲ ପାଉଥିବା ଯୁବକଟି ଅନଧିକାର ଭାବରେ ସେହି ଲୋକର ଘରେ ପ୍ରବେଶ କରେ । ସାଧାରଣତଃ ସେହି ଯୁବକକୁ ଗାଳି ଦିଆଯାଏ, ମାଡ଼ ଦିଆଯାଏ ଏବଂ ଖାଇବାକୁ ଦିଆଯାଏ ନାହିଁ । ସେ ଯଦି ଏହା ସତ୍ତ୍ୱେ ରହେ ତେବେ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରାଯାଏ । ବିବାହ ଉତ୍ସବ ବ୍ୟୟବହୁଳ ନୁହେଁ । ସାରା ଗାଆଁଟି ଏଥିରେ ସକ୍ରିୟ ଅଂଶ ଗ୍ରହଣ କରେ । ବର ପିତା ବା କନ୍ୟା ପିତା ଗ୍ରାମବାସୀଙ୍କର ଏକ ବୈଠକ ଡାକନ୍ତି ଏବଂ ସେମାନଙ୍କ ମଧ୍ୟରେ ମୁଢ଼ି ଓ ଗୁଡ଼ ବିତରଣ କରନ୍ତି । ଏହି ବିବାହ ଦାୟିତ୍ୱ ତୁଲାଇବା ପାଇଁ ସ୍ୱତନ୍ତ୍ର ଜଣଙ୍କୁ ବଛାଯାଏ ।

ଗଦବମାନେ ନାଚ ଓ ଗୀତ ଗାଇ ନିଜର ଜୀବନକୁ ରଙ୍ଗୀନ କରି ତୋଳନ୍ତି । ପୁରୁଷ ଓ ସ୍ତ୍ରୀ ଉଭୟେ ଏହି ନାଚରେ ଯୋଗ ଦିଅନ୍ତି । ସ୍ତ୍ରୀ-ଲୋକମାନେ କେରଙ୍ଗ ଲୁଗା ଓ ଅଳଙ୍କାରରେ ଭୂଷିତ ହୁଅନ୍ତି । ପୁରୁଷମାନେ ବାଦ୍ୟ ବଜାନ୍ତି । ବିଭିନ୍ନ ଉତ୍ସବ ପର୍ବର ଖାସ ଖାଇଲି ଭିନ୍ନ ଭିନ୍ନ ଗୀତ ସେମାନଙ୍କର ରହିଛି । ଗୀତଗୁଡ଼ିକ ସେମାନଙ୍କ ନିଜ ଭାଷାରେ ରଚନା କରାଯାଇଛି । ଗୀତ ଗୁଡ଼ିକର ପ୍ରଧାନ ବିଷୟବସ୍ତୁ ହେଲା ପ୍ରେମ ।

ଗଦବାମାନେ ପରମ୍ପରାକ୍ରମେ ଉଠାଚାଷ କରି-ଆସୁଅଛନ୍ତି । ଯେଉଁମାନେ ସମତଳ ଅଞ୍ଚଳରେ ବାସ କରୁଅଛନ୍ତି ସେମାନେ ଆର୍ଦ୍ରଭୂମିରେ ଚାଷ କରନ୍ତି । ଧାନ, ମକା ଓ ବିଭିନ୍ନ ପ୍ରକାରର ଡାଲି ହେଉଛି ସେମାନଙ୍କର ପ୍ରଧାନ କୃଷିଜାତ ଉତ୍ପନ୍ନ ଦ୍ରବ୍ୟ । ମାତ୍ର ସେମାନଙ୍କର ଉତ୍ପାଦନ ଯଥେଷ୍ଟ ହେଉ ନଥିବାରୁ ସେମାନେ ଜଙ୍ଗଲରୁ ଖାଦ୍ୟଦ୍ରବ୍ୟ ସଂଗ୍ରହ କରନ୍ତି । ଅମ୍ବ-କୋଇଲି ( ଅମ୍ବ ଟାକୁଆର ଶସ ) ଓ ଖାଦ୍ୟୋପଯୋଗୀ ବିଭିନ୍ନ ପ୍ରକାରର ମୂଳ ଦୁଇ ମାସ ପର୍ଯ୍ୟନ୍ତ ସେମାନଙ୍କ ଖୋରାକ ଚଳାଏ । ଶିକାର ମଧ୍ୟ କରାଯାଏ । ସେମାନେ ବିଶେଷ ଭାବରେ ଗୋରୁ ବା ମଇଁଷି ମାଂସ, ଘୁଷୁରି ମାଂସ ଏବଂ ମଦ ଖାଆନ୍ତି ।

## ପରଜା

୧୯୬୧ ମସିହାର ଜନଗଣନା ଅନୁଯାୟୀ 'ପରଜା'-ମାନଙ୍କର ସଂଖ୍ୟା ହେଉଛି ୧୫୯, ୬୦ ଏବଂ ସେମାନେ ମୁଖ୍ୟତଃ କୋରାପୁଟ ଜିଲ୍ଲା ଏବଂ କଳାହାଣ୍ଡି ଜିଲ୍ଲାର କେତେକାଂଶରେ ବିଶେଷ ଭାବରେ ବାସ କରନ୍ତି । 'ପରଜା' ହେଉଛି ସଂସ୍କୃତ ଭାଷାର 'ପ୍ରଜା' ଶବ୍ଦରୁ ଉତ୍ପନ୍ନ । ସେମାନଙ୍କର ଭାଷା ଗୋଣ୍ଡ ଶ୍ରେଣୀୟ ଏବଂ ଏହାକୁ 'ପରଜା' କୁହାଯାଏ । ପ୍ରଚଳିତ ଗଳ୍ପରୁ ଜଣାଯାଏ ଯେ ସେମାନଙ୍କର ଆଦି ସ୍ଥାନ ବା ଉତ୍ପତ୍ତିସ୍ଥାନ ହେଉଛି ମଧ୍ୟପ୍ରଦେଶର ବସ୍ତରରେ । ଏହି ଉପଜାତିର ଶାଖା ପ୍ରଶାଖା ନିମ୍ନରେ ପ୍ରଦତ୍ତ ହେଲା :—

(୧) ସୋଡ଼ିଆ ବା ବଡ଼ ପରଜା ।

(୨) ବରେଙ୍ଗ ବା ଯୋଡ଼ିଆ ପରଜା ।

(୩) ପେଙ୍ଗୋ ପରଜା ।

(୪) କୋଣ୍ଡ ପରଜା ବା ସେଲିଆ ପରଜା ।



ପରଜା ଦମ୍ପତି

ସୋଡ଼ିଆ ପରଜାମାନେ ସମାଜର ସର୍ବୋଚ୍ଚ ପଦବୀର ଅଧିକାରୀ । ସେମାନେ କେବେହେଲେ ଗୋମାଂସ ବା ମହିଷ ମାଂସ ଭକ୍ଷଣ କରନ୍ତି ନାହିଁ । କୋଣ୍ଡ ପରଜାମାନେ ପରମ୍ପରାକ୍ରମେ ଛେଳ ପାଳନ କରୁଥିବାର ବିଶ୍ୱାସ କରାଯାଏ ।

ଜୀବଜନ୍ତୁଙ୍କ ନାମ ଅନୁସାରେ ପରଜାମାନଙ୍କର ମଧ୍ୟ ବାଘ, କଛିମ ବା କର୍ରିଂ, ନେତମ୍ (କୁକୁର), ପାଣ୍ଡ୍ରେକ (ପାରା) ଇତ୍ୟାଦି ବଂଶ ସଂଜ୍ଞା ଅଛି । ବଂଶର ନାମ ଥିବା ଜନ୍ତୁଙ୍କୁ ମାରିବା, ଖାଇବା ବା ଆଘାତ କରିବା ଉପରେ କଟକଣା ରହିଛି ।

ସାଧାରଣତଃ ପୁଅ ବା ଝିଅର ବିବାହ ପିତାମାତାଙ୍କ ଦ୍ୱାରା ସ୍ଥିର ହୁଏ । ପୁଅର ଘରେ ବିବାହ କାର୍ଯ୍ୟ ହୁଏ । ବରର ଘରକୁ କେବଳ କନ୍ୟା ପକ୍ଷର ସ୍ତ୍ରୀଲୋକମାନଙ୍କ ଦ୍ୱାରା କନ୍ୟା ନିଆଯାଏ । ସେମାନଙ୍କ ମଧ୍ୟରେ କନ୍ୟା ମୂଲ୍ୟ ପ୍ରଥା ପ୍ରଚଳିତ ଅଛି । ସାଧାରଣ ବିବାହ ପ୍ରଥା ବ୍ୟତୀତ ସେମାନଙ୍କ ମଧ୍ୟରେ ଉଦୁଳିଆ ବାହା (ପ୍ରେମ ବିବାହ), ଝିକାଅ—ଉତ୍ତର ବାହା (ଧରି ବାହା), ପିସାମର୍ତ୍ତିନ ବାହା (ବିଧବା ବା ପରିତ୍ୟକ୍ତା ସ୍ତ୍ରୀ ଲୋକଙ୍କ ସହ ବିବାହ) ଆଦି ପ୍ରଚଳିତ । ବଣ, ପାହାଡ଼ ଓ ନଦୀ ନାଳର ଶକ୍ତିର ଦେବ ଦେବୀଙ୍କୁ ସେମାନେ ପୂଜା କରନ୍ତି । ସେମାନେ ମଧ୍ୟ ବସ୍ତରର ଅଧିଷ୍ଠାତ୍ରୀ ଦନ୍ତେଶ୍ୱରୀଙ୍କର ପୂଜା କରନ୍ତି । କୁକୁଡ଼ା, ଅଣ୍ଡା ଏବଂ ଅନ୍ୟାନ୍ୟ ପୂଜାପୋକରଣ ଦେବଦେବୀ ଏବଂ ପୂର୍ବପୁରୁଷଙ୍କୁ ଅର୍ପଣ କରିଥାନ୍ତି । ପ୍ରତ୍ୟେକ ଗ୍ରାମରେ ଜଣେ ଶିରଧର (ଦାକଣି) ଥାଆନ୍ତି ଏବଂ ତାଙ୍କୁ ଠାକୁରାଣୀ ବିଜେ ହୁଅନ୍ତି ।

ପରଜାମାନେ ସାଧାରଣତଃ କୃଷୀ, ମାତ୍ର ସେମାନଙ୍କ ମଧ୍ୟରୁ ଯେଉଁମାନେ ନିଃସ୍ୱ ସେମାନେ ପ୍ରଧାନତଃ ଜଙ୍ଗଲର ଫଳ ମୂଳ ଉପରେ ନିର୍ଭର କରନ୍ତି ।

## ବଣ୍ଡା

କୋରାପୁଟ ଜିଲ୍ଲାର ବୋଣ୍ଡା ପାହାଡ଼ ନାମରେ ପରିଚିତ ଉଚ୍ଚ ପାହାଡ଼ରେ ବଣ୍ଡା ବା ଉଲଙ୍ଗ ଲୋକେ ବାସ କରନ୍ତି । ଏହି ଉପଜାତିର ମୋଟ ଲୋକସଂଖ୍ୟା ହେଉଛି ୪,୬୭୭ ଏବଂ ତନ୍ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ହେଉଛି ୨,୪୩୫ ଏବଂ ସ୍ତ୍ରୀ ଲୋକଙ୍କ ସଂଖ୍ୟା ହେଉଛି ୨,୨୪୨ । ବଣ୍ଡାମାନଙ୍କୁ ଅତି ଅସଭ୍ୟ, ବଣୁଆ ଓ ବର୍ବର ଏବଂ କୌତୁକପ୍ରଦ ବୋଲି ବର୍ଣ୍ଣନା କରାଯାଇଛି । ଭୌଗୋଳିକ ବିଚ୍ଛିନ୍ନତା ଏବଂ ଦୁର୍ଦ୍ଦାନ୍ତ ଓ ସ୍ୱାଧୀନ ପ୍ରକୃତି ଯୋଗେ ଏହି ଉପଜାତି ନିଜ ସଂସ୍କୃତିର ବୈଶିଷ୍ଟ୍ୟ ରକ୍ଷା କରିପାରିଛି । ବଣ୍ଡାମାନେ ନିଜକୁ 'ରେମୋ' କହନ୍ତି ଏବଂ ମୁଣ୍ଡା ଶ୍ରେଣୀୟ ଅଷ୍ଟ୍ରୋ-ଏସିଆଟିକ୍ ଭାଷା କହନ୍ତି ।

ପାହାଡ଼ ଶିଖରରେ ଲମ୍ବି ଯାଇଥିବା ଓ ଆମ୍ବ, ଜାମୁ ତୋଟାଦ୍ୱାରା ପରିବେଷ୍ଟିତ ଗାଁମାନଙ୍କରେ ବଣ୍ଡାମାନେ ବାସ କରନ୍ତି । ଘରଗୁଡ଼ିକ ଇତସ୍ତତଃ ଭାବରେ ବିକ୍ଷିପ୍ତ ଏବଂ ଗ୍ରାମରେ ନିୟମିତ ରାସ୍ତା ନାହିଁ । ଗାଁ ନିକଟରେ ସୁନ୍ଦର କଦଳୀ ଓ ଜଡ଼ା ବଗିଚା ଏବଂ ଧାନ କ୍ଷେତ ଦୃଷ୍ଟିଗୋଚର ହୁଏ । ଗାଁ ମଝିରେ ଥିବା ପଥରବେଦୀକୁ ସିନ୍ଧ-ବୋର କୁହାଯାଏ । ଏହି ସିନ୍ଧବୋରକୁ କେନ୍ଦ୍ରକରି ଗାଁର ସାମାଜିକ ଜୀବନ ଓ ଧର୍ମ ଗଢ଼ିଉଠିଛି ।

ସ୍ତ୍ରୀଲୋକମାନଙ୍କର ପୋଷାକ ପରିଚ୍ଛଦ ଓ ଅଳଙ୍କାର ବିଶେଷ ଉଲ୍ଲେଖଯୋଗ୍ୟ । ପୁରୁଣାକାଳିଆ ତନ୍ତରେ ବୁଣାଯାଇଥିବା ରେଙ୍ଗା ଲୁଗା ସ୍ତ୍ରୀଲୋକମାନେ ବ୍ୟବହାର କରନ୍ତି । ଏହି ଲୁଗାର ଓସାର ହେଉଛି ୮ଇଞ୍ଚ ଠାରୁ ୨୦ଇଞ୍ଚ ପର୍ଯ୍ୟନ୍ତ ଏବଂ ଲମ୍ବ ହେଉଛି ୨ ଫୁଟଠାରୁ ୩ ଫୁଟ ମଧ୍ୟରେ । ଏହି ଲୁଗା ଖଣ୍ଡିକ ସେମାନଙ୍କ ଅଣ୍ଟା ଚାରିପଟେ ଗୁଡ଼ିଆ ହୋଇଥାଏ । ବଣ୍ଡା ସ୍ତ୍ରୀମାନେ ବିଶେଷ ଭାବରେ ଅଳଙ୍କାରପ୍ରିୟ ଏବଂ ଏହି ଅଳଙ୍କାର ପିନ୍ଧିବା ପ୍ରଣାଳୀ ବିଶେଷ ଭାବରେ ସେମାନଙ୍କର ନଗ୍ନତାକୁ ଘୋଡ଼ାଇ ପକାଏ । ପିତଳ ଓ ବହୁନ ପ୍ରକାର ହାତ-ମାଳ ଏବଂ ରସ-ଡଅର ଖଡ଼ୁ ସେମାନଙ୍କର ହାତ ଓ ବେକକୁ ଘୋଡ଼ାଇ ରଖେ । ପୂର୍ଣ୍ଣରୂପେ ଲଣ୍ଡିତ-ମସ୍ତକ ହୋଇ ନାରୀମାନେ ମୁଣ୍ଡର ଚାରିପଟେ ବେଣୀ ପକାଯାଇଥିବା ଫିତା ବାନ୍ଧନ୍ତି । ଦୁଇ ବାହୁରେ ସେମାନେ ରୂପ କଡ଼ୁ ବା ବଳା ପିନ୍ଧନ୍ତି ।

କୃଷି ହେଉଛି ସେମାନଙ୍କର ପ୍ରଧାନ ଜୀବିକା । ସେମାନେ ବଣୁଆ ଫଳମୂଳ ଓ ବାଉଁଶ କରଡ଼ି ଇତ୍ୟାଦି ସଂଗ୍ରହ କରନ୍ତି । ଏହି ଉପଜାତିର ପ୍ରଧାନ ଖାଦ୍ୟ ହେଉଛି ମାଣ୍ଡିଆ । ସେମାନେ ଛେଳି, ଘୁଷୁରି ଓ କୁକୁଡ଼ା ପ୍ରଭୃତି ପଶୁପକ୍ଷୀ ପାଳନ କରନ୍ତି ଓ ସଲପ ମଦ ପିଇବାକୁ ଭଲ ପାଆନ୍ତି ।

ବଣ୍ଡାମାନେ ଦୁଇଟି ସମ୍ପ୍ରଦାୟରେ ବିଭକ୍ତ । ଗୋଟିଏ ହେଉଛି 'ଓନ୍ତାଲ୍' (ଗୋଖର) ଓ ଅନ୍ୟଟି ହେଉଛି 'କିଲେ' (ବାଘ) । ଏହାକୁ ବଂଶ କୁହାଯାଏ ଏବଂ ପଶୁ ପକ୍ଷୀଙ୍କ ନାମ ଅନୁସାରେ ବଂଶର ନାମ ହୋଇଥାଏ । ଗ୍ରାମ ହେଉଛି ପ୍ରଧାନ ସାମାଜିକ କେନ୍ଦ୍ରସ୍ଥଳ । ଗାଁ ଭିତରେ ବିବାହ କଠୋର ଭାବରେ ମନା କରାଯାଇଛି । ଗାଁର ମୁଖ୍ୟ ବ୍ୟକ୍ତିଙ୍କୁ ନାଏକ ଏବଂ ପୁରୋହିତଙ୍କୁ 'ଶିଷ' କୁହାଯାଏ ।

ବାଳକ ଓ ବାଳିକା ଉଭୟଙ୍କପାଇଁ ପୃଥକ୍ ଶୟନାଗାର ରହିଛି । ବାଳକ ଓ ବାଳିକାମାନେ ନିଜ ନିଜ ପାଇଁ ଉଦ୍ଦିଷ୍ଟ ଥିବା ଶୟନାଗାରରେ ଶୟନ



ଜଳକୁମ୍ଭ ହସ୍ତେ ବଣ୍ଡା ତରୁଣୀ

କରନ୍ତି । ବଣ୍ଡାମାନଙ୍କର ଯୋଷ୍ଠୀ-ଶୟନାଗାର ପ୍ରଧାନତଃ ଗୋଟିଏ ବିବାହ ଅନୁଷ୍ଠାନ (Matrimonial Agency)ର କାର୍ଯ୍ୟ କରେ । ବିବାହ ପୂର୍ବରୁ କୌଣସି ପ୍ରକାର ଯୌନ ସମ୍ପର୍କକୁ ସେମାନଙ୍କ ସମାଜରେ କଠୋର ଭାବରେ ନିଷେଧ କରାଯାଇଛି । ଭିନ୍ନ ଗ୍ରାମର ଯୁବତୀମାନଙ୍କର ଶୟନଗୃହକୁ ରାତିରେ ଯାଇ ସେମାନଙ୍କ ସହିତ ଥଟ୍ଟା ତାମସା ଓ ନାଚ ଗୀତରେ ଯୋଗ ଦେବାପାଇଁ ଯୁବକମାନଙ୍କୁ ଅନୁମତି ଦିଆଯାଏ । ଏହିପରି ଭାବରେ ବିବାହ-ଯୋଗ୍ୟା ସ୍ତ୍ରୀମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ସେମାନେ ସୁବିଧା ପାଆନ୍ତି ଏବଂ ପରିଶେଷରେ ପତ୍ନୀ ହିସାବରେ ଯାହାକୁ ମନୋନୀତ କରନ୍ତି, ଜୋର୍ କରି ତା' ହାତରେ କାଚ ପିନ୍ଧାଇ ଦିଅନ୍ତି । ବଣ୍ଡାମାନଙ୍କର 'ଶୟନାଗାର'ର ପ୍ରକୃତ ଲକ୍ଷ୍ୟ ହେଲା ବିବାହ ।

ଯୁବକ ନିଜର ପତ୍ନୀ ମନୋନୀତ କରେ ଏବଂ ପରେ ନିଜ ପିତାମାତାଙ୍କର ସମ୍ମତି ନିଏ । ନିୟମିତ ବିବାହକୁ 'ସେବଙ୍ଗ' କୁହାଯାଏ । ଏହି ପ୍ରକାର ବିବାହ ବ୍ୟୟସାପେକ୍ଷ ହୋଇଥିବାରୁ କେବଳ କେତେକ ଧନୀ ଲୋକ ଏହା କରିବାକୁ ସମର୍ଥ ହୁଅନ୍ତି । ପ୍ରେମିକ ଓ ପ୍ରେମିକା ପଳାୟନ କରି ବିବାହ କରିବା ବା କାହାଘରେ ପ୍ରବେଶ କରି ବିବାହ କରିବା (Marriage by elopement or intrusion) କ୍ୱଚିତ ଘଟିଥାଏ; ମାତ୍ର ବଳାତ୍କାରରେ ବିବାହ କରିବା ଏକ ସାଧାରଣ କଥା । ଦୁଇଟି ଅସାଧାରଣ ଘଟଣା ସେମାନଙ୍କର ପାରିବାରିକ ଜୀବନରେ ଗଣ୍ଡଗୋଳ ସୃଷ୍ଟି କରିଥାଏ । ପ୍ରଥମଟି ହେଉଛି ଯେ ସ୍ୱାମୀ ଅପେକ୍ଷା ସ୍ତ୍ରୀ ସାଧାରଣତଃ ଅଧିକ ବୟସ୍କା ହୋଇଥାଏ । ପ୍ରାପ୍ତ-ବୟସ୍କା ସ୍ତ୍ରୀମାନେ ସାଧାରଣତଃ ନିଜ ଅପେକ୍ଷା କମ୍ ବୟସର ପୁରୁଷମାନଙ୍କୁ ବିବାହ କରିବାକୁ ପସନ୍ଦ କରନ୍ତି, କାରଣ ସେମାନେ ବୃଦ୍ଧୀ ହୋଇଗଲେ କମ୍ ବୟସର ପୁରୁଷମାନେ (ଅପେକ୍ଷାକୃତ ସ୍ୱାସ୍ଥ୍ୟବାନ୍ ) ସେମାନଙ୍କ ନିମନ୍ତେ ରୋଜଗାର କରି ପାରିବେ । ଦ୍ୱିତୀୟତଃ ସ୍ୱାମୀ ସାଧାରଣତଃ ନିଜ ସାନ ଭାଇର ସ୍ତ୍ରୀ ସହିତ ପ୍ରଣୟରେ ଲିପ୍ତ ରହେ । ଏହି ଦୁଇ କାରଣ ଯୋଗେ ପାରିବାରିକ ଦ୍ୱନ୍ଦ୍ୱ ଓ ଛାଡ଼ପତ୍ରର ସୃଷ୍ଟି ହୋଇଥାଏ ।

ବଣ୍ଡାମାନେ ଅତ୍ୟନ୍ତ ଦୁର୍ଦ୍ଦାନ୍ତ । ହତ୍ୟାକାଣ୍ଡ ସେମାନଙ୍କ ନିକଟରେ ଏକ ସାଧାରଣ କଥା । ସମୟ ସମୟରେ ସେମାନେ ବାହାରର ଅନ୍ୟାନ୍ୟ ଗାଁ ଗଣ୍ଡା ଆକ୍ରମଣ କରି ସେଠାରୁ କୁକୁଡ଼ା, ସଲପ ମଦ ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ନେଇ ଯାଆନ୍ତି ।

## କୋୟା

ମାଲକାନ ଗିରି ମହକୁମାର ମୁଖ୍ୟ ଉପ-ଜାତି ହେଉଛନ୍ତି କୋୟା । ୧୯୬୧ ମସିହା ଜନଗଣନା ଅନୁଯାୟୀ ସେମାନଙ୍କର ସଂଖ୍ୟା ହେଉଛି ୩୬,୦୦୦ । ମାଲକାନଗିରି ମହକୁମାର ଘୋର ଅରଣ୍ୟ ଆଚ୍ଛାଦିତ ଦକ୍ଷିଣାଞ୍ଚଳରେ ସେମାନେ ଇତସ୍ତତଃ ଭାବରେ ରହିଛନ୍ତି । ଘୋର ଅରଣ୍ୟ ମଧ୍ୟରେ ବିକ୍ଷିପ୍ତ ଗ୍ରାମଗୁଡ଼ିକରେ କୋୟାମାନେ ବାସ କରନ୍ତି । ଅଧିକାଂଶ ସମୟରେ ସେମାନେ ନୂତନ ଜମି ଅନ୍ୱେଷଣରେ ବା ଭୌତିକ ଶକ୍ତିର ଭୟରେ ଏକ ଗ୍ରାମରୁ ଯାଇ ଅନ୍ୟ ଏକ ଗ୍ରାମରେ ବାସ କରନ୍ତି । ସେମାନଙ୍କର ଧାରଣା ଯେ ଶରୀର ଓ ଧନ ସମ୍ପଦ କ୍ଷତି କରିବାଭଳି ପ୍ରାକୃତିକ ବିପଦ ଏହି ଭୌତିକ ଶକ୍ତି ଦ୍ୱାରା ସଂଘଟିତ ହୋଇଥାଏ । ପ୍ରତ୍ୟେକ ଗ୍ରାମରେ 'ବଜାଗୁଡ଼ି' ବା 'ଠାକୁର ଘର' ଅଛି । ଗ୍ରାମର ମୁଖ୍ୟ ବ୍ୟକ୍ତି ବା 'ପେଡ଼ା'ର ଘର ନିକଟରେ ସାଧାରଣତଃ 'ବଜାଗୁଡ଼ି' ଥାଏ । କୋୟାମାନେ ଦ୍ରାବିଡ଼ ଭାଷା ଅନ୍ତର୍ଭୁକ୍ତ 'ଗୋଣ୍ଡ' ଭାଷା କହନ୍ତି ।

କେତେକ ଅଞ୍ଚଳରେ ସେମାନଙ୍କ ଭାଷା ମଧ୍ୟରେ ତେଲେଗୁ ଓ ଓଡ଼ିଆ ଭାଷା ମିଶି ରହିଛି ।

ଉତ୍କଳ ପ୍ରସଙ୍ଗ, ଡିସେମ୍ବର—୧୯୬୮



ପ୍ରକୃତି-ଦତ୍ତ ନିଖୋଳ ସ୍ୱାସ୍ଥ୍ୟରେ ବଳବାନ କୋୟା ଯୁଗଳ

କୋୟା ସମାଜରେ ସର୍ବାପେକ୍ଷା କ୍ଷୁଦ୍ର ସାମାଜିକ ଅନୁଷ୍ଠାନ ହେଉଛି 'କୁଟମ୍' ବା ପରିବାର । ସାଧାରଣତଃ ପିତା ଏବଂ ସେମାନଙ୍କର ସନ୍ତାନ ସନ୍ତତି ଏହାର ଅନ୍ତର୍ଗତ । ଏକ ପତ୍ନୀ ଗ୍ରହଣ ପଦ୍ଧତି ନିୟମ, ତଥାପି ଅନେକ କୋୟା ବହୁ ପତ୍ନୀ ଗ୍ରହଣ କରିଛନ୍ତି । ସାଧାରଣତଃ ପେଦ୍ଦମାନଙ୍କର ଏକରୁ ଅଧିକ ପତ୍ନୀ ଅଛନ୍ତି ସେମାନେ କେତେକ କଥା ବିଚାର କରି ସେହିପରି କରି ଥାଆନ୍ତି । ପ୍ରଥମତଃ ଅର୍ଥନୈତିକ କାର୍ଯ୍ୟ ସକାଶେ ସେମାନେ ଯଥେଷ୍ଟ ସାହାଯ୍ୟ ପାଆନ୍ତି । ଦ୍ୱିତୀୟତଃ ଯୌନ ଲାଳସାର ପରିତୃପ୍ତି ସକାଶେ ଅନେକ ସେହିପରି କରି ଥାଆନ୍ତି । କାରଣ ଅନେକ କ୍ଷେତ୍ରରେ ସ୍ତ୍ରୀମାନଙ୍କର ବୟସ ଅଧିକ ହୋଇଥାଏ । ପରିଶେଷରେ ଏକରୁ ଅଧିକ ଦାର ଗ୍ରହଣ କରିବାଦ୍ୱାରା କୋୟାମାନେ ଭାବନ୍ତି ଯେ ସମାଜରେ ସେମାନଙ୍କର ପ୍ରତିଷ୍ଠା ବଢ଼ି ଯାଇଛି ।

କୋୟାମାନେ ୫ଟି ଉପଜାତିରେ ବିଭକ୍ତ, ଯଥା— କୋଓ୍ୟାସି, ଓଡ଼ି, ମାଦକମ, ମାପା ଓ ପାଡ଼ିଏମ । ସେମାନଙ୍କ ଜାତିରେ ଯେ କୌଣସି ବ୍ୟକ୍ତି ନିଜର ଉପଜାତି ମଧ୍ୟରେ ବିବାହ କରି ପାରିବେ ନାହିଁ । ତାହାର କାରଣ ହେଉଛି ସେମାନେ ବିଶ୍ୱାସ କରନ୍ତି ଯେ ନିଜ ଜାତି ମଧ୍ୟରେ ପରସ୍ପର ସହିତ ରକ୍ତଗତ ସମ୍ପର୍କ ରହିଛି । କୌଣସି ବ୍ୟକ୍ତି କନ୍ୟା ଅନୁସନ୍ଧାନ କରିବାକୁ ଗଲେ, ସେ କେଉଁ ଉପଜାତି ବା 'କାଷ୍ଟା'ର ଲୋକ ବୋଲି ପ୍ରଶ୍ନ କରାଯାଇଥାଏ ।

କୋୟା ସମାଜରେ ଅବିବାହିତ ବ୍ୟକ୍ତିମାନଙ୍କୁ ସେମାନଙ୍କ ସମାଜର ପୂର୍ଣ୍ଣାଙ୍ଗ ସଭ୍ୟରୂପେ ଗ୍ରହଣ କରାଯାଇ ନଥାଏ । ସ୍ତ୍ରୀ ହେଉଛି ସବୁ କ୍ଷେତ୍ରରେ ସ୍ୱାମୀର ଅପରିହାର୍ଯ୍ୟ ସହକର୍ମୀ । କୋୟାମାନେ ବିବାହ ସକାଶେ ଝିଅର ଶାରୀରିକ ସୌନ୍ଦର୍ଯ୍ୟ ପ୍ରତି ସେତେଦୂର ପ୍ରାଧାନ୍ୟ ଦେଇ ନଥାନ୍ତି । କେବଳ ଝିଅର ଉତ୍ତମ ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଦକ୍ଷତାକୁ ନେଇ ବିବାହ ସ୍ଥିର କରାଯାଇଥାଏ ।

କୋୟାମାନେ 'ପେଣ୍ଡୁଲ୍' ନାମକ ଏକ ବୈବାହିକ ପଦ୍ଧତି ଅନୁସରଣ କରିଥାନ୍ତି । ଏହି ପଦ୍ଧତି ଅନୁଯାୟୀ ଜଣେ ଯୁବକ ଅନ୍ୟ ଗୋଷ୍ଠୀର ନିର୍ଦ୍ଦିଷ୍ଟ ଯୁବତୀକୁ ବିବାହ କରିବାକୁ ଇଚ୍ଛାକଲେ, ସେହି ଯୁବତୀ କ୍ଷେତରେ କିମ୍ବା ଜଙ୍ଗଲରେ କାର୍ଯ୍ୟ କରୁଥିବା ବେଳେ ତାହାକୁ ଦଳେ ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ବଳାତ୍କାରରେ ନେଇ ଆସିବାକୁ ହୋଇଥାଏ । ଏହି ପ୍ରକାର ବିବାହକୁ 'ଡାରୁସାର ପେଣ୍ଡୁଲ୍' କହିଥାନ୍ତି । ଏ ପ୍ରକାର ବିବାହରେ ଝିଅର ବାପ ଓ ମାଆଙ୍କୁ କ୍ଷତିପୂରଣ ଦେବାକୁ ହୋଇଥାଏ । ବଳାତ୍କାର ବିବାହକୁ "ଲେଉ-ଉଦ-ଓ୍ୟାଟା" କୁହାଯାଏ ।

> ମୋର—ମୋର ଏକା ନୁହେଁ, ଆମ ସମସ୍ତଙ୍କ ସ୍ୱପ୍ନର ସ୍ୱରାଜରେ ଜାତି ବା ଧର୍ମଗତ ଭେଦଭାବ ରହିବ ନାହିଁ । ଏହା ଶିକ୍ଷିତ ବା ଧନୀ ବ୍ୟକ୍ତିମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ । ସ୍ୱରାଜ ହେଉଛି ସମସ୍ତଙ୍କର । ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଭୋକିଲା ଲୋକଙ୍କ ସ୍ଥାନ ରହିଛି ।
>
> —ଗାନ୍ଧୀ

ସାଧାରଣତଃ ଉଭୟ ପକ୍ଷ ପ୍ରାପ୍ତ-ବୟସ୍କ ଓ ପ୍ରାପ୍ତ ବୟସ୍କା ବୋଲି ବିବେଚିତ ହେଲେ ସେମାନଙ୍କର ବିବାହ ଧାର୍ଯ୍ୟ କରାଯାଇଥାଏ । ବାଳକମାନଙ୍କର କାଖରେ ବାଳ ଓ ନିଶ ଉଠିଲେ ସେମାନଙ୍କୁ ପ୍ରାପ୍ତ-ବୟସ୍କ ଅଥବା ବିବାହଯୋଗ୍ୟ ବୋଲି ବିବେଚନା କରାଯାଇଥାଏ । ସେହିପରି ଝିଅମାନେ ପ୍ରାପ୍ତବୟସ୍କା ହେଲେ ସେମାନେ ବିବାହଯୋଗ୍ୟା ବୋଲି ବିବେଚିତ ହୋଇଥାନ୍ତି । କୋୟା ସମ୍ପ୍ରଦାୟରେ ସ୍ୱାମୀମାନଙ୍କ ବୟସ ତୁଳନାରେ ସ୍ତ୍ରୀମାନଙ୍କ ବୟସ ଅଧିକ ଥିବାର ଦେଖାଯାଏ ।

ସାଧାରଣତଃ ଫସଲ ଅମଳ ପରେ ପରେ ବିବାହ ସମୟ ଆସେ ଏବଂ ଏପ୍ରିଲ ମାସ ପର୍ଯ୍ୟନ୍ତ ବିବାହ-କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ ।

କୋୟମାନେ ଅନେକ ହିନ୍ଦୁ ଦେବଦେବୀଙ୍କୁ ନିଜର ଦେବଦେବୀ ରୂପେ ପୂଜା ଉପାସନା କରିଥାନ୍ତି । 'ମାଟେନସ୍ୱମ କୋଣ୍ଡା', 'ମାଣ୍ଡିଆଡ଼ା' ଓ 'ମାଲକାନଗିରି' ଆଦି ସ୍ଥାନର ଠାକୁରଙ୍କୁ ସେମାନେ ପୂଜା କରିଥାନ୍ତି । କୋୟା ସମ୍ପ୍ରଦାୟର ଲୋକେ ବସନ୍ତ ରୋଗକୁ ଠାକୁରାଣୀ ରୂପେ ମାନନ୍ତି ଓ ଅନ୍ଧ ମାନଙ୍କର ଭୟ ମଧ୍ୟ କରନ୍ତି । ଏହାଛଡ଼ା ସେମାନେ ବିଭିନ୍ନ ମାସରେ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ଉପାସନା କରିଥାନ୍ତି । ଏଗୁଡିକ ହେଲା "ବିଜା ପାଣ୍ଡୁ", "କୋଡ଼ତା ପାଣ୍ଡୁ", "କାମୁଡ ପାଣ୍ଡୁ" ଓ "ଇଣ୍ଡୁ" । ବୈଶାଖ ଓ ଜ୍ୟୈଷ୍ଠ ମାସରେ ପୃଥିବୀମାତାର ପୂଜା କରାଯିବା ବେଳେ ବିଜା ପାଣ୍ଡୁ ଉତ୍ସବ ପାଳିତ ହୋଇଥାଏ । ଭଲ ଫସଲ ପାଇବାପାଇଁ ଏହି ଦେବୀଙ୍କ ଉପାସନା କରାଯାଇଥାଏ ଏବଂ ଏହି ଉତ୍ସବରେ ଆନୁଷ୍ଠାନିକଭାବେ ଆମ୍ବ ଖିଆଯାଇଥାଏ ।

କୋୟମାନେ ମୁଖ୍ୟତଃ ପୋଡୁ ଚାଷୀ । ସେମାନେ ଆଜକାଲି ପାଣି ମଡ଼ାଇ ମଧ୍ୟ ଚାଷ କରୁଛନ୍ତି । ଏହି ଚାଷ ବ୍ୟତୀତ ସେମାନେ ଜଙ୍ଗଲରୁ ଫଳମୂଳ ଓ କନ୍ଦମୂଳ ଆଦି ସଂଗ୍ରହ କରିଥାନ୍ତି । ସେମାନେ ମାର୍ଚ୍ଚ ଓ ଅପ୍ରେଲ ମାସରେ ମହୁଲ ସଂଗ୍ରହ କରନ୍ତି ଏବଂ ସେଗୁଡ଼ିକୁ ଶୁଖାଇ ଭବିଷ୍ୟତରେ ବ୍ୟବହାର କରିବାପାଇଁ ମହଜୁଦ୍ ରଖିଥାନ୍ତି ।

କୋୟମାନେ ଭଲଭାବେ ଶିକାର କରି ଜାଣନ୍ତି । ବର୍ଷସାରା ସେମାନେ ବନ୍ୟ ପକ୍ଷୀ, ଗୁଣ୍ଡୁଚି ମୂଷା, ଠେକୁଆ ଆଦି ଶିକାର କରିଥାନ୍ତି । ସେମାନେ ଅପ୍ରେଲ ମାସରେ ଆନୁଷ୍ଠାନିକଭାବେ ଶିକାର ଆରମ୍ଭ କରନ୍ତି ।

'ପେଦା' ହେଉଛି ଗ୍ରାମର ସାମାଜିକ ଓ ରାଜନୈତିକ ମୁଖିଆ ବ୍ୟକ୍ତି । ସେ ଧର୍ମସମ୍ବନ୍ଧୀୟ ଉତ୍ସବ ଓ ସଭା ଇତ୍ୟାଦି କରିବାରେ ମଧ୍ୟ ପୁରୋହିତ ଓ ଗ୍ରାମବାସୀମାନଙ୍କୁ ପ୍ରଥମେ ଉତ୍ସାହିତ କରିଥାନ୍ତି । ସାଧାରଣତଃ ଉତ୍ତରାଧିକାରୀ ସୂତ୍ରରେ 'ଗ୍ରାମ ମୁଖିଆ' ସ୍ଥାନ ପୂରଣ କରାଯାଇଥାଏ । ଗାଁରେ କୌଣସି ଗଣ୍ଡଗୋଳ ଓ ବାଦବିବାଦ ଉପୁଜିଲେ ଗ୍ରାମ ମୁଖିଆ ତାହା ନିଷ୍ପତ୍ତି କରିଥାନ୍ତି । ତାହାଙ୍କର ମୃତ୍ୟୁ ପରେ ତାଙ୍କର ବଡ଼ ପୁଅ ମୁଖ୍ୟ ହୋଇଥାନ୍ତି । ଗ୍ରାମ ମୁଖିଆ ଯେଉଁ ନିଷ୍ପତ୍ତି କରନ୍ତି, ତାହା ବିରୁଦ୍ଧରେ କେହି ପ୍ରତିବାଦ କରନ୍ତି ନାହିଁ । କୌଣସି ମୁଖିଆ ବ୍ୟକ୍ତି ଯଦି

ଗ୍ରାମରେ ଅପ୍ରିୟ ହୋଇ ପଡ଼ନ୍ତି, ତାହାହେଲେ ଗ୍ରାମବାସୀମାନେ ଏକତ୍ରିତ ହୋଇ ଗ୍ରାମର ଅନ୍ୟ ଏକ ପ୍ରଧାନ ଲୋକଙ୍କୁ ମୁଖିଆ ରୂପେ ବାଛିଥାନ୍ତି ।

ଗ୍ରାମ ମୁଖିଆଙ୍କୁ ଛାଡ଼ିଦେଲେ ଗ୍ରାମର କାର୍ଯ୍ୟରେ ପୁରୋହିତ ପ୍ରଧାନ ସ୍ଥାନ ଗ୍ରହଣ କରିଥାନ୍ତି । ପୁରୋହିତଙ୍କ କାର୍ଯ୍ୟ ମୁଖ୍ୟତଃ ଧର୍ମ ପରବର ମଧ୍ୟରେ ସୀମାବଦ୍ଧ ଥିଲେ ମଧ୍ୟ କୋୟାମାନେ ଏହି ନେତାଙ୍କୁ ବହୁତ ସମ୍ମାନ ଦେଖାଇଥାନ୍ତି । ଈଶ୍ୱରଙ୍କ ସହିତ ସେ ଯୋଗସୂତ୍ର ରଖନ୍ତି ଏବଂ ମନୁଷ୍ୟ ଓ ଦେବତାମାନଙ୍କ ମଧ୍ୟରେ ସେ ମଧ୍ୟସ୍ଥ ହୁଅନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଉତ୍ତରାଧିକାର ସୂତ୍ରରେ ପୁରୋହିତ ମଧ୍ୟ ଗ୍ରାମର ଧର୍ମ ସମ୍ପର୍କୀୟ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ପୁରୋହିତଙ୍କ ମୃତ୍ୟୁପରେ ତାଙ୍କର କେହି ପୁଅ ନ ଥିଲେ ତାହାଙ୍କ ଭାଇଙ୍କ ପୁଅ ସେହି କାର୍ଯ୍ୟ କରିଥାନ୍ତି । ପୁରୋହିତ ହେବା ପୂର୍ବରୁ ଆଚାରବିଧି ସମ୍ପର୍କରେ ଦୀକ୍ଷା ନେବାକୁ ପଡ଼ିଥାଏ ଏବଂ ସଂଯମୀ ଓ ଜିତେନ୍ଦ୍ରିୟ ହେବାକୁ ହୋଇଥାଏ ।

ଗ୍ରାମରେ ଓ୍ୱାଡ଼ ହେଉଛି ଜଣେ ଯାଦୁକର । କୋୟା ସମାଜରେ ସେ ମଧ୍ୟ ମୁଖିଆ ଓ ପୁରୋହିତଙ୍କ ପରି ମୁଖ୍ୟ ସ୍ଥାନ ଅଧିକାର କରିଥାନ୍ତି । ଏହି ଯାଦୁକରମାନେ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ କିମ୍ବା ଉତ୍ତରାଧିକାର ସୂତ୍ରରେ କେହି ଯାଦୁକର ହୁଅନ୍ତି ନାହିଁ । ଯାଦୁକର ହେବାପାଇଁ କେତେଗୁଡ଼ିଏ ବିଶିଷ୍ଟ ଗୁଣ ଅବଶ୍ୟକ । ସେ ଗୁଣଗୁଡ଼ିକ ଯେଉଁମାନଙ୍କଠାରେ ଦେଖାଯାଏ, ସେମାନେ କେବଳ ଯାଦୁକର ହୋଇଥାନ୍ତି । ଶିଶୁର ଜନ୍ମପରେ ଶିଶୁର ମୁଣ୍ଡରେ ଜଟା ବାଳ ଦେଖାଗଲେ ଜଣାଯିବ ଯେ ସେ ହେବ କୋୟା ସମ୍ପ୍ରଦାୟର ଯାଦୁକର । ଶିଶୁ ଅବସ୍ଥାରୁ ସେହି ଶିଶୁକୁ ବାପମାଆଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ରଖାଯିବ । ଶିଶୁର ଖାଦ୍ୟପେୟ ଆଦିରେ କେତେକ ନିଷେଧ ରଖାଯିବ । ବାଳକ ଅବସ୍ଥାରୁ ତାହାକୁ ଯାଦୁକର ଟ୍ରେନିଂ ନେବାପାଇଁ ଜଣେ ଯାଦୁକାରଙ୍କ ଅଧୀନରେ ରହିବାକୁ ପଡ଼େ ।

କୋରାପୁଟ ଜିଲ୍ଲାର ଆଦିବାସୀମାନେ ଜାତୀୟ ସଂସ୍କୃତିର ବହୁ ତଳେ ପଡ଼ି ରହିଛନ୍ତି । ଭାରତର ଜାତୀୟ ଗଣତାନ୍ତ୍ରିକ ସଂଗଠନରେ ଆଦିବାସୀମାନଙ୍କୁ ଏକତ୍ରିତ କରିବାକୁ ହେଲେ ସେମାନଙ୍କ ଆର୍ଥିକ ଓ ଶିକ୍ଷାଗତ ସ୍ତରକୁ ଉନ୍ନତ କରିବାକୁ ହେବ । ସେଥିପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ଯଦି ସମାଜ ବିଜ୍ଞାନବିତ୍‌ମାନେ ଆଦିବାସୀଙ୍କ ସଂସ୍କୃତିକୁ ବିଜ୍ଞାନ-ସମ୍ମତ ପନ୍ଥାରେ ଅନୁସନ୍ଧାନ ବା ଗବେଷଣା ନ କରନ୍ତି, ତାହାହେଲେ ସେମାନଙ୍କ ଆର୍ଥନୈତିକ ଓ ଶିକ୍ଷାର ବିକାଶ ପାଇଁ ଯେଉଁ ବ୍ୟବସ୍ଥା ଓ ଉଦ୍ୟମମାନ କରାଯାଉଛି, ତାହା ସବୁ ବିଫଳ ହେବ ।

*

"ଆମକୁ ଆନନ୍ଦ ଦେଉଥିବା ବଣ ଜଙ୍ଗଲର ଅସଂଖ୍ୟ ଜୀବଜନ୍ତୁଙ୍କୁ ଆମେ ବନ୍ୟପ୍ରାଣୀ ବୋଲି କହୁ । ସଭ୍ୟତା ଓ ସଂସ୍କୃତି ସତ୍ତ୍ୱେ ବି ଆଜିର ମଣିଷ ଏହି ହିଂସ୍ର ବନ୍ୟଜନ୍ତୁଙ୍କଠାରୁ ଅଧିକ ମାରାତ୍ମକ । ଜଙ୍ଗଲରେ ବାସ କରୁଥିବା ଅସଂଖ୍ୟ ପ୍ରାଣୀଙ୍କର ସଂସ୍ପର୍ଶ ମଣିଷର ଜୀବନକୁ ସରସ ଓ ମଧୁମୟ କରୁଛି । ତେଣୁ କ୍ରମେ ଲୋପ ପାଇ ଯାଉଥିବା ବନ୍ୟଜନ୍ତୁଙ୍କର ରକ୍ଷଣାବେକ୍ଷଣ ପାଇଁ ଦେଶରେ ଯେତେ ବେଶି ପଶୁ ଓ ପକ୍ଷୀମାନଙ୍କ ଲାଗି ଆଶ୍ରୟ ସ୍ଥଳୀ ଖୋଲାଯାଇ ପାରେ ସେତେ ଭଲ ।"

—ଜବାହରଲାଲ୍ ନେହରୁ

**ଓଡ଼ିଶାର ପ୍ରୟୋଗାତ୍ମକ ପୁଷ୍ଟିକର ଖାଦ୍ୟ<br>ସମ୍ପର୍କରେ କେତେକ ପରୀକ୍ଷା**

# ପୁଷ୍ଟିକର ଖାଦ୍ୟ-ପ୍ରୟୋଗର ପରୀକ୍ଷା

ଓଡ଼ିଶାର ପଞ୍ଚାୟତରାଜ କମିଶନର ଶ୍ରୀ ଜି. ଏସ୍. ମାଥୁର୍, ଆଇ. ଏ. ଏସ୍.ଙ୍କ ଲିଖିତ "The Orissa Experiment in Applied Nutrition" ବହିରୁ ଗୃହୀତ ।

[ ସଂ. ଉ: ପ୍ର: ]

ପୁଷ୍ଟିକର ଖାଦ୍ୟର ଦୁର୍ଲଭତା ଓ ଉପଯୁକ୍ତ ପରିମାଣ ଖାଦ୍ୟର ଅଭାବ—ଏହି ଦୁଇଟି ଆସୁରିକ ଶକ୍ତି ସମଗ୍ର ଜାତିର ସ୍ୱାସ୍ଥ୍ୟ ନଷ୍ଟ କରୁଛନ୍ତି । ଦ୍ରୁତ ଗତିରେ ବଢ଼ୁଥିବା ଜନସଂଖ୍ୟା ଓ ଖାଦ୍ୟ ଶସ୍ୟର ଉତ୍ପାଦନ ମଧ୍ୟରେ ଥିବା ଅସମତା ଯୋଗେ ଏକ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଛି । ତୁରନ୍ତ ଏହାର ପ୍ରତିକାର କରିବା ଆବଶ୍ୟକ । ଯେଉଁ ଡାକ୍ତର ଓ ଗବେଷକମାନେ ଏଥିପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କର ଉଦ୍ୟମରୁ ଆମେ ଜାଣିବାକୁ ପାଉଛୁ ଯେ ଆବଶ୍ୟକ ପରିମାଣରେ ଖାଦ୍ୟସାର ପାଇବାକୁ ହେଲେ ବିଭିନ୍ନ ପ୍ରକାରର ଖାଦ୍ୟ ଦ୍ରବ୍ୟ ବ୍ୟବହାର କରିବା ହେଉଛି ସର୍ବୋତ୍କୃଷ୍ଟ ପନ୍ଥା । ତେଣୁ ଆମ୍ଭମାନଙ୍କୁ ଅଧିକ ପରିମାଣରେ ଶରୀର-ରକ୍ଷାକାରୀ ଖାଦ୍ୟଦ୍ରବ୍ୟ (Protective food) ବ୍ୟବହାର କରିବାକୁ ହେବ । ପ୍ରୟୋଗମୂଳକ ପୁଷ୍ଟିକର ଖାଦ୍ୟ ଯୋଜନାର ଉଦ୍ଦେଶ୍ୟ ହେଉଛି ଏହି ପ୍ରକାର ଖାଦ୍ୟର ବହୁଳ ବ୍ୟବହାର ଚଳାଇବା ।

ଓଡ଼ିଶାରେ ବର୍ତ୍ତମାନ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ବର୍ତ୍ତମାନ ପ୍ରଶ୍ନ ହେଉଛି ପ୍ରୟୋଗାତ୍ମକ ପୁଷ୍ଟିକର ଖାଦ୍ୟ ଯୋଜନା କରିବା ଉଚିତ ହେବକି ନାହିଁ, ହେଲେ ଓଡ଼ିଶାର ଗାଁ ଗହଳରେ ଏହା କାର୍ଯ୍ୟକାରୀ କରାଯାଇ ପାରିବ କି ନାହିଁ ? ଏହାଦ୍ୱାରା ଅନ୍ୟାନ୍ୟ ସ୍ଥାନରେ କି ପ୍ରକାର ଉପକାର ଦେଖା ଦେଇଛି ? ଏପର୍ଯ୍ୟନ୍ତ ଏଥିରେ ଯେଉଁ ସଫଳତା ଅର୍ଜନ କରାଯାଇ ପାରିଛି, ତାହାରି ଭିତ୍ତିରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ସକାଶେ ତାହା କ'ଣ ଯଥେଷ୍ଟ ?

ଉକ୍ତ ଯୋଜନାକୁ ଉତ୍ତମରୂପେ କାର୍ଯ୍ୟକାରୀ କରିବାକୁ ହେଲେ ଏହି ପ୍ରଶ୍ନ ଗୁଡ଼ିକର ସନ୍ତୋଷଜନକ ଉତ୍ତର ଦରକାର ।

ଭାରତର ଅଧିକାଂଶ ଲୋକ ଉତ୍କୃଷ୍ଟ ଓ ଉପଯୁକ୍ତ ଧରଣର ଖାଦ୍ୟ ଖାଇବାକୁ ନ ପାଇ ଖରାପ ଖାଦ୍ୟ ଖାଇବା ଫଳରେ ସାରା ଜୀବନ ତାର କୁ-ଫଳ ଭୋଗ କରନ୍ତି ଓ ନାନା ପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହୁଅନ୍ତି । ପୁଷ୍ଟିକର ଖାଦ୍ୟର ଅଭାବରେ ଲୋକଙ୍କର କାମ କରିବାକୁ ସ୍ପୃହା ଆସେ ନାହିଁ ଓ ଏହା ଫଳରେ ଉତ୍ପାଦନ କମ ହେଉଥିବାର ଅଭିଯୋଗ ହୁଏ । ତେଣୁ ସବୁ ଦେଶରେ ପୁଷ୍ଟିକର ଖାଦ୍ୟର ଉନ୍ନତ ବିଧାନ ଆବଶ୍ୟକ । ଗାଁ ଗହଳର ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ଚାହିଁ ପୁଷ୍ଟିକର ଖାଦ୍ୟର

ଉତ୍ପାଦନ ଓ ବ୍ୟବହାର ବିଷୟରେ ଜନସାଧାରଣଙ୍କୁ ଶିକ୍ଷା ଓ ତାଲିମ ଦିଆଯିବା ଉଚିତ । ଏକ ପକ୍ଷରେ ଭାରତ ସରକାର ଓ ରାଜ୍ୟ ସରକାରମାନେ ଏବଂ ଅନ୍ୟପକ୍ଷରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ଅନୁଷ୍ଠାନ, ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଓ ମିଳିତ ଜାତିସଂଘର ଅନ୍ତର୍ଜାତିକ, ସାଂସ୍କୃତିକ ଓ ଅର୍ଥନୈତିକ ପାଣ୍ଠିର ମିଳିତ ଉଦ୍ୟମରେ ଭାରତର ଗାଁ ଗହଳରୁ ପୁଷ୍ଟିକର ଖାଦ୍ୟର ଅଭାବ ଦୂର କରିବା ସକାଶେ ଜାତୀୟ ଭିତ୍ତିରେ କାର୍ଯ୍ୟ କରାଯାଉଛି ।

ଏହାର ଲକ୍ଷ୍ୟ ହେଉଛି—

(କ) ପୁଷ୍ଟିକର ଖାଦ୍ୟ ତଥା ଆନୁଷଙ୍ଗିକ ବିଷୟ-ଗୁଡ଼ିକରେ ବିସ୍ତୃତ ଭାବରେ ଶିକ୍ଷା ଓ ତାଲିମ ଦେବା ନିମନ୍ତେ ଏକ ଜାତୀୟ ଯୋଜନାର ଅଭିବୃଦ୍ଧି ଏବଂ ଉତ୍ପାଦନ, ସଂରକ୍ଷଣ ଓ ଅଧିକ କାଳ ସ୍ଥାୟୀ ହେବା ଭଳି ଖାଦ୍ୟର ବ୍ୟବହାର ସମ୍ପର୍କରେ ପ୍ରଚାର କରିବା ସକାଶେ ପ୍ରଚାର ସଂସ୍ଥାର ବିକାଶସାଧନ ।

(ଖ) ଶିକ୍ଷାଦ୍ୱାରା ଓ ବିଭିନ୍ନ ପ୍ରକାର ନମୁନା ଦେଖାଇବା ଦ୍ୱାରା ଗାଁ ଗହଳର ଲୋକଙ୍କ ମଧ୍ୟରେ ଉତ୍ପାଦନ, ସଂରକ୍ଷଣ ଓ ସଂରକ୍ଷିତ ଖାଦ୍ୟର ବ୍ୟବହାର ସମ୍ବନ୍ଧୀୟ ସ୍ୱାସ୍ଥ୍ୟପ୍ରଦ କାର୍ଯ୍ୟକଳାପର ଅଭିବୃଦ୍ଧି ।

(ଗ) ଏହି କାର୍ଯ୍ୟରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କର ତାଲିମ ସମ୍ପର୍କରେ ସୁବ୍ୟବସ୍ଥା ।

ସ୍ଥିରିକୃତ କାର୍ଯ୍ୟସୂଚୀ ଅନୁଯାୟୀ ମିଳିତ ଜାତି-ସଂଘର ଆନ୍ତର୍ଜାତିକ, ସାଂସ୍କୃତିକ ଓ ଅର୍ଥନୈତିକ ପାଣ୍ଠି (UNICEF) କେତେକ ନିର୍ଦ୍ଦିଷ୍ଟ ତାଲିମକେନ୍ଦ୍ର ଓ ଗୋଷ୍ଠୀ ଉନ୍ନୟନ ବ୍ଲକ୍ ତଥା ଉତ୍ପାଦନ କେନ୍ଦ୍ରକୁ କୁକୁଡ଼ା ପାଳନ, ମାଛ ଚାଷ, ଗାଁ ଗହଳରେ ଦୁଗ୍ଧ ଉତ୍ପାଦନ ଓ ଗୋପାଳନ ସକାଶେ ଆବଶ୍ୟକୀୟ ଉପକରଣ, ଶିକ୍ଷା ଉପକରଣ, ଗବେଷଣା-



ଜୀବନର ପ୍ରଥମରୁ ହିଁ ପୁଷ୍ଟିକର ଖାଦ୍ୟ ବିଶେଷ ଆବଶ୍ୟକ

ଗାର ଓ ରେଡ଼ିଓ ଆଦି ଯନ୍ତ୍ରପାତି, ଏବଂ ସଂରକ୍ଷଣ ଯନ୍ତ୍ରପାତି ଯୋଗାଇ ସାହାଯ୍ୟ କରିବ । ତାଲିମ ଶିକ୍ଷାର୍ଥୀଙ୍କ ସାହାଯ୍ୟ କରିବା ସକାଶେ ଖାଦ୍ୟ ଓ କୃଷି ଅନୁଷ୍ଠାନ ବିଶେଷଜ୍ଞ ପଠାଇବ ଓ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ସ୍ୱାସ୍ଥ୍ୟ ମାମଲାରେ ମଧ୍ୟ ଅନୁରୂପ ସାହାଯ୍ୟ ଦେବ । ଏହି ଯୋଜନାକୁ ସଫଳରେ କାର୍ଯ୍ୟକାରୀ କରିବାକୁ ଏବଂ ମିଳିତ ଜାତିସଂଘର ବିଭିନ୍ନ ଅନୁଷ୍ଠାନ ତରଫରୁ ଦିଆ ଯାଉଥିବା ସାହାଯ୍ୟ ବ୍ୟତୀତ ଘର ନିର୍ମାଣ ଇତ୍ୟାଦି ପାଇଁ ଆବଶ୍ୟକୀୟ ଅର୍ଥ ଦେବାକୁ ଭାରତ ସରକାର ଓ ରାଜ୍ୟ ସରକାରମାନେ ରାଜି ହୋଇଛନ୍ତି । ସମସ୍ତ ଖର୍ଚ୍ଚର ଶତକଡ଼ା ୯୦ ଭାଗ ଭାରତ ସରକାର ଓ ରାଜ୍ୟ ସରକାରମାନେ ଦେବେ ।

## ଜାଣନ୍ତି କି ?

କଟକର ବଡ଼ ଡାକ ଘରେ (ଜେନେରାଲ ପୋଷ୍ଟ ଅଫିସରେ) ଦୈନିକ हାରାହାରି ଏକ ହଜାର ଟଙ୍କାର ଟିକଟ, ପୋଷ୍ଟକାର୍ଡ ଓ ଲଫାପା ଇତ୍ୟାଦି ବିକ୍ରୀ ହୁଏ, ଦୈନିକ ପ୍ରାୟ ୩୦୦ଟି ମନିଅର୍ଡର ଗ୍ରହଣ କରାଯାଏ, ଏବଂ ବାଧ୍ୟତାମୂଳକ ସଞ୍ଚୟ ବାବଦ ଦୈନିକ ହାରାହାରି ଟ ୧୫,୦୦୦ (ପନ୍ଦର ହଜାର) ଟଙ୍କା ସଂଗୃହୀତ ହୋଇଥାଏ । ସେଠାରେ ଥିବା ଟେଲିଗ୍ରାଫ୍ ଅଫିସରୁ ଦୈନିକ ପ୍ରାୟ ଦୁଇଶହ ପଚାଶଟି ଟେଲିଗ୍ରାମ ବାହାରକୁ ପଠାଯାଇଥାଏ ।

ଓଡ଼ିଶାରେ ପୁଷ୍ଟିକର ଖାଦ୍ୟର ଅଭାବ ଦୂର କରିବା ପାଇଁ ୧୯୬୯-୭୦ ମସିହାରେ ଏକ ପୁଷ୍ଟିକର ଖାଦ୍ୟ ଯୋଜନା ବ୍ୟାପକ ଭାବରେ ଆରମ୍ଭ କରାଯାଇଥିଲା । ତାହାଫଳରେ ମାଛ ଚାଷ, ଗ୍ରାମଗୋଷ୍ଠୀ ବିଦ୍ୟାଳୟରେ ଫଳ ଓ ପନିପରିବା ଚାଷ, କୁକୁଡ଼ା ପାଳନ ଇତ୍ୟାଦି ବିଷୟରେ ଶିକ୍ଷା ଦେବା ପାଇଁ କେତେକ ବ୍ଲକ୍‌ରେ ଏକ ପାଞ୍ଚବର୍ଷିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସେଠାରେ ପୁଷ୍ଟିକର ଖାଦ୍ୟ ଓ ସୁଷମ ଖାଦ୍ୟର ଉପାଦେୟତା, ଉପଯୁକ୍ତ ରନ୍ଧନ ପ୍ରଣାଳୀ ଏବଂ ସ୍ଥାନୀୟ ଖାଦ୍ୟର ଉପଯୁକ୍ତ ସଂରକ୍ଷଣ ଇତ୍ୟାଦି ବିଷୟରେ ତାଲିମ୍ ଦିଆଯାଏ । ବିଭିନ୍ନ ରୋଗର ପ୍ରତିଷେଧକ ତଥା ଆରୋଗ୍ୟମୂଳକ ବ୍ୟବସ୍ଥା, ବିଶୁଦ୍ଧ ପାନୀୟଜଳ ଏବଂ ବିଭିନ୍ନ ସ୍ୱାସ୍ଥ୍ୟକର ବ୍ୟବସ୍ଥା ମଧ୍ୟ ଏହାର ଅନ୍ତର୍ଭୁକ୍ତ । ମହିଳାମଣ୍ଡଳୀ ଓ ଯୁବ ଅନୁଷ୍ଠାନ ଗ୍ରାମ ପଞ୍ଚାୟତ ଏବଂ ଗ୍ରାମ ସ୍କୁଲଗୁଡ଼ିକୁ ନେଇ ଏହି ଆନ୍ଦୋଳନ ଗଢ଼ି ଉଠିଛି । ପ୍ରତ୍ୟେକ ମହିଳାମଣ୍ଡଳୀରେ ୨୦ ଜଣ ମାତା ଓ ୫୦ ଜଣ ଶିଶୁଙ୍କୁ ସୁଷମ ଖାଦ୍ୟ ଦିଆଯାଏ ଏବଂ ପ୍ରତ୍ୟେକ ସ୍କୁଲର ଦୁଇଏକର ଜମିରେ ଫଳ ଓ ପନିପରିବା ଚାଷ କରାଯାଏ ଓ ସେଥିପାଇଁ ସବୁପ୍ରକାର ସୁବିଧା କରାଯାଏ । ତେଣୁ ବିଦ୍ୟାଳୟଗୁଡ଼ିକ 'ପ୍ରଦର୍ଶନାଗାର'ର କାର୍ଯ୍ୟ କରେ ।

ମହିଳାସମିତି, ମହିଳାମଣ୍ଡଳୀ ଓ ବିଦ୍ୟାଳୟଗୁଡ଼ିକ ତରଫରୁ ଶିଶୁମାନେ ସପ୍ତାହରେ ଛଅ ଦିନ ଦୁଗ୍ଧ ପିଇବା ପାଇଁ ବ୍ୟବସ୍ଥା କରାଯାଏ ।

ଏହି ଯୋଜନାର ମୂଲ୍ୟ ଓ ପ୍ରଭାବ ନିର୍ଦ୍ଧାରଣ ଏବଂ ପୁଷ୍ଟିକର ଖାଦ୍ୟର ଉତ୍ପାଦନ ଓ ବିକ୍ରୟ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ରାଜ୍ୟ ମୂଲ୍ୟ ନିର୍ଦ୍ଧାରଣ ବିଭାଗ ଦ୍ୱାରା ହୋଇଥାଏ । ଗାଁ ଗହଳର ଲୋକଙ୍କ ଦ୍ୱାରା ଏହି ଯୋଜନା ଆଦୃତ ହୋଇଛି କି ନାହିଁ ତାହା ଅନୁଧ୍ୟାନ କରିବା ହେଉଛି ଏହାର ଲକ୍ଷ୍ୟ । ଏପର୍ଯ୍ୟନ୍ତ ୩୨ଟି ଗ୍ରାମର ୧,୧୦୦ ପରିବାରଙ୍କ ମଧ୍ୟରେ ଏହି ସମ୍ପର୍କରେ ଅନୁସନ୍ଧାନ କରାଯାଇଛି ।

୧୯୬୯-୭୦ ମସିହାରେ ବ୍ୟାପକ କୁକୁଡ଼ା-ପାଳନ ଆରମ୍ଭ କରାଯିବା ପୂର୍ବରୁ ହାରାହାରି ପ୍ରତି ଦୁଇଗୋଟି ପରିବାରରେ ଗୋଟିଏ ମାତ୍ର କୁକୁଡ଼ା ଥିଲା । ବର୍ତ୍ତମାନ ପ୍ରତି ପରିବାରରେ ଦୁଇଟି ଲେଖାଏଁ କୁକୁଡ଼ା ରହିଛି । ପ୍ରତି ଆଠ ଗୋଟି କୁକୁଡ଼ା ମଧ୍ୟରେ ଉତ୍କୃଷ୍ଟ ଧରଣର ଗୋଟିଏ ଆର୍. ଆଇ. ଆର୍. ବା ହ୍ୱାଇଟ୍ ଲେଗ୍‌ହର୍ଣ୍ଣ ରହିଛି । ଅନୁସନ୍ଧାନଦ୍ୱାରା ଆହୁରି ମଧ୍ୟ ଜଣାଯାଇଛି ଯେ ସ୍ୱଳ୍ପ ଆୟ ବିଶିଷ୍ଟ ଲୋକମାନେ ସ୍ଥାନୀୟ କୁକୁଡ଼ା ପାଳନ କରୁଥିବା ବେଳେ ବିଶେଷ ଆୟ କରୁଥିବା ଲୋକେ ଉନ୍ନତ ଧରଣର କୁକୁଡ଼ା ପାଳନ କରୁଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ କରାଯିବା ପୂର୍ବରୁ ତିନି ସପ୍ତାହରେ ମୁଣ୍ଡପିଛା ପ୍ରାୟ ଗୋଟିଏ ମାତ୍ର ଅଣ୍ଡା ଖର୍ଚ୍ଚ ହେଉଥିଲା । ଏହି ଅନୁସନ୍ଧାନ ଚାଲିଥିବା ସମୟରେ ଦେଖାଗଲା ଯେ ସପ୍ତାହରେ ମୁଣ୍ଡପିଛା ଗୋଟିଏ ଅଣ୍ଡା ଖର୍ଚ୍ଚ ହେଉଛି । କୁକୁଡ଼ା ପାଳନ କରୁଥିବା ପରିବାରରେ ଅଣ୍ଡା ଖର୍ଚ୍ଚ ବିଶେଷ ଭାବରେ ବୃଦ୍ଧି ପାଇବାର ଲକ୍ଷିତ ହୋଇଥିଲା ।


ଘରୋଇ-ବଗିଚା କାର୍ଯ୍ୟକ୍ରମ (Kitchen Garden Programme) ଅନୁଯାୟୀ ୧,୦୯୦ଟି ପରିବାର ମଧ୍ୟରୁ ୭୧୫ଟି ପରିବାର ଘରୋଇ ବଗିଚା ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ସପ୍ତାହରେ ମୁଣ୍ଡ ପିଛା ପରିବା-ଉତ୍ପାଦନ ଖୁବ୍ କମ ଥିଲା । ଅନୁସନ୍ଧାନ କାର୍ଯ୍ୟ ଚାଲିଥିବା ସମୟରେ ଏହା ୫ ଗୁଣ ଅଧିକ ବୃଦ୍ଧି ପାଇଥିଲା ଓ ସାପ୍ତାହିକ ପରିବା ଖର୍ଚ୍ଚ ୪ ଗୁଣରୁ ବୃଦ୍ଧି ପାଇଥିଲା ।

୧,୧୦୦ଟି ପରିବାର ମଧ୍ୟରୁ ୬୧୦ଟି ପରିବାରର କଦଳୀ, ପିଜୁଳି ବା ଗୁଆଳିଆ ଓ ଅମୃତଭଣ୍ଡା ଆଦିର ବଗିଚା (orchard) ରହିଛି ଓ ଉତ୍ପାଦନର ଶତକଡ଼ା ୫୭ ଭାଗ ହେଉଛି କଦଳୀ । ତିନି ବର୍ଷ ମଧ୍ୟରେ ଏହି ଫଳର ଉତ୍ପାଦନ ଯେତେ, ଖର୍ଚ୍ଚ ମଧ୍ୟ ସେତିକି ହୋଇଛି ।

୪୭ଟି ପରିବାର ମାଛ ଚାଷ କରିଛନ୍ତି । କେତେ ଶହ ପୋଖରୀରେ ମାଛ ଚାଷ କରାଯିବା ଫଳରେ ୪ ବର୍ଷ ମଧ୍ୟରେ ମତ୍ସ୍ୟ ଉତ୍ପାଦନ ଦ୍ୱିଗୁଣିତ ହୋଇ-ପାରିଛି ।

ଗତ ବର୍ଷ ଶତକଡ଼ା ୧୦ଟି ପରିବାରରେ ଦୁହାଁଳିଆ ଗାଈ ଥିବା ସ୍ଥଳେ ଅନୁସନ୍ଧାନ କାର୍ଯ୍ୟ ଚାଲିଥିବା ସମୟରେ ଶତକଡ଼ା ୩୫ଟି ପରିବାରରେ ଦୁହାଁଳିଆ ଗାଈ ଥିଲେ ଓ ଦୁଗ୍ଧର ବ୍ୟବହାର ମଧ୍ୟ ଅନୁରୂପ ବୃଦ୍ଧି ପାଇଥିଲା ।

ଅନୁସନ୍ଧାନରୁ ଜଣାଯାଏ ଯେ ଯେଉଁ ସ୍ଥାନରେ ସ୍ତ୍ରୀଲୋକମାନେ ଏ ଦିଗରେ ପଞ୍ଚାୟତ ଅନୁଷ୍ଠାନ-ଗୁଡ଼ିକର ସମର୍ଥନ ପାଇବାକୁ କ୍ଷମ ହୋଇଥିଲେ ସେହି ସ୍ଥାନରେ ପନିପରିବା, ଫଳ, ଅଣ୍ଡା ଓ ମତ୍ସ୍ୟର ଉତ୍ପାଦନ ଓ ବ୍ୟବହାର ଅନ୍ୟ ସ୍ଥାନର ଉତ୍ପାଦନ ଓ ବ୍ୟବହାର ଅପେକ୍ଷା ଦୁଇଗୁଣ ଅଧିକ ହୋଇଥିଲା ।




ଓଡ଼ିଶାର କୌଣସି ଗ୍ରାମ୍ୟ ବିଦ୍ୟାଳୟରେ ଶିଶୁମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଛି ।

କୁକୁଡ଼ା ପାଳନରେ ୮୧ ଜଣ ଓ ଉତ୍କୃଷ୍ଟ ଧରଣର କୁକୁଡ଼ା-ଖାଦ୍ୟ ସମ୍ପର୍କରେ ୧୯୫ ଜଣଙ୍କୁ ତାଲିମ ଦିଆଯାଇଛି । ପ୍ରୟୋଗାତ୍ମକ ପୁଷ୍ଟିକର ଖାଦ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ବ୍ଲକମାନଙ୍କରେ ୩୩,୦୦୦ ଆସନ୍ନପ୍ରସବା ଓ ପ୍ରସୂତିଙ୍କୁ ଏବଂ ୧,୩୨,୦୦୦ ଜଣ ଛୋଟ ଛୋଟ ଶିଶୁଙ୍କୁ ଦୁଗ୍ଧ ଦିଆଯାଉଥିଲା ।

ଭାରତୀୟ ଔଷଧ ଗବେଷଣା ପରିଷଦଙ୍କ ସୁପାରିଶ୍ ଅନୁଯାୟୀ ସୁଷମ ଖାଦ୍ୟର ବ୍ୟବହାର ଏ ପର୍ଯ୍ୟନ୍ତ ହୋଇ ପାରି ନାହିଁ । ତାହାର ବ୍ୟବହାର ଅର୍ଦ୍ଧକରୁ ମଧ୍ୟ କମ୍ । ନମୁନା ସ୍ୱରୂପ କାର୍ଯ୍ୟ ଆରମ୍ଭକରାଯାଇଥିବା

( ୩୫ ପୃଷ୍ଠା ଦେଖନ୍ତୁ )



ଭୁବନେଶ୍ୱରସ୍ଥ ବୋଇତାଳ ମନ୍ଦିର

# ରାଉରକେଲାର ଆଦିବାସୀ ଜୀବନରେ ନବ ଜାଗରଣ

ଲେଖକ—ଏସ୍. ଏମ୍. ଗନି

ଓଡ଼ିଶାର ଏକ ବୃହତ୍ ଅଞ୍ଚଳକୁ ନେଇ ଛୋଟ-ନାଗପୁର ଓ ଦାକ୍ଷିଣାତ୍ୟ ମାଳଭୂମିର ଅବିଚ୍ଛିନ୍ନ ଅଂଶ ଗଠିତ ହୋଇଛି । ଏଠାର ଉଚ୍ଚାବଚ ପଣ୍ଡୁଆଭୂମିଟି, ଅଧିତ୍ୟକା, ଉଚ୍ଚଭୂମି, ପାହାଡ଼ ପର୍ବତ ଓ ଉପତ୍ୟକା ଦ୍ୱାରା ଧାରାବାହିକ ଭାବରେ ବିଖଣ୍ଡିତ ହୋଇଛି ଓ ଆଦିବାସୀମାନେ ପ୍ରାୟ ବିଚ୍ଛିନ୍ନ ଭାବରେ ଏହି ଅଞ୍ଚଳରେ ବାସ କରନ୍ତି । ଖ୍ରୀଷ୍ଟଧର୍ମ ପ୍ରଚାରକ ବା ପାଦ୍ରୀମାନଙ୍କ ଆଗମନ ପୂର୍ବରୁ କମାର, କୁମ୍ଭାର, ଦୋକାନଦାର ଓ ତେଲ ଉତ୍ପାଦନକାରୀ ଇତ୍ୟାଦି କେତେକ ଅଣଆଦିବାସୀ ସମ୍ପ୍ରଦାୟ, ଆଦିବାସୀ ଓ ବହିର୍ଜଗତ ମଧ୍ୟରେ ଏକମାତ୍ର ଯୋଗସୂତ୍ର ଭାବରେ କାର୍ଯ୍ୟ କରୁଥିଲେ । ପୁରାଣ ଓ ଐତିହାସିକ ବିବରଣୀରୁ ଜଣାଯାଏ ଯେ ଏପରି ସମୟ ଥିଲା ଯେତେବେଳେ ଆଦିବାସୀମାନଙ୍କର ଦେଶର ସାଧାରଣ ଜନତାଙ୍କ ସହିତ ବେଶ୍ ସମ୍ପର୍କ ଥିଲା । କେତେକ ବିଷୟରେ ସେମାନଙ୍କର ଅପେକ୍ଷାକୃତ ବିଚ୍ଛିନ୍ନତା ଆମ ଦେଶର ପ୍ରଧାନ ସାମାଜିକ ସ୍ରୋତଠାରୁ ସେମାନଙ୍କୁ ଅଲଗା କରିଦେଲା । ଆଂଶିକ ଭାବରେ ଏହି ବିଚ୍ଛିନ୍ନତା ଓ ଆଂଶିକ ଭାବରେ ଐତିହାସିକ ସତ୍ୟତା ନଥାଇ ପୃଥିବୀ ସମ୍ବନ୍ଧରେ ସୀମିତ ଜ୍ଞାନ ଯୋଗେ ଇତିହାସ ଓ ପୌରାଣିକ ଉପାଖ୍ୟାନ ଏବଂ କିମ୍ବଦନ୍ତୀର ସମ୍ମିଶ୍ରଣ ଫଳରେ ସେମାନଙ୍କ ମନରେ କେତେକ ବିଷୟରେ ବଦ୍ଧମୂଳ ଧାରଣାର ସୃଷ୍ଟି ହେଲା । ଏହି ବଦ୍ଧମୂଳ ଧାରଣା ଓ ସ୍ୱତନ୍ତ୍ର ସାଂସ୍କୃତିକ ଦୃଷ୍ଟିଭଙ୍ଗୀ ସେମାନଙ୍କର ସଂସ୍କୃତିକୁ ଭିନ୍ନରୂପେ ପରିଚିତ କଲା । ପାହାଡ଼ ଓ ଜଙ୍ଗଲର ଏହି ଅଧିବାସୀମାନଙ୍କର ଜୀବନ ଧାରଣର ମାର୍ଗ ଦେଶର କୃଷକ ସମ୍ପ୍ରଦାୟର ଜୀବନ ଧାରଣର ମାର୍ଗଠାରୁ ପୃଥକ୍ ।

ସ୍ୱାଧୀନତା ପରେ ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ଜୀବନରେ ପରିବର୍ତ୍ତନ ଘଟାଇ ସେମାନଙ୍କୁ ଦେଶର ଅନ୍ୟମାନଙ୍କ ସହିତ ସମାନ ସ୍ତରକୁ ଆଣିବା ସକାଶେ ରାଜ୍ୟ ସରକାର କାର୍ଯ୍ୟ ଆରମ୍ଭ କଲେ । ଜଙ୍ଗଲର ଉନ୍ନୟନ ଓ ନିୟମିତ ଶାସନର ପ୍ରବର୍ତ୍ତନ ଫଳରେ ଏହି ଅଞ୍ଚଳରେ ବହି-ର୍ଜଗତର ପ୍ରଭାବ ପଡ଼ିବା ସକାଶେ ପଥ ଉନ୍ମୁକ୍ତ ହୋଇଗଲା । ଅଳ୍ପ କେତେବର୍ଷ ହେବ ଆମ ଦେଶରେ ଶିଳ୍ପ-ବିପ୍ଳବର ଯେଉଁ ଅଭ୍ୟୁଦୟ ଦେଖା ଦେଇଛି ତାହା ପ୍ରଥମେ ପ୍ରଥମେ ଖଣିଜ ସମ୍ପଦରେ ଭରପୂର ଆଦିବାସୀ ଅଞ୍ଚଳରେ ବିରକ୍ତି ଜାତ କରାଇଥିଲା ।

ହୀରାକୁଦ ବନ୍ଧଠାରୁ ଆରମ୍ଭ କରି ମୟୂରଭଞ୍ଜ ଜିଲ୍ଲାର ଖଣି ଅଞ୍ଚଳ ପର୍ଯ୍ୟନ୍ତ ସବୁଠି ଉତ୍ତର ଓଡ଼ିଶାରେ ଆଦିବାସୀଙ୍କ ମଧ୍ୟରେ ବିଶେଷ ଜାଗରଣ ଅଣାଯାଇ ପାରିଛି । ରାଉରକେଲା ଇସ୍ପାତ କାରଖାନା, ବରବିଲ ଲୁହା ଖଣି, ହୀରାକୁଦ ବନ୍ଧ, ସିମେଣ୍ଟ ଓ ରିଫ୍ରାକ୍ଟରୀ କାରଖାନା, ଚୂନ ପଥର ଓ ଡୋଲୋମାଇଟ୍ ଖଣି, ଓଜନଦାର ଯନ୍ତ୍ରପାତି କାରଖାନା ଓ ବିଭିନ୍ନ ଧରଣର ଲୁହା ଖଣି ଇତ୍ୟାଦି ଏ ଅଞ୍ଚଳରେ ଗଢ଼ି ଉଠିଛି ।

୧୯୬୧ ମସିହା ଜନଗଣନା ଅନୁଯାୟୀ ସମଗ୍ର ଓଡ଼ିଶାର ଲୋକସଂଖ୍ୟା ୧,୭୫,୪୮,୮୪୬ ମଧ୍ୟରୁ

ତଫସିଲଭୁକ୍ତ ସମ୍ପ୍ରଦାୟର ଲୋକସଂଖ୍ୟା ହେଉଛି ୪୨,୨୩,୭୫୭ ଓ ତଫସିଲଭୁକ୍ତ ଜାତିର ଲୋକସଂଖ୍ୟା ହେଉଛି ୨୭,୬୩,୮୫୮ ଓ ଏହା ସମଗ୍ର ଲୋକସଂଖ୍ୟାର ଯଥାକ୍ରମେ ଶତକଡ଼ା ୨୪.୦୭ ଓ ୧୫.୭୪ ଭାଗ । ୨୨,୧୧୪ ବର୍ଗମାଇଲ ବ୍ୟାପୀ ଓ ରାଜ୍ୟର ସମଗ୍ର ଆୟତନର ଏକତୃତୀୟାଂଶ ହୋଇଥିବା କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲ୍ଲା, ଗଞ୍ଜାମ ଜିଲ୍ଲାର କେତେକାଂଶ ଓ ଫୁଲବାଣୀ ଜିଲ୍ଲାକୁ ସମ୍ବିଧାନରେ ତଫସିଲଭୁକ୍ତ ଅଞ୍ଚଳ ବୋଲି ଘୋଷଣା କରି ଯାଇଛି ।

ଓଡ଼ିଶାର ୬୨ଟି ତଫସିଲଭୁକ୍ତ ସମ୍ପ୍ରଦାୟ, ୯୩ଟି ତଫସିଲଭୁକ୍ତ ଜାତି ଓ ୧୧୨ଟି ଅନ୍ୟାନ୍ୟ ଅନୁନ୍ନତ ସମ୍ପ୍ରଦାୟ ରହିଛି ।

ବିଭିନ୍ନ ସ୍ତରରେ ସେମାନଙ୍କର ଅଗ୍ରଗତି ନେଇ ଓଡ଼ିଶାର ଉପଜାତି (Tribe) ଗୁଡ଼ିକୁ ଆଦିମ ଅଧିବାସୀ (Primitives), ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଥିବା ଉପଜାତି (The tribes in transition) ଓ ଅନ୍ୟ ସଂସ୍କୃତି ଗ୍ରହଣ କରିଥିବା ଉପଜାତି—ଏହିପରି ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି । ଆଦିମ ଅଧିବାସୀମାନେ ଦୁର୍ଗମ ଅଞ୍ଚଳରେ ବାସ କରନ୍ତି ଓ ଏକ ପ୍ରକାର ଭ୍ରମଣଶୀଳ । ପୋଡ଼ୁ ବା ଉଠାଚାଷରେ ସେମାନେ ଅଭ୍ୟସ୍ତ । ପରିବର୍ତ୍ତନ ମଧ୍ୟଦେଇ ଗତି କରୁଥିବା ଉପଜାତିଗୁଡ଼ିକ ପାହାଡ଼ର ପାଦଦେଶରେ ବାସ କରନ୍ତି ଓ କେତେକାଂଶରେ ଉଠାଚାଷ (Shifting cultivation) ଉପରେ ନିର୍ଭର କରନ୍ତି । ଅନ୍ୟ ସଂସ୍କୃତି ଗ୍ରହଣ କରିଥିବା ଉପଜାତିଙ୍କଠାରେ ଏବେ ବି ଉପଜାତିର କେତେକ ଲକ୍ଷଣ ଦେଖାଯାଏ, ମାତ୍ର ସାଧାରଣତଃ ସମାଜର ରୀତିନୀତି ସେମାନେ ଗ୍ରହଣ କରି ନେଇଛନ୍ତି ।

ଉପରୋକ୍ତ ତିନି ଶ୍ରେଣୀ ମଧ୍ୟରୁ ତୃତୀୟ ଶ୍ରେଣୀର ଉପଜାତି ପ୍ରଧାନତଃ ମୁଣ୍ଡା, ଓରାଓଁ, ଖଡ଼ିଆ, ଭୂୟାଁ (Bhuiyans), ଭୂମିଜ୍, କିସାନ୍ (Kisans) ଓ ସାନ୍ତାଳ ଓଡ଼ିଶାର ଉତ୍ତରାଞ୍ଚଳରେ ଦେଖା ଯାଆନ୍ତି । ସେମାନେ ସେହିସ୍ଥାନର ବାସିନ୍ଦା ଓ ମୁଣ୍ଡା ଜାତୀୟ ବିଭିନ୍ନ ଭାଷା କହନ୍ତି । ରାଉରକେଲାର ଚତୁଃପାର୍ଶ୍ୱରେ ଥିବା ଉପଜାତିମାନେ ସଦ୍ରି (Sadri) ଭାଷା କହନ୍ତି ଏବଂ ତାହା ହେଉଛି ସେହି ଅଞ୍ଚଳର ଭାଷା । ରାଉରକେଲା ଓ ରାଉରକେଲାର ଚତୁଃପାର୍ଶ୍ୱରେ ଆମେ ଯେଉଁ ଆଦିବାସୀ ଦେଖୁଁ ସେମାନଙ୍କ ମଧ୍ୟରୁ ଅଧିକାଂଶ ରାଉରକେଲା ଇସ୍ପାତ କାରଖାନା ସକାଶେ ଜମି ଦଖଲ କରାଯିବା ଦ୍ୱାରା ସ୍ଥାନଚ୍ୟୁତ ହୋଇଛନ୍ତି ଏବଂ ଅନ୍ୟମାନେ ଜୀବିକା ନିର୍ବାହ ଉଦ୍ଦେଶ୍ୟରେ ଓଡ଼ିଶା ଓ ବିହାରର ଅନ୍ୟାନ୍ୟ ନିକଟବର୍ତ୍ତୀ ଜିଲ୍ଲାମାନଙ୍କରୁ ଆସିଛନ୍ତି । ପ୍ରଧାନତଃ ସେମାନେ ହେଉଛନ୍ତି ମୁଣ୍ଡା, ଖଡ଼ିଆ, କିସାନ୍, ଓରାନ୍ ଓ ଭୂୟାଁ । ସେମାନେ ସୁନ୍ଦରଗଡ଼ ଜିଲ୍ଲାରେ ବହୁଳ ସଂଖ୍ୟାରେ ଦେଖାଯାଆନ୍ତି ଓ ବିହାର ପ୍ରଦେଶର ରାଞ୍ଚି ଓ ସିଂହଭୂମ ଏବଂ ଓଡ଼ିଶାର ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ପଡ଼ୋଶୀ ଜିଲ୍ଲାମାନଙ୍କରେ ସେମାନଙ୍କର ବନ୍ଧୁ ବାନ୍ଧବ ଅଛନ୍ତି । ସେମାନେ ଦ୍ରୁତଗତିରେ ଶିଳ୍ପାୟନ ହେଉଥିବା ଓ ଖଣିଜ ଦ୍ରବ୍ୟରେ ପରିପୂର୍ଣ୍ଣ ଏକ ଅଞ୍ଚଳର ଲୋକ । ସେମାନେ ସେମାନଙ୍କର ଭାଷା ରକ୍ଷା କରିଛନ୍ତି ଏବଂ ସେହି ଅଞ୍ଚଳର ବାସିନ୍ଦା ହୋଇ ସେମାନେ ଅନ୍ୟ ଲୋକଙ୍କ ସମ୍ପର୍କରେ ଆସିବା ଦ୍ୱାରା ତଥା ଶିଳ୍ପପ୍ରସାର ଯୋଗେ ସେମାନଙ୍କର ସାମାଜିକ ଜୀବନ ଓ ଜୀବନଧାରଣର ମାର୍ଗରେ ବିଶେଷ ପରିବର୍ତ୍ତନ ଆସିଛି । ସେମାନଙ୍କର ଅର୍ଥନୈତିକ ଅବସ୍ଥାର ପରିବର୍ତ୍ତନ ସେମାନଙ୍କୁ ନୂତନ ସ୍ଥାନ ଖୋଜିବା ସକାଶେ ବାଧ୍ୟ କରିଛି । ସେମାନଙ୍କର ଧୀରସ୍ଥିର କୃଷି-ଜୀବନରେ ଦ୍ରୁତ ପରିବର୍ତ୍ତନ ଘଟି କଳକାରଖାନାର ଶ୍ରମିକ ଜୀବନର ଆଭାସ ଦେଖା ଦେଇଛି ।

ଏହି ପରିବର୍ତ୍ତନ ସେମାନଙ୍କ ମଧ୍ୟରେ ମନୋବୃତ୍ତି ଅସ୍ଥିରତା ସୃଷ୍ଟି କରିଛି, ମାତ୍ର ନୂତନ ପରିସ୍ଥିତି ସହିତ ପାଦ ମିଳାଇ ଚାଲିବାପାଇଁ ସେମାନେ ପ୍ରଗାଢ଼ ଉଦ୍ୟମ କରୁଛନ୍ତି ।

ଏହି ଆଦିବାସୀମାନଙ୍କୁ ଭଲରୂପେ ଜାଣିବାକୁ ହେଲେ ସେମାନଙ୍କର ଅଭ୍ୟାସ, ରୀତିନୀତି ଓ ଧର୍ମର ଏବଂ ରଙ୍ଗଢଙ୍ଗ ସହିତ ଆମ୍ଭମାନଙ୍କୁ ଘନିଷ୍ଠ ଭାବରେ ପରିଚିତ ହେବାକୁ ପଡ଼ିବ ।

ଖାଦ୍ୟ ବିଷୟରେ ସେମାନଙ୍କର କେତେକ କଟକଣା ରହିଛି । ଯେଉଁଠାରେ କୌଣସି ପଶୁର ନାମ ଅନୁସାରେ ଉପଜାତିର ବା ଦଳର ନାମକରଣ ହୋଇଥାଏ ସେହି ଦଳ ବା ଉପଜାତିର ଲୋକେ ସେହି ପଶୁକୁ ବଧ କରନ୍ତି ନାହିଁ ବା ତାହାର ମାଂସ ଭକ୍ଷଣ କରନ୍ତି ନାହିଁ । ସାଧାରଣତଃ ସେମାନେ ଦୁଗ୍ଧ ବା ଦୁଗ୍ଧଜାତ ଦ୍ରବ୍ୟ ନ ଖାଇବାର ଦେଖାଯାଏ । ସ୍ଥାନୀୟ ଗୋରୁ ଗାଈଙ୍କର ଦୁଗ୍ଧ ଅତ୍ୟନ୍ତ ନଗଣ୍ୟ ବା କମ ହେଉଥିବା ଯୋଗେ ବୋଧହୁଏ ଏହିପରି ଘଟିଛି । ସେମାନଙ୍କ ମଧ୍ୟରୁ ଅନେକ ମାଂସ ଖାଇବା ମଧ୍ୟ ଏକାବେଳକେ ଛାଡ଼ି ଦେଇଛନ୍ତି । ଏମାନେ ବଡ଼ ଶିକାରପ୍ରିୟ ଏବଂ ଝରଣା, ଗିରିନଦୀ ଓ ନାଳ ନିକଟରେ ମାଛ ଧରନ୍ତି ।

ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣା, ଯଥା ଜନ୍ମ, ମୃତ୍ୟୁ, ବାଳିକାର ପ୍ରଥମ ରଜୋଦର୍ଶନ ଓ ରୋଗବୈରାଗ ଇତ୍ୟାଦି ସକାଶେ ସେମାନେ ବିଶେଷଭାବରେ ଉତ୍ସବ ପାଳନ କରନ୍ତି । ମାତ୍ର ବିବାହ ଓ ମୃତ୍ୟୁ ଉପଲକ୍ଷେ ଏହି ଉତ୍ସବ ଅଧିକ ସମାରୋହରେ ପାଳିତ ହୁଏ ।

ପିତାମାତାଙ୍କ ଦ୍ୱାରା ସାଧାରଣତଃ ବିବାହ ବ୍ୟବସ୍ଥା କରାଯାଏ । ମାତ୍ର ଏ ବିଷୟରେ ପିଲାମାନଙ୍କୁ ସେମାନେ ଅବାଧ ସ୍ୱାଧୀନତା ଦିଅନ୍ତି । ବାଳକ ଓ ବାଳିକା ଅବାଧ ଭାବରେ ମିଶନ୍ତି ଓ ବୁଲା ଏବଂ ପ୍ରୌଢ଼ା ସ୍ତ୍ରୀଲୋକମାନେ ପୁରୁଷ ସହିତ ସମାନ ଆସନ ପାଆନ୍ତି । ଏ ବିଷୟରେ ଓରାଓଁମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ଏକ ସୁନ୍ଦର ପ୍ରଥା ଅନୁଯାୟୀ ଜଣେ ଅବିବାହିତା ଯୁବତୀ କୌଣସି ପୁରୁଷ ଉଦ୍ଦେଶ୍ୟରେ ଶୋଇବା ମସିଣା ବୁଣାଇବା ଓ ତାହା ତାକୁ ଉପହାର ଦେବାଦ୍ୱାରା ତାକୁ ବିବାହ କରିବା ବିଷୟରେ ନିଜର ସମ୍ମତି ଜଣାଏ । ଭୂୟାଁ ଯୁବକ ନିଜର ମନୋମତ ହୋଇଥିବା ଯୁବତୀ ଗଳାରେ ଶ୍ୱେତବର୍ଣ୍ଣର ଗୋଟିଏ ପୁଷ୍ପ ଖୋସିଦିଏ ଏବଂ ଯୁବତୀ ଏହି ପୁଷ୍ପ ଗ୍ରହଣ କରିବାଦ୍ୱାରା ତାର ସମ୍ମତି ସୂଚିତ ହୁଏ । ଅନ୍ୟ ପ୍ରକାର ବିବାହପ୍ରଥା ଅନୁଯାୟୀ ଜଙ୍ଗଲରେ ଦଳେ ଯୁବତୀଙ୍କ ମଧ୍ୟରୁ ନିଜର ପତ୍ନୀ ହେବାପାଇଁ ରାଜିଥିବା ଯୁବତୀକୁ ନେଇ ତାର ପ୍ରେମିକ ପଳାଇଯାଏ । ଅନ୍ୟ ଯୁବତୀମାନେ ଗ୍ରାମକୁ ଫେରି ଖବର ଦିଅନ୍ତି ଯେ ସେମାନଙ୍କ ମଧ୍ୟରୁ ଜଣକୁ ବାଘ ନେଇଗଲା । ତା'ପରେ ଗୋଟିଏ ଅନୁସନ୍ଧାନକାରୀ ଦଳ ଗଠିତ ହୁଏ ଓ ସେମାନେ ଘଟଣାସ୍ଥଳ ଦେଖି ଯୁବକର ପିତାଙ୍କ ନିକଟକୁ ଯାଇ ସେମାନଙ୍କ ଗ୍ରାମର ଝିଅକୁ ନେଇ ଆସିଥିବା ଯୋଗେ ଯୁବକର ରକ୍ତ ଦାବୀ କରନ୍ତି । ରକ୍ତ ପରିବର୍ତ୍ତେ ଟଙ୍କା ବା କନ୍ୟାସୁନା ଦେବାପାଇଁ ଯୁବକର ପିତାମାତା ରାଜି ହୁଅନ୍ତି ଏବଂ ଭୋଜିଭାତ ଓ ନୃତ୍ୟଗୀତ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ । ସେମାନଙ୍କ ଅନ୍ତ୍ୟେଷ୍ଟି-କ୍ରିୟାନୁଷ୍ଠାନାଦିରେ ବହୁ ଅର୍ଥ ଖର୍ଚ୍ଚ ହୋଇଥାଏ । ସେମାନେ ସବୁ ଭୂତ ଓ ପ୍ରେତଙ୍କୁ ସନ୍ତୁଷ୍ଟ କରିଥାନ୍ତି । ଏହି ସଂସ୍କାର ଦିବସ ବହୁଦିନ ଧରି ଚାଲିଥାଏ । ସାଧାରଣତଃ ସେମାନେ ଶବକୁ ଦାହ କରିଥାନ୍ତି । କିନ୍ତୁ ମୃତ ଶିଶୁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ରୋଗରେ ମୃତ୍ୟୁ ଘଟିଥିବା ରୋଗୀର ଶବକୁ ଦାହ କରନ୍ତି ନାହିଁ । ଅବଶ୍ୟ ଖ୍ରୀଷ୍ଟିୟାନ୍‌ମାନେ ସେମାନଙ୍କ ଶବକୁ ଗ୍ରାମ ନିକଟରେ କବର ଦେଇଥାନ୍ତି । ଶବଦାହ ହୋଇ ସାରିଲା ପରେ ଭସ୍ମାବଶେଷକୁ ସେହି ସ୍ଥାନରେ ପୋତି ଦେଇଥାନ୍ତି । ମୃତ୍ୟୁର ଚତୁର୍ଥ ଦିବସରେ

ଗ୍ରାମର ଲୋକମାନଙ୍କୁ ଭୋଜନ ଦେବାପାଇଁ ଗୋଟିଏ ବଡ଼ ଭୋଜି ହୋଇଥାଏ ଓ ଶେଷଦିନ ଭୂତ ପ୍ରେତ ଓ ଈଶ୍ୱରଙ୍କୁ ମଧ୍ୟ ପୂଜା ଆରାଧନା କରାଯାଇଥାଏ । ପୁରୋହିତଙ୍କ ନିର୍ଦ୍ଦେଶକ୍ରମେ ଏହି ଉତ୍ସବ ମୃତ୍ୟୁର ଦଶଦିନ କିମ୍ବା ତାଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଚାଲିଥାଏ । ସେମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ମୃତ ବ୍ୟକ୍ତି ଏଜନ୍ମରେ କୁକାର୍ଯ୍ୟ ପାଇଁ ଶାସ୍ତି ସ୍ୱରୂପ ପୁଣି ଅନ୍ୟ ଗୋଟିଏ ଆକାରରେ ଏହି ମାଟିରେ ଜନ୍ମ ନେଇଥାଏ ।

କେଉଁ ଆଦିମ ଯୁଗରୁ ଆଦିବାସୀମାନେ ସାଧାରଣତଃ ଜଙ୍ଗଲ୍ ନିକଟରେ ବା ଜଙ୍ଗଲ୍ ମଧ୍ୟରେ ବାସ କରି ଆସୁଛନ୍ତି । ସେମାନେ ନିଜ ନିଜର ଅସ୍ତ୍ର ଶସ୍ତ୍ର ବ୍ୟବହାର କରିଥାନ୍ତି । ପୁରୁଷମାନେ ସାଧାରଣତଃ ଧନୁଶର ଓ କୁରାଢ଼ି ପ୍ରଭୃତି ହାତ ହତିଆରରେ ସଦା ସର୍ବଦା ଭୂଷିତ ହୋଇ ରହିଥାନ୍ତି । ସେହି ଧନୁ ବାଉଁଶରେ ତିଆରି ହୋଇଥାଏ । ତାହାର ଗୁଣଟି ବାଉଁଶ ପାଟିଆରେ ତିଆରି ହୋଇଥାଏ । ଶରର ଶିଖରଭାଗ ଲୁହାରେ ନିର୍ମିତ ହୋଇଥାଏ । ସେ ଲୁହାକୁ ଏପରି ବଙ୍କା ଓ ମୁନିଆ କରାଯାଇଥାଏ ଯେ କୌଣସି ପଶୁ, ପକ୍ଷୀ ଦେହରେ ତାହା ବିଦ୍ଧ ହୋଇଗଲେ ତାହାକୁ କୌଣସି ପ୍ରକାରର ଆଘାତ ନ ଦେଇ ସେ ଲୁହାକୁ ବାହାର କରିବା ସହଜ ସାଧ୍ୟ ନୁହେଁ । ପକ୍ଷୀ ଓ ଛୋଟ ଛୋଟ ଜୀବଜନ୍ତୁମାନଙ୍କୁ ଶିକାର କରିବା ପାଇଁ ଶରର ମୁଣ୍ଡଟି କାଠରେ ନଳାକାର କରାଯାଇ ଥାଏ । ସେମାନେ ମଧ୍ୟ ବକ୍ର ଆକାରର ଖଣ୍ଡା ବ୍ୟବହାର କରିଥାନ୍ତି । ଲୁହା-ନିର୍ମିତ ଦାବ ଅସ୍ତ୍ରଶସ୍ତ୍ର ମଧ୍ୟରେ ଖୁବ୍ ଉଲ୍ଲେଖଯୋଗ୍ୟ । ଏହାର ବହଳ ପ୍ରାୟ ୧୮" ଇଞ୍ଚ ଓ ଏହାର ବ୍ୟାସ ୩ ଇଞ୍ଚ । ଏହାର ବାହାର ପଟର ଧାର ଖୁବ୍ ଦାଢ଼ୁଆ । ଅଣ୍ଟିରେ ଏହି ଦାବକୁ ଯୁରାଇ ଯୁରାଇ ଗୁଞ୍ଜି ଦିଆଯାଇଥାଏ । ଏହି ଦାବ ବ୍ୟବହାରରେ ଯେ ଧୂରନ୍ଧର ହୋଇଥିବ ସେ ସେହି ଦାବ ସାହାଯ୍ୟରେ ୪୦ ଗଜ ଦୂରରୁ ଛୋଟ ଛୋଟ ଗଛର ଗଣ୍ଡିକୁ ଦୁଇ ଇଞ୍ଚ ଗଭୀରରେ କାଟି ଦେଇ ପାରିବ । ଏହି ଆଦିବାସୀମାନେ ସାଧାରଣତଃ ଢାଲ୍ ବ୍ୟବହାର କରି ନଥାନ୍ତି । ସେମାନଙ୍କ ଶରୀର ସୁସ୍ଥ, ସବଳ ଓ ମଜବୁତ୍ । ସେମାନଙ୍କର ମୁହଁ ଗୋଲ୍‌କାର, କପାଳ ଅଣ-ଓସାରିଆ, ଗାଲର ହାଡ଼ ଉପରକୁ ଉଠି ରହିଥାଏ । ସେମାନଙ୍କ ନାକ ଓସାରିଆ ଓ ସେମାନଙ୍କ ଆଖିର ଗଠନ ସୁନ୍ଦର । ସାଧାରଣତଃ ସେମାନଙ୍କ ଦେହର ରଙ୍ଗ ବାଦାମୀ । ଦେହର ଆକୃତି ଦେଖିବାକୁ ଛୋଟ । କିନ୍ତୁ ସେମାନଙ୍କର ହାତ ଓ ଅନ୍ୟାନ୍ୟ ଅବୟବର ମାଂସପେଶୀର ଗଠନ ଖୁବ୍ ସୁନ୍ଦର ।

ମାଘ ପୁନେଇ, କରମା, ଚଇତ ପର୍ବ, ଗାମ୍ହାପୁନେଇ ଭଳି ଉତ୍ସବମାନ ସେମାନଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟ ହୋଇ ଉଠିଛି । ଗୁଡ଼ବାସ କାମ ଶେଷ ହେବା ପରେ ଏହି କରମା ଉତ୍ସବ ଆରମ୍ଭ ହୋଇଥାଏ । ରାଜା ଓ ରାଣୀ ସ୍ୱରୂପ କରମା(ଶାଳ ଗଛ) ର ଦୁଇଟି ଶାଖାକୁ ଏକତ୍ର କରି ବିବାହ ଉତ୍ସବ ଉପଭୋଗ କରିବା ଏହି ଉତ୍ସବର ଲକ୍ଷ୍ୟ । ବର୍ଷରେ ପ୍ରଚୁର ଫସଲ ପାଇବା ପାଇଁ ଦୁଇଟି ଶାଖାର ଏକତ୍ରୀକରଣକୁ ଅତ୍ୟାବଶ୍ୟକ ବୋଲି ସେମାନେ ମନେ କରିଥାନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଓ ଶିବରାତ୍ରି ଭଳି ହିନ୍ଦୁ ଉତ୍ସବମାନ ବହୁ ଆଦିବାସୀ-ଅଧ୍ୟୁଷିତ ଗ୍ରାମମାନଙ୍କରେ ମଧ୍ୟ ପାଳନ କରାଯାଉଛି । ସହର୍ଷ ଓ ପ୍ରସନ୍ନ-ବଦନା ଆଦିବାସୀ ସ୍ତ୍ରୀମାନେ ସେମାନଙ୍କର ସର୍ବୋତ୍କୃଷ୍ଟ ପୋଷାକମାନ ପରିଧାନ କରି ଏହି ଉତ୍ସବ ଦେଖିବାପାଇଁ ବାହାରି ପଡନ୍ତି । ସେମାନେ ନିଜ ନିଜର କେଶକୁ ଧଳା ପୁଷ୍ପରେ ସଜ୍ଜିତ କରିଥାନ୍ତି । ସେମାନଙ୍କ ଭିତରୁ କେତେକେ କଣ୍ଠି, ବାହୁ, କପାଳ ଓ କାନରେ ଗହଣାଗାଣ୍ଠି ପରିଧାନ କରିଥାଆନ୍ତି । ଆଦିବାସୀ ସ୍ତ୍ରୀମାନେ ସାଧାରଣତଃ ଚିତା କୁଟେଇବାକୁ ଖୁବ୍ ଭଲ ପାଇଥାନ୍ତି । ଚିତା କୁଟେଇବାକୁ ଦେହର

ଭୂଷଣ ବୋଲି ସେମାନେ ମନେ କରିଥାନ୍ତି । ଏହି ଚିତା କୁଟେଇବା ସମ୍ପର୍କରେ ବିଭିନ୍ନ ସମାଜ-ତତ୍ତ୍ୱବିତ୍‌ମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତବାଦ ଦେଖାଯାଏ ।

ଆଦିବାସୀମାନଙ୍କ ନିଜର ହସ୍ତଶିଳ୍ପ ରହିଛି । ଏହି ଶିଳ୍ପ ପାଇଁ ସେମାନେ ନିଜେ ନିଜେ କାରିଗରୀ କୌଶଳ ଉଦ୍ଭାବନ କରିଛନ୍ତି । ମୁଣ୍ଡାମାନେ ବୁଣାବୁଣି କାର୍ଯ୍ୟରେ ଖୁବ୍ ଧୁରନ୍ଧର । ଓରାନ୍‌ମାନେ ନିଜ ନିଜର ଆବଶ୍ୟକ ଜିନିଷଗୁଡ଼ିକୁ ଯୋଗାଇବା ଦିଗରେ ସମର୍ଥ ହୋଇଛନ୍ତି । ବିରହୋରମାନେ ଦଉଡ଼ି ତିଆରି କରିବା, ଟାଣ ଓ କାଠ ଉପକରଣ ତିଆରି କରିବା ଭଲ ଭାବରେ ଜାଣିଛନ୍ତି । ଟୁରିମାନେ ସେମାନଙ୍କ ବାଉଁଶ କାମପାଇଁ ସୁବିଦିତ । ଆସୋରମାନେ ବର୍ତ୍ତମାନ ସୁଦ୍ଧା ପୁରୁଣା ପଦ୍ଧତିରେ ଲୁହା ତରଲାଇ ବିଭିନ୍ନ ଉପକରଣ ତିଆରି କରୁଛନ୍ତି ।

ସୁରା ସେବନ କରିବା ଏକ ସାମାଜିକ ପ୍ରଥା ରୂପେ ବିବେଚନା କରାଯାଇ ଥାଏ । ତରୁଣୀ ଓ ଯୁବକ-ମାନଙ୍କୁ ସୁରାପାନ କରିବା ପାଇଁ ନିଷେଧ କରାଯାଇ ଥାଏ । କିନ୍ତୁ ଅର୍ଦ୍ଧବୟସ୍କ ଓ ବୃଦ୍ଧମାନଙ୍କୁ ମାଦକ ଦ୍ରବ୍ୟ ସେବନ କରିବା ପାଇଁ ଅନୁମତି ଦିଆଯାଇ ଥାଏ । ଆଦିବାସୀ ସ୍ତ୍ରୀମାନେ ଏହି ଅଞ୍ଚଳରେ ମହୁଲ ଫୁଲ ସଂଗ୍ରହ କରି ବନ ଅରଣ୍ୟ ମଧ୍ୟରେ ସେଥିରୁ ମଦ ତିଆରି କରିଥାଆନ୍ତି ଏବଂ ତାହାକୁ ନେଇ ଅନ୍ୟଅଞ୍ଚଳର ବ୍ୟକ୍ତିମାନଙ୍କୁ ବିକ୍ରୟ କରି ଥାଆନ୍ତି । ଚାଉଳରୁ ଯେଉଁ ମଦ ତିଆରି ହୋଇଥାଏ, ତାହା ମଧ୍ୟ ସେହି ଅଞ୍ଚଳରେ ବିଶେଷ ପରିମାଣରେ ବ୍ୟବହୃତ ହୋଇଥାଏ । ଭୋଜିଉତ୍ସବ ବା ଆମୋଦ ପ୍ରମୋଦ ଦିନମାନଙ୍କରେ ମଦ ପ୍ରଧାନ ଭୋଜ୍ୟ ସାମଗ୍ରୀ ହୋଇଥାଏ ।

ଆଦିବାସୀମାନେ ବାଦ୍ୟ ଓ ନୃତ୍ୟ ପରିବେଷଣ କରିବାରେ ଖୁବ୍ ଆନନ୍ଦ ଉପଲବ୍ଧି କରିଥାନ୍ତି । ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ସେମାନେ ନାଚ ଗୀତ ଆରମ୍ଭ କରିଦିଅନ୍ତି । ଗୋଧୂଳି ସମୟ ଅତିବାହିତ ହେବା ପରେ ପରେ ଢୋଲ, ବାଦ୍ୟ ଓ ମାଦଳର ଶବ୍ଦ ଶୁଣାଯାଏ । ଢୋଲିଆ ଢୋଲବାଦ୍ୟକୁ ଏପରି ଭାବରେ ବଜାଉଥାଏ ଯେ ଯୁବକ ଯୁବତୀମାନଙ୍କ ମନରେ ଉତ୍ସାହ ଓ ଉନ୍ମାଦନା ଖେଳିଯାଏ ଓ ସେମାନେ ହାତଧରାଧରି ହୋଇ ଗ୍ରାମର କେନ୍ଦ୍ରସ୍ଥଳକୁ ଯାଇ ନାଚ ଆରମ୍ଭ କରନ୍ତି । ଏମାନଙ୍କ ନୃତ୍ୟ ଓ ବାଜାର ମୂର୍ଚ୍ଛନାରେ ବିମୋହିତ ହୋଇ ବୟସ୍କ ଓ ବୃଦ୍ଧ ମଧ୍ୟ ଏହି ନୃତ୍ୟରେ ଯୋଗଦେଇଥାନ୍ତି । ନାତି ନାତୁଣୀମାନଙ୍କ ନୃତ୍ୟରେ ବୁଢ଼ା ବାପା ଓ ମାଆ ମଧ୍ୟ ଯୋଗ ଦେଇଥାନ୍ତି । ବାହୁକୁ ବାହୁ ଛନ୍ଦା ଛନ୍ଦି ହୋଇ ଧାଡ଼ି ବାନ୍ଧି ଅର୍ଦ୍ଧ ବୃତ୍ତାକାରରେ ଆଗକୁ ଓ ପଛକୁ ଦୋହଲିଲା ପରି ଚମତ୍କାର ଅଙ୍ଗଭଙ୍ଗୀ ଓ ଭାବ ପ୍ରକାଶକରି ଢୋଲ ଓ ଢୋଲିଆ ସାଙ୍ଗରେ ନୃତ୍ୟ କରିବା ସଙ୍ଗେ ସଙ୍ଗେ ସେମାନେ ବିରାଟ ଢୋଲର ଗୁରୁଗମ୍ଭୀର ଧ୍ୱନିର ସୃଷ୍ଟି କରି ବୃତ୍ତାକାରରେ ନୃତ୍ୟ କରିଥାନ୍ତି । ବଡ଼ ଆଶ୍ଚର୍ଯ୍ୟ କଥା ଯେ ବୟସ୍କା ତରୁଣୀମାନେହିଁ ଉତ୍କୃଷ୍ଟ ଧରଣର ନୃତ୍ୟ ପରିବେଷଣ କରିଥାନ୍ତି । ଆନନ୍ଦ ଓ ହର୍ଷ ସହକାରେ ଯୁବକ ଯୁବତୀ ଓ ପିଲାମାନେ ନୃତ୍ୟ କଲେ ମଧ୍ୟ ସେଥିରେ କେତେକ କଟକଣା ରଖାଯାଇଥାଏ । ତେଣୁ ଯୁବକଯୁବତୀଙ୍କ ନୃତ୍ୟ ସେମାନଙ୍କ ମାଆଙ୍କ ନୃତ୍ୟଠାରୁ ଭିନ୍ନ । ଯୁବକ ଓ ଯୁବତୀମାନଙ୍କ ନୃତ୍ୟ ଅପେକ୍ଷା ବୟସ୍କା ମା'ମାନଙ୍କ ନୃତ୍ୟ ବିଶେଷ ଆକର୍ଷଣୀୟ । ସେମାନଙ୍କ ଚିତ୍ତ ବିନୋଦନ ପାଇଁ ନୃତ୍ୟ ହେଉଛି ସର୍ବୋତ୍କୃଷ୍ଟ ।

ଢୋଲବାଦ୍ୟ ସହିତ ପାଦ ମିଳାଇ ସମତାନରେ ନୃତ୍ୟ କରିବା ହେଉଛି ଏହି ସବୁ ନୃତ୍ୟର ବୈଶିଷ୍ଟ୍ୟ । ଏ ସବୁ ନୃତ୍ୟର ସୌନ୍ଦର୍ଯ୍ୟ ସେହି ବୈଶିଷ୍ଟ୍ୟମଧ୍ୟରେ ହିଁ ଲୁଚିରହିଥାଏ । ସେମାନଙ୍କ ନୃତ୍ୟରେ ପାଦର ସ୍ପନ୍ଦନ ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଭାରତର ଅନ୍ୟାନ୍ୟ ଆଦିବାସୀଙ୍କ ଭଳି ଏହି ଲୋକମାନେ ନୃତ୍ୟ ପରିବେଷଣ ସକାଶେ କୌଣସି ସ୍ୱତନ୍ତ୍ର ଧରଣର ବେଶଭୂଷା ବା ଗହଣାଗାଣ୍ଠି ବ୍ୟବହାର କରିନଥାନ୍ତି । ଏମାନେ ନୃତ୍ୟରେ କେବେ-ହେଲେ ମୁଖା ବ୍ୟବହାର କରନ୍ତି ନାହିଁ । ତେଣୁ, ନୃତ୍ୟ ଆରମ୍ଭ କରିବା ପାଇଁ ଆଗରୁ ପ୍ରସ୍ତୁତ ହେବା ଆବଶ୍ୟକ ପଡ଼େ ନାହିଁ । ସେମାନଙ୍କ ଗଠନ ଓ ନୃତ୍ୟଭଙ୍ଗୀ ଦୃଷ୍ଟିରୁ ଗୋଟିଏ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟଠାରୁ ପୃଥକ ଥିବା ଜଣାଯାଏ । କିନ୍ତୁ ସେମାନେ ସମସ୍ତେ ନୃତ୍ୟ ପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି । ସେମାନଙ୍କ ନୃତ୍ୟସବୁ ଦେଖିବାକୁ ଖୁବ୍ ସୁନ୍ଦର, ସେମାନଙ୍କ ପାଦର ତାଳ ସଞ୍ଚାଳନରେ ସୁସାମଞ୍ଜସ୍ୟ ରହିଥାଏ । ସେମାନଙ୍କ ସ୍ୱରର ତାଳ ସଙ୍ଗେ ପାଦ ସଞ୍ଚାଳନର ମେଳ ସର୍ବୋତ୍କୃଷ୍ଟ ଉଲ୍ଲେଖଯୋଗ୍ୟ । ନୃତ୍ୟ ଭଳି ସେମାନଙ୍କ ସଙ୍ଗୀତ ଓ ଗୀତ ମଧ୍ୟ ବିଶେଷ ଲୋକପ୍ରିୟ । ସେମାନଙ୍କ ଜୀବନରେ ସବୁ-କ୍ଷେତ୍ରରେ ସଙ୍ଗୀତ ସହିତର ହୋଇ ରହି ଆସିଛି । ତାହା ଗ୍ରାମ୍ୟଜୀବନର ଏକ ପ୍ରଧାନ ଅଙ୍ଗ । ଢୋଲ ବାଦ୍ୟର ଶବ୍ଦ ଗ୍ରାମର ଆବାଳ ବୃଦ୍ଧ ବନିତାଙ୍କୁ ଆକୃଷ୍ଟ କରି ଆଣିଥାଏ । ନୃତ୍ୟ କରିବା ପାଇଁ ବା ଦୁଃସମ୍ବାଦ ଜଣାଇବା ପାଇଁ ସେମାନେ ଢୋଲ ବଜାନ୍ତି । ବେଳେ ବେଳେ ଏହି ବାଜା ବିପଦ କିଂବା ସୁଖର ସଙ୍କେତ ବି ଦେଇଥାଏ । ଆଦିବାସୀ ସ୍ତ୍ରୀମାନେ ବିଶେଷତଃ ବିବାହ ଓ ମଧୁଶଯ୍ୟା ଉତ୍ସବରେ ବେଶ୍ ମଧୁର ଓ ସୁଶ୍ରାବ୍ୟ ଗୀତିକା ଗାନକରିଥାନ୍ତି । ସେମାନଂକ ବିବାହ ଗୀତିକା 'ବିହା ଏରଙ୍ଗ' ଖୁବ୍ ସୁଶ୍ରାବ୍ୟ ହୋଇଥାଏ ବିହା ଏରଙ୍ଗ୍‌ର ଗୋଟିଏ ନମୁନା:

କହୁ ସେ ନିକାଲ୍ ସୁଗା
ବାଇମେ ବୈଠିଲରେ
ଚଲୋରେ ଉଡ଼ଲେ ସୁଗା
ହମାରେ ଦେଶରେ

ଏହା ହେଉଛି ସେମାନଙ୍କ ସାଧାରଣ ଜୀବନ । ଯେଉଁ ଆଦିବାସୀମାନେ ଶିଳ୍ପ-ବହୁଳ ଅଞ୍ଚଳରେ ବସବାସ କରୁଛନ୍ତି, ସେମାନଙ୍କ ଉପରେ ଶିଳ୍ପ ସଭ୍ୟତାର ପ୍ରଭାବ ପଡ଼ୁଛି । ଏହି ଆଧୁନିକ ପରିବର୍ତ୍ତନ ଶିଳ୍ପାଞ୍ଚଳ-ଅନ୍ତର୍ଭୁକ୍ତ ଗ୍ରାମଗୁଡ଼ିକର ଆଦିବାସୀ ସମ୍ପ୍ରଦାୟର ସଂଗଠନକୁ ଯେ ଧ୍ୱଂସପାତ କରୁଛି ତାହା ନୁହେଁ, ସାମାଜିକ ପରମ୍ପରା, ପ୍ରଥା ଓ ଧର୍ମୀୟ ନୀତି ନିଷେଧ ଉପରେ ସେମାନଙ୍କର ଯେଉଁ ଆସ୍ଥା ଓ ବିଶ୍ୱାସ ଥିଲା ତାହାକୁ ମଧ୍ୟ ଚହଲାଇ ଦେଉଛି ।

ଶିଳ୍ପ ପ୍ରସାର ହେବା ଫଳରେ ବହୁ ସଂଖ୍ୟକ ଆଦିବାସୀଙ୍କୁ ସେମାନଙ୍କ ବଂଶଗତ ପାରମ୍ପରିକ ଗୃହ ଓ କୃଷି ଜମିରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରିଯାଇଛି । ହଠାତ୍ ସେମାନେ ଶିଳ୍ପ ପରିବେଶ ମଧ୍ୟକୁ ଆସିଯିବା ଫଳରେ ସେମାନଙ୍କ ମନର ଭାବ ଓ ଭଙ୍ଗୀରେ ଏବଂ ନିଜ ନିଜର କାର୍ଯ୍ୟରେ ଗୋଳମାଳିଆ ଅବସ୍ଥା ସୃଷ୍ଟି ହେଲା । ଯେଉଁ ଆଦି-ବାସୀମାନଙ୍କୁ ବହୁ ଅର୍ଥ ଦିଆଯାଇ ସ୍ଥାନାନ୍ତରିତ କରାଗଲା, ସେମାନେ ଏହା ପୂର୍ବରୁ କେବେ ହେଲେ ଏତେ ପ୍ରଚୁର ପରିମାଣର ଅର୍ଥ ଦେଖି ନଥିଲେ, ବ୍ୟବହାର କରିବା ତ ଦୂରର କଥା । ସେମାନଙ୍କ ଅଜ୍ଞତା ଓ ନିରକ୍ଷରତାର ସୁଯୋଗ ନେଇ ବାହାରର ଲୋକମାନେ ସେମାନଙ୍କୁ ଛୋଟ ଛୋଟ ବ୍ୟବସାୟରେ ଲଗାଇ ସେମାନଙ୍କ ଅର୍ଥକୁ ଠକି ନେଇଗଲେ ; ଯାହାର ଫଳରେ କି ସେମାନଙ୍କ ବ୍ୟବସାୟର ଅଧଃପତନ ଘଟିଲା । ଘଣ୍ଟା, ବାଇସାଇକେଲ, ରେଡ଼ିଓ, ପୋଷାକ, ଉପକରଣ ଓ ମଦବୋତଲ ଆକାରରେ ଆଧୁନିକ ଭୋଗବିଳାସର ସାମଗ୍ରୀ ପ୍ରଦର୍ଶନ କରାଗଲା ।

ସମାଜ ଓ ଗୋଷ୍ଠୀର ସଫଳତାକୁ କେନ୍ଦ୍ର କରି ସେମାନଙ୍କ ପ୍ରାଚୀନ ଅର୍ଥନୀତି ପ୍ରତିଷ୍ଠିତ ହୋଇଥିଲା ।

କିନ୍ତୁ ବର୍ତ୍ତମାନ ତାହା ଭିନ୍ନ ଆକାର ଧାରଣ କରି ବ୍ୟକ୍ତିଗତ ସଫଳତାରେ ଆତ୍ମ-ପ୍ରକାଶ କରୁଛି । ପରିବାରର ବୟସ୍କମାନଙ୍କୁ ଓ ସମାଜର ନେତାମାନଙ୍କୁ ଯେଉଁ ମାନ ସମ୍ମାନ ଦେଖାଯାଉଥିଲା, ତାହା ପୂର୍ବ-ପରିଭାବେ କୁଆଡ଼େ ଉଭେଇ ଗଲାଣି । ତେଣୁ, ସମାଜ ଉପରେ ବୟସ୍କ ଓ ମୁଖ୍ୟ ବ୍ୟକ୍ତିମାନଙ୍କର ଯେଉଁ କର୍ତ୍ତୃତ୍ୱ ରହିଥିଲା, ତାହା କ୍ରମଶଃ ଦୂରେଇ ଗଲାଣି । ଏହାର ଫଳରେ କେତେକ ସ୍ଥାନରେ ସାମାଜିକ ସଙ୍ଗଠନ ଓ ପଦ୍ଧତିକୁ ଅମାନ୍ୟ କରିବା ଦେଖାଗଲାଣି ।

ସେଠାରେ ଆଦିବାସୀ ଓ ଅଣ ଆଦିବାସୀମାନେ ଖୋଲାଖୋଲି ଭାବେ ମିଳାମିଶା କରୁଥାନ୍ତି । ଅଣ ଆଦିବାସୀ ବାଳକମାନେ ଉପଯୁକ୍ତ ଯୋଗାଯୋଗର ଅସୁବିଧା ହେତୁ ଓ ରହିବାପାଇଁ ସ୍ଥାନର ଅଭାବ ହେତୁ ସେମାନଙ୍କ ପରିବାରକୁ ବିକାଶୋନ୍ମୁଖ ସହରଗୁଡ଼ିକୁ ନେଇ ପାରି ନଥାନ୍ତି, ଯାହାଫଳରେ କି ସେମାନେ ସେଠାରେ ଆଦିବାସୀ ବାଳିକାମାନଙ୍କୁ ଆକୃଷ୍ଟ କରି ନିଜନିଜ ପାଖରେ ରଖିଥାନ୍ତି ଓ ପରେ ସେମାନଙ୍କୁ ନିରାଶ୍ରୟ କରି ଛାଡ଼ି ଦେଇଥାନ୍ତି । ଆଗେ ସେମାନଙ୍କ ସମାଜରେ ଯେଉଁ ରୋଗ ବ୍ୟାଧିଗୁଡ଼ିକ କେବେହେଲେ ଦେଖା ଦେଇ ନଥିଲା, ଆଜି ସେହିଭଳି ବ୍ୟାଧିମାନ ବହୁଳଭାବେ ସେମାନଙ୍କ ମଧ୍ୟରେ ଦେଖା ଯାଉଛି ।

ଏହି ଲୋକମାନଙ୍କର ସ୍ୱାଭାବିକ ନୈତିକତାର ଯେପରି ଅଧଃପତନ ଘଟୁଛି, ତାହା ସେମାନଙ୍କୁ ଅବ୍ୟବସ୍ଥିତ କରି ଦେଉଛି । ଭବିଷ୍ୟତରେ ଏ ସମ୍ପର୍କରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ସମ୍ପର୍କରେ ସେମାନେ ନିଶ୍ଚିତ ନୁହନ୍ତି ।

ସେମାନଙ୍କ ମଧ୍ୟରେ ଯେଉଁ ଅଦଳବଦଳ ପଦ୍ଧତିର ଅର୍ଥନୀତି ଚାଲିଆସୁଥିଲା, ତାହା ସମ୍ପୂର୍ଣ୍ଣଭାବେ ଲୋପପାଇଗଲାଣି । ଭିନ୍ନ ସମ୍ପ୍ରଦାୟର ପଡ଼ୋଶୀମାନଙ୍କ ମଧ୍ୟରେ ଯେଉଁ ସହଯୋଗୀ-ମନୋଭାବ ପ୍ରକାଶ ପାଉଥିଲା ତାହା କ୍ରମଶଃ ଦୂରହୋଇ ଗଲାଣି । ଓରାନ୍ ସମ୍ପ୍ରଦାୟଙ୍କ ଭଳି କେତେକ ସମ୍ପ୍ରଦାୟରେ ଯୁବକମାନଙ୍କ ମଧ୍ୟରେ ଆଗେ ଯେଉଁ ଉତ୍ସବମାନ ଅନୁଷ୍ଠିତ ହେଉଥିଲା ତାହା ବର୍ତ୍ତମାନ କୁଆଡ଼େ ଉଭେଇ ଗଲାଣି ।

ସେମାନେ ସେମାନଙ୍କ ଆଦିବାସୀ ନିୟମ ଓ ପ୍ରଥା ପ୍ରତି ଆଉ ସମ୍ମାନ ଦେଖାଉନାହାନ୍ତି । ସେମାନେ ବର୍ତ୍ତମାନ କୋର୍ଟର ନିୟମ ଓ ପୋଲିସର ଆଶ୍ରୟ ନେଉଛନ୍ତି । ଯେଉଁ ଆବହମାନ କାଳରୁ ପାରମ୍ପରିକ ଭାବେ ସେମାନଙ୍କ ସମାଜରେ ଯେଉଁ ମୁଖ୍ୟବ୍ୟକ୍ତି ରହିବା ପଦ୍ଧତି ଚାଲିଆସୁଥିଲା ତାହାର ବର୍ତ୍ତମାନ ପରିବର୍ତ୍ତନ ହୋଇଛି । ତାହାର ପରିବର୍ତ୍ତେ ସେଠାରେ ପଞ୍ଚାୟତରାଜ ପ୍ରବର୍ତ୍ତିତ ହୋଇଛି । ସେମାନଙ୍କ ନୂଆ ଆଗ୍ରହୀ ଓ ଉତ୍ସାହୀ ନେତାମାନେ ଏଥିରେ ଯୋଗ ଦେଇଛନ୍ତି ।

ଏକା ଏ ଅଞ୍ଚଳରେ କାହିଁକି ସାରା ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସମୟର ପ୍ରଭାବରେ ଆଦିବାସୀମାନେ ଏକ ଖଣ୍ଡସନ୍ଧ ଅବସ୍ଥାରେ ଉପନୀତ ହୋଇଛନ୍ତି । ଆଧୁନିକ ଅଗ୍ରଗାମୀ ଓ ଉନ୍ନତ ସମାଜର ଲୋକମାନଙ୍କ ସହ ପାଦ ମିଳାଇ ସେମାନେ ଅଗ୍ରଗତି କରିବେ ନା ନିଜର ପାରମ୍ପରିକ ସାମାଜିକ ଶୃଙ୍ଖଳାରେ ନିଜକୁ ସୀମାବଦ୍ଧ କରି ରହିବେ ଏହିଭଳି ଚିନ୍ତାଧାରା ସେମାନଙ୍କୁ ଦ୍ୱିଧାଗ୍ରସ୍ତ କରି ପକାଇଛି । ଏ ପରିସ୍ଥିତିରେ ଦେଶବାସୀଙ୍କର ବିଶେଷତଃ ଦେଶର ଯୋଜନାକାରୀମାନଙ୍କ ପରାମର୍ଶ ଓ ସହଯୋଗ ସେମାନଙ୍କୁ ସନ୍ଦେହମୁକ୍ତ କରିପାରୁଛି କି ନାହିଁ ଦେଖିବାର କଥା ।

# ଉଠା ଜଳସେଚନର ଭୂମିକା

ଯେଉଁ ଅଞ୍ଚଳରେ ପାଣି ସମୁଦ୍ରପତ୍ତନ୍ ଠାରୁ ଉପରକୁ ଉଠାଇବାକୁ ପଡ଼େ ଏବଂ ଯେଉଁଠାରେ ଜମିର ସମାନ ନଥିବା ହେତୁରୁ ସୁବିଧାରେ ଓ ଅଳ୍ପ ଖର୍ଚ୍ଚରେ କେନାଲ ଖୋଳିବା ସମ୍ଭବ ନୁହେଁ, କେବଳ ସେହି ଅଞ୍ଚଳମାନଙ୍କରେ ଉଠା ଜଳସେଚନ ବ୍ୟବସ୍ଥା ବ୍ୟାପକଭାବରେ କାର୍ଯ୍ୟକାରୀ କରାଯାଇଥାଏ । ଗତ ଅନାଦି ଶତାବ୍ଦୀ ପରୁ ଓଡ଼ିଶାରେ ଏହି ଜଳସେଚନ ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଛି । ମାତ୍ର ସେ ଯୁଗରେ ଯେଉଁସବୁ ପ୍ରଣାଳୀ ଏ ଦିଗରେ ଅନୁସୃତ ହେଉଥିଲା ତାହା ଏ ଯୁଗରେ ସୁଗଠନ ହୋଇପାରୁନି । ତାହା ବିସ୍ତୃତ ଅଞ୍ଚଳର ଜଳସେଚନ ପାଇଁ ଉପଯୁକ୍ତ ନୁହେଁ । ଆଧୁନିକ ଧରଣର ବିଦ୍ୟୁତ୍-ଚାଳିତ ପମ୍ପ ଓ ଡିଜେଲ ଚାଳିତ ଯନ୍ତ୍ରରୁ ବିଶେଷ ସୁଫଳ ମିଳିବା ଜଣାପଡ଼ୁଛି । ଓଡ଼ିଶାର ଅନେକ ଅଞ୍ଚଳରେ ଅଧିକ ପରିମାଣରେ ଫସଲ ଉତ୍ପାଦନ ପାଇଁ ଏହିପରି ସୁବିଧା ସୃଷ୍ଟି ହେବାର ସୁବିଧା ପାଉଛନ୍ତି । ଏହି ପ୍ରବନ୍ଧରେ ସେ ସମ୍ପର୍କରେ ସମ୍ୟକ୍ ଆଲୋଚନା କରିବ ।

## ଆଖୁ ଉତ୍ପାଦନରେ ଉଠା ଜଳସେଚନର ଉପଯୋଗ


ଲେଖକ—ଶ୍ରୀ ଏଲ୍. କେ. ଚୌଧୁରୀ, ବି. ଟେକ୍. (ଅନର୍ସ)
ଆସିଷ୍ଟାଣ୍ଟ ଇଞ୍ଜିନିୟର, ଲିଫ୍ଟ ଇରିଗେସନ, ବ୍ରହ୍ମପୁର


ଓଡ଼ିଶାର ଶିଳ୍ପବିକାଶ କ୍ଷେତ୍ରରେ ଆସିକାଠାରେ ଗଢ଼ିଉଠିଥିବା ନୂଆ ସମବାୟ ଚିନିକାରଖାନାର ସ୍ଥାନ ବିଶେଷ ଉଲ୍ଲେଖଯୋଗ୍ୟ । ଏଥିରେ କାହାରି ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସୁଦୂର ଅତୀତରୁ ଆସିକା ଅଞ୍ଚଳ ଆଖୁ ଉତ୍ପାଦନର ଏକ ପ୍ରଧାନ କେନ୍ଦ୍ର ହୋଇ ରହିଆସିଛି । ଏହିଠାରେ ପୁରୁଣା ଧରଣର ଗୋଟିଏ ଚିନି କାରଖାନା ବହୁବର୍ଷ ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା । କିନ୍ତୁ ସମୟକ୍ରମେ ତାହା ଉଠିଯାଇଛି । ବର୍ତ୍ତମାନ ସେଠାରେ ଗଢ଼ିଉଠିଛି ଗୋଟିଏ ନୂଆ ବଡ଼ କାରଖାନା । କାରଖାନାଟିକୁ ଦେଖିଲେ, ଯେ କୌଣସି ଲୋକର ମନରେ ସ୍ୱତଃ ପ୍ରଶ୍ନ ଉଠିପାରେ ଯେ ଏଭଳି ଗୋଟିଏ କାରଖାନା ପାଇଁ ଯଥେଷ୍ଟ ପରିମାଣରେ ଆଖୁ ମିଳିପାରିବ ତ ? ଆଖୁଚାଷ ପାଇଁ ଏଠାରେ ବିସ୍ତୃତ ଅଞ୍ଚଳର ସୁବିଧା ରହିଛି କି ? ବର୍ତ୍ତମାନ ଏ ଅଞ୍ଚଳରେ ୩,୦୦୦



ଉଠା ଜଳସେଚନରେ ବ୍ୟବହୃତ ପମ୍ପ

ଏକରରୁ କମ୍ ଜମିରେ ଆଖୁ ଚାଷ କରାଯାଉଛି । ଏଥିରୁ ଯେଉଁ ଆଖୁ ମିଳେ ସେଥିରେ କେବଳ ତିନିମାସପାଏ ଉକ୍ତ କାରଖାନା ଚାଲୁ ରହୁଥାଏ । ଏହାକୁ ୭ ମାସରୁ ୧୦ ମାସ ପର୍ଯ୍ୟନ୍ତ ଚାଲୁ ରଖିବାକୁ ହେଲେ, ୧୦,୦୦୦ ଏକର ଜମିରେ ଆଖୁ ଚାଷ କରିବା ଆବଶ୍ୟକ । ବର୍ତ୍ତମାନ ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଚେଷ୍ଟା କରାଯାଉଛି ।

ଆମର ଯୋଜନାକାରୀମାନେ ବର୍ତ୍ତମାନ ଜଳସେଚନର ଅସୁବିଧା, ଆବଶ୍ୟକୀୟ ପରିମାଣର ଖତ ଓ ସାର ଅଭାବ, ପରିବହନ ଓ ଯୋଗାଯୋଗ ଅସୁବିଧା ବେଶ୍ ଉପଲବ୍ଧି କରିପାରିଲେଣି । ଆଖୁ ଉତ୍ପାଦନକାରୀଙ୍କ ମନରେ ଯେଉଁ ନିରୁତ୍ସାହ ଓ ହତାଶ ମନୋଭାବ ସୃଷ୍ଟି ହୋଇଛି, ତାହାମଧ୍ୟ ସେମାନେ ହୃଦୟଙ୍ଗମ କରିପାରିଲେଣି । ତେଣୁ ସେମାନେ ଆଖୁଚାଷ ଅଞ୍ଚଳର ଚାଷୀଙ୍କୁ ସାହାଯ୍ୟ ଦେବାପାଇଁ କୃଷି, ସମବାୟ ଓ ଅନ୍ୟାନ୍ୟ ବିଭାଗ ଜରିଆରେ ଉପଯୁକ୍ତ ବ୍ୟବସ୍ଥା କରିଛନ୍ତି । ଆଖୁଚାଷ ଅଞ୍ଚଳରେ ଆଖୁ କିଆରୀମାନଙ୍କରେ ପାଣି ମଡ଼ାଇବା ପାଇଁ ପାଣିର ସୁବିଧା ନାହିଁ । ଯାହାକିଛି ଅଛି, ତାହା ଆବଶ୍ୟକତା ତୁଳନାରେ ଖୁବ୍ ସୀମିତ । ତେଣୁ ସେହି ଅଞ୍ଚଳରେ ଉଠା ଜଳସେଚନ ଭୁରନ୍ତ ଆବଶ୍ୟକ ହୋଇ ପଡ଼ୁଛି । ଏହି ଜରୁରି କାର୍ଯ୍ୟ ହାତକୁ ନେବାପାଇଁ କୃଷି ଡିରେକ୍ଟରେଟ୍‌ର ଇଞ୍ଜିନିୟରିଂ ବିଭାଗ ୧୯୬୮ ମସିହାରେ ଋଷିକୁଲ୍ୟା ଅବବାହିକାରେ ଟିକିନିଖି ଅନୁସନ୍ଧାନ କାର୍ଯ୍ୟକ୍ରମ ଚଳାଇଥିଲେ । ଏକ ପଥ-ପ୍ରଦର୍ଶକ ଯୋଜନା ରୂପେ ଛତ୍ରପୁର ଓ ପୁରୁଷୋତ୍ତମପୁର ବ୍ଲକମାନଙ୍କରେ ପମ୍ପ ଷ୍ଟେସନମାନ ସ୍ଥାପନ କରାଯାଇଛି । ଏଥିରୁ ଆଶାଜୀତ ଭାବେ ସୁଫଳ ମିଳିଛି । ଏଥିରେ ଉତ୍ସାହିତ ହୋଇ ଆସିକା, ଶେରଗଡ଼ ଓ ହିଞ୍ଜିଳିକାଟୁ ବ୍ଲକମାନଙ୍କରେ ମଧ୍ୟ ଏ ସମ୍ପର୍କରେ ଅନୁସନ୍ଧାନ କାର୍ଯ୍ୟ କରାଯାଇଛି । ସରକାର ଭୂତାତ୍ତ୍ୱିକ ସର୍ଭେ ବିଭାଗ ଓସାରିଆ ନଳ କୂଅରୁ ପାଣି

> ସ୍ୱରାଜ ଶବ୍ଦଟିଏ ପବିତ୍ର ଶବ୍ଦ, ଶବ୍ଦଟିଏ ବୈଦିକ ଶବ୍ଦ । ଏହାର ଅର୍ଥ ହେଉଛି ଆତ୍ମ-ଶାସନ ଓ ଆତ୍ମ-ସଂଯମ । ଅନେକ ସମୟରେ ଉଚ୍ଛୃଙ୍ଖଳତାକୁ ଯେପରି ସ୍ୱାଧୀନତା ବୋଲି ଅର୍ଥ କରାଯାଇଥାଏ, ଏହାର ଅର୍ଥ ତାହା ନୁହେଁ ।
>
> —ଗାନ୍ଧୀ

ଉଠାଇବା ପାଇଁ ଯେଉଁ ସୁପାରିଶ କରିଥିଲେ, ତାହା ଏହି ଅଞ୍ଚଳରେ ଭଲ ଫଳ ଦେବନାହିଁ । ଅଳ୍ପ ଅଳ୍ପ ପରିମାଣର ଜମିକୁ କମ୍ ଓସାରିଆ ଫିଲଟର୍ ଥିବା ନଳକୂଅ ଯୋଗାଇ ଦିଆଗଲେ ତାହା ବିଶେଷ ଲାଭଜନକ ହେବ । ଗଞ୍ଜାମ ଜିଲ୍ଲା ତଥା ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଏହି ଉଠା ଜଳ ସେଚନର ଗୁରୁତ୍ୱ ଉତ୍ତରୋତ୍ତର ବୃଦ୍ଧି ପାଉଥିବାରୁ ଏ ବର୍ଷ ଆରମ୍ଭରୁ 'ଡିରେକ୍ଟରେଟ୍ ଅଫ୍ ଲିଫ୍ଟ୍ ଇରିଗେସନ' ନାମକ ଏକ ସ୍ୱତନ୍ତ୍ର ଡିରେକ୍ଟରେଟ ସ୍ଥାପିତ ହୋଇଛି ।

ଆସିକା ଚିନି କାରଖାନାଠାରୁ କମ୍ ଦୂରରେ ଅବସ୍ଥିତ ଆସିକା, ଶେରଗଡ଼, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ, ଛତ୍ରପୁର, ଗଞ୍ଜାମ ଓ ଭଞ୍ଜନଗର-୨ ବ୍ଲକମାନଙ୍କରେ ଉଠା ଜଳସେଚନ ସମ୍ପର୍କରେ ଅନୁସନ୍ଧାନ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି । ବୋଇରାଣୀ, ପୋଲସରା, ଭଞ୍ଜନଗର ୧ ଓ ଧରାକୋଟ ଭଳି ଏହାର ନିକଟ ବର୍ତ୍ତୀ ଅନ୍ୟାନ୍ୟ ବ୍ଲକମାନଙ୍କରେ ଅନୁସନ୍ଧାନ କାର୍ଯ୍ୟ ଚାଲିଛି । ଏହି ଅନୁସନ୍ଧାନ କାର୍ଯ୍ୟ ସନ୍ତୋଷଜନକ ହୋଇଛି ।

ଆସିକା, ଶେରଗଡ଼, ବେଲଗୁଣ୍ଠା, ପୁରୁଷୋତ୍ତମପୁର, ଛତ୍ରପୁର ପ୍ରଭୃତି ବ୍ଲକମାନଙ୍କରେ ଉଠା ଜଳସେଚନ ପାଇଁ ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଗଲାଣି । ବର୍ତ୍ତମାନ ଏହି କାର୍ଯ୍ୟକ୍ରମର ସଂପ୍ରସାରଣ କରାଯାଉଛି ।

୧୯୭୭ ମସିହା ମଧ୍ୟ ଭାଗ ଶେଷସୁଦ୍ଧା କାରଖାନାର ଚତୁଃପାର୍ଶ୍ୱରେ ୨୫ ମାଇଲ ମଧ୍ୟରେ ପ୍ରାୟ ୧୦୦ଟି ପମ୍ପ ବସାଇବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟ ଅଧାଅଧି ହୋଇ ଗଲାଣି ।

ଉକ୍ତ ଅଞ୍ଚଳରେ ଛୋଟ ଜଳସେଚନ ପାଇଁ ନିମ୍ନଲିଖିତ ଆକାରରେ ପମ୍ପ ଷ୍ଟେସନମାନ ନିର୍ମାଣ କରାଯାଇଛି । ତିନି ଇଞ୍ଚ ବ୍ୟାସ ବିଶିଷ୍ଟ ଏବଂ ୫୦ରୁ ୮୦ଫୁଟ ଗଭୀର ଛୋଟ ନଳ କୂଅ ନିର୍ମାଣ କରା ଯାଇଛି । ପ୍ରତ୍ୟେକ କୂଅରେ ୨୦ରୁ ୪୦ଫୁଟର କଏର ଫିଲ୍ଟର (coir filter) ରହିଛି । ପ୍ରତ୍ୟେକ ଫିଲ୍ଟରକୁ ୫ କିମ୍ବା ୧୦ ଅଶ୍ୱ ଶକ୍ତିବିଶିଷ୍ଟ ଇଲେକ୍ଟ୍ରିକ୍ ପମ୍ପ ସହିତ ସଂଯୋଗ କରାଯାଇଛି । ଉଠାଣ ପଥର ଉପରେ ୮'×୮' ରୁ ୧୦' ମାପର ଦମକଳ ଘର ରହିଛି । ଏହି ଉଠାଣ ଭୂପୃଷ୍ଠରୁ ୪ କିମ୍ବା ୫ ଫୁଟ ତଳେ ରହିଛି । ଏପରି ଘରର ଉଚ୍ଚତା ଭୂପୃଷ୍ଠଠାରୁ ୬ରୁ ୭ ଫୁଟ ଉଚ୍ଚ । ଦମକଳ ଘରଗୁଡ଼ିକୁ ଭୂଇଁ ତଳେ ରଖିବା କାରଣ ହେଉଛି ଯେ ଏହାର ପମ୍ପକୁ ଏପରି ସ୍ତରେ ରଖାଯାଇଥାଏ, ଯେପରିକି ପାଣି ଶୋଷି ଆଣୁଥିବା ମୁଣ୍ଡଟି ୧୫ ଫୁଟରୁ ଅଧିକ ଉପରକୁ ଉଠେ ନାହିଁ । ଏହି ଅଞ୍ଚଳରେ ବସାଯାଇଥିବା ସମସ୍ତ ପ୍ରକାର ପମ୍ପର ପାଇପମାନଙ୍କର ସଂଘର୍ଷଜନିତ କ୍ଷୟକ୍ଷତି ସମେତ ମୋଟ ହେଡ୍ (ଉତ୍ତୋଳନ) ସାଧାରଣତଃ ୩ ରୁ ୪୦ ଫୁଟ ରହିଥାଏ । ଦୁଇଟି ନଳକୂଅ ମିଶି ଘଣ୍ଟା ପିଛା ୧୦,୦୦୦ ରୁ ୧୬,୦୦୦ ଗ୍ୟାଲନ୍ ପାଣି ଟାଣି ଆଣିଥାନ୍ତି, ଅର୍ଥାତ ଘଣ୍ଟା ପିଛା ୦.୨୮ ରୁ ୦.୪୪ ଏକର ଇଞ୍ଚ ।

ଏହାର ଅର୍ଥ ହେଉଛି ଯେ ଗୋଟିଏ ପମ୍ପ ୧୦୦ ଘଣ୍ଟା ଧରି କାମକଲେ ୨୮ରୁ ୪୪ ଏକର ଜମି ଉପରେ ଏକଇଞ୍ଚ ବହଳ ଜଳସେଚନ ହୋଇ ପାରିବ । ଦୈନିକ ଗୋଟିଏ ପମ୍ପ ଏକାଦିକ୍ରମେ ୧୨ ଘଣ୍ଟା ଚାଲୁ କରାଗଲେ ସପ୍ତାହକ ମଧ୍ୟରେ ୨୦ ଏକର ଆଖୁକ୍ଷେତ ଜମିରେ ୨ଇଞ୍ଚ ବହଳରେ ଜଳ ସେଚନ କରାଯାଇ ପାରିବ । ଏହି ଭଳିରେ ଆଖୁକ୍ଷେତ ପାଇଁ ଗୋଟିଏ ଋତୁରେ ଏକର ପିଛା ବିଦ୍ୟୁତ ଖର୍ଚ୍ଚ ପ୍ରାୟ ଟ ୪୦ ପଡ଼ିବ ।

୫ ଅଶ୍ୱ ଶକ୍ତି ବିଶିଷ୍ଟ ଗୋଟିଏ ପମ୍ପ ଷ୍ଟେସନ ସ୍ଥାପନ କରିବାକୁ ଗଲେ କେବଳ ମୂଳଧନ ଆବଶ୍ୟକ ତାହା ନିମ୍ନରେ ଦିଆଗଲା ।

| | |
|---|---|
| ୧ । ୩ଇଞ୍ଚ ବ୍ୟାସ ଥିବା ୨ଟି ନଳକୂଅର ଦାମ । | ଟ୧,୦୦୦୲ |
| ୨ । ପମ୍ପ ଚେମ୍ବର ଓ ସିଷ୍ଟରନ୍‌ର ମୂଲ୍ୟ | ଟ୧,୭୦୦୲ |
| ୩ । ଷ୍ଟାର୍ଟର ସହ ୫ଅଶ୍ୱଶକ୍ତି ପମ୍ପର ମୂଲ୍ୟ | ଟ୧,୨୦୦୲ |
| ୪ । ସକସନ୍ ଓ ଡେଲିଭେରି ପାଇପ୍ ଫିଟିଂସ୍ ମୂଲ୍ୟ । | ଟ ୫୦୦୲ |
| ୫ । ଦମକଳ ଘର (ପମ୍ପ ଚେମ୍ବର) ବିଜୁଳି ତାର ଲଗାଇବା ଖର୍ଚ୍ଚ । | ଟ ୬୦୦୲ |
| ୬ । ୫୦୦' ଲମ୍ବ ମୁଖ୍ୟ ପାଣିଧାର (ଚ୍ୟାନେଲ୍)ରେ ଖର୍ଚ୍ଚ । | ଟ୧,୨୫୦୲ |
| ୭ । ବିବିଧ ଖର୍ଚ୍ଚ | ଟ ୨୫୦୲ |
| ମୋଟ ... | ଟ୬,୫୦୦ |

ଯଦି ଆୟୁକଟ୍ ୨୦ ଏକର ହୋଇଥାଏ, ତାହାହେଲେ ଏକର ପିଛା ଆନୁମାନିକ ଖର୍ଚ୍ଚ ପ୍ରାୟ ଟ୩୨୫୲ ପଡ଼ିବ ।

ଏହାପୂର୍ବରୁ ସରକାର ଏହି ପମ୍ପିଂ ଷ୍ଟେସନମାନ ନିର୍ମାଣ କରି ଆୟାକଟ୍‌ଦାର ମାନଙ୍କଠାରୁ ଜଳକର ଆଦାୟ କରିବେ ବୋଲି ମନସ୍ଥ କରିଥିଲେ ; କିନ୍ତୁ ପରେ ଏହା ବହୁ ଖର୍ଚ୍ଚସାପେକ୍ଷ ଓ କଷ୍ଟକର ବୋଲି ପ୍ରମାଣିତ ହେଲା । ତେଣୁ, ଏବେଗରେ ବର୍ତ୍ତମାନ ସରକାରଙ୍କର ମତ ହେଉଛି ଯେ ପମ୍ପିଂ ଷ୍ଟେସନ ତିଆରି ସରିବା ପରେ, ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସମବାୟ ସମିତିମାନଙ୍କ ଉପରେ ନ୍ୟସ୍ତ ହୋଇପାରିବ । ଏହି ମତ ସହଜସାଧ୍ୟ ଭଳି ଜଣା ଗଲେ ମଧ୍ୟ ବାସ୍ତବ କାର୍ଯ୍ୟ କ୍ଷେତ୍ରରେ କେତେକ ଅସୁବିଧା ଦେଖାଯାଉଛି । ଚାଷୀ ବିଶେଷତଃ ଅଶିକ୍ଷିତ ଆୟାକଟ୍‌ଦାରମାନେ ସମବାୟ ସୂତ୍ରରେ ଏହି କଳ ଓ ଯନ୍ତ୍ରପାତିଗୁଡ଼ିକୁ ସ୍ୱୀକାର କରିବାରେ ଏକମତ ନୁହନ୍ତି ।

ଉଠା ଜଳସେଚନର ପମ୍ପିଂ ଷ୍ଟେସନ୍‌ଗୁଡ଼ିକର ନିର୍ମାଣ-କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ, ସେଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ହଠାତ୍ ସମବାୟ ସମିତି ଉପରେ ନ୍ୟସ୍ତ କରିବା ପରିବର୍ତ୍ତେ ସରକାର ତାହାର ଦାୟିତ୍ୱ ଅନ୍ତତଃପକ୍ଷେ ବର୍ଷେକ ସକାଶେ ବୁଝାସୁଝା କଲେ ଭଲ ହେବ ବୋଲି ଅତୀତ ଅଭିଜ୍ଞତାରୁ ଜଣାଯାଇଛି । ଏହାଦ୍ୱାରା କୃଷକମାନଙ୍କ ମନରୁ ସନ୍ଦେହ ଦୂରହୋଇ ସେମାନଙ୍କ ମନରେ ଏଥିପ୍ରତି ବିଶ୍ୱାସ ଦୃଢ଼ୀଭୂତ ହେବ ଏବଂ ଏହାର ଫଳରେ ଏହି କାର୍ଯ୍ୟକ୍ରମ ଫଳପ୍ରଦଭାବେ ତ୍ୱରିତ କାର୍ଯ୍ୟକାରୀ ହେବ । ଅନିଚ୍ଛୁକ ଆୟାକଟ୍‌ଦାରମାନଙ୍କୁ ଉଠା ଜଳସେଚନ ସମବାୟ-ସମିତିରେ ଯୋଗ ଦେବାପାଇଁ ବାଧ୍ୟ କରିବା ସକାଶେ କିଛି ଆଇନ୍ ରଖାଯିବା ଆବଶ୍ୟକ । ଏ ସମ୍ପର୍କରେ ଉଠାଜଳସେଚନ ଇଂଜିନିୟରିଂ ଓ ସମବାୟ ବିଭାଗମାନଙ୍କ ମଧ୍ୟରେ ଯଥାଯଥ ସମନ୍ୱୟ ରକ୍ଷାକରିବା ଆବଶ୍ୟକ । ତାହାହେଲେ, ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ପରିଚାଳିତ ହେବ । ଏହି ସର୍ତ୍ତ ଓ ନିୟମଗୁଡ଼ିକୁ ପୂରଣ କରାଗଲେ ଆସିକା ଚିନିକାରଖାନାର ୨୫ ମାଇଲ ମଧ୍ୟରେ ୧୯୭୭ ମସିହା ଶେଷସୁଦ୍ଧା ୧୦,୦୦୦ ଏକର ପରିମିତ ଜମିରେ ଆଖୁଚାଷ କରାଯାଇ ପାରିବ ବୋଲି ଆଶାକରାଯାଉଛି । ତଦ୍ୱାରା ଏହି କାରଖାନା ସ୍ଥାପନର ଯଥାର୍ଥତା ବିଶେଷଭାବରେ ପ୍ରତିପାଦିତ ହୋଇପାରିବ ଏବଂ ଭାରତର ଚିନି ଉତ୍ପାଦକ ଅଗ୍ରଗାମୀରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ ବୋଲି ବିବେଚିତ ହେବ ।

( ୧୯ ପୃଷ୍ଠାର ଅବଶିଷ୍ଟାଂଶ )

ଗ୍ରାମରେ (Sample village) ପନିପରିବା, ଫଳ, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ମାଛ, ମାଂସ ଓ ଅଣ୍ଡାର ବ୍ୟବହାର ନିର୍ଦ୍ଦିଷ୍ଟମାନର ପ୍ରାୟ ଏକ-ତୃତୀୟାଂଶ ଏବଂ ଏହି ଯୋଜନା ଯେଉଁଠାରେ କାର୍ଯ୍ୟକାରୀ ହୋଇନାହିଁ ସେଠାରେ ତାହା ଅପେକ୍ଷା ଯଥେଷ୍ଟ କମ୍ ।

ପୁଷ୍ଟିକର ଓ ସରକ୍ଷିତ ଖାଦ୍ୟର ସୁବିଧା ପ୍ରତି ଲକ୍ଷ୍ୟ ରଖି ଜାତୀୟ କୃଷିନୀତି ଅନୁସୃତ ହେବା ଆବଶ୍ୟକ । ସ୍ଥାନୀୟ ଲୋକଙ୍କ ସହାୟତାରେ ଓ ସ୍ଥାନୀୟ ଉତ୍ସର ମଧ୍ୟରେ ଉତ୍ପାଦନର ଅଭିବୃଦ୍ଧି ନିମନ୍ତେ ଆଞ୍ଚଳିକ ପରିକଳ୍ପନା ଅନୁଯାୟୀ କାର୍ଯ୍ୟ କରାଯିବା ସଙ୍ଗେ ସଙ୍ଗେ ମିଳୁଥିବା ଖାଦ୍ୟ ଦ୍ରବ୍ୟକୁ ଠିକ୍‌ଭାବରେ ବ୍ୟବହାର କରାଯିବା ଉଚିତ । ଖାଦ୍ୟ ଦ୍ରବ୍ୟ ବ୍ୟବହାରରେ ତଥା ଖାଦ୍ୟାଭ୍ୟାସରେ ଉନ୍ନତି ସମ୍ପର୍କରେ ସମସ୍ତ ପ୍ରଚେଷ୍ଟା ଦୀର୍ଘକାଳଧରି ଅବ୍ୟାହତ ରଖାଯିବା ଆବଶ୍ୟକ ।

ପ୍ରୟୋଗାତ୍ମକ ପୁଷ୍ଟିକର ଖାଦ୍ୟ ଯୋଜନା ଗାଁ ଗହଳର ଲୋକଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଭଲ ଧାରଣା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଅଧିକ ପନିପରିବା ଓ ଫଳ ଉତ୍ପାଦନ ଏବଂ କୁକୁଡ଼ା ପାଳନ ଓ ମାଛ ଚାଷ କରିବା ସକାଶେ ସେମାନଙ୍କୁ ଉଦ୍‌ବୁଦ୍ଧ ଏବଂ ସାହାଯ୍ୟ କରୁଛି ।

ଏହି ଯୋଜନାର ସୁପ୍ରଭାବ ପରିଲକ୍ଷିତ ହୋଇଥିବା ଯୋଗେ ଏହାର ବ୍ୟାପକ ସମ୍ପ୍ରସାରଣର ଯଥାର୍ଥତା ରହିଛି ।

# ଉଠା ଜଳସେଚନରେ ନାଲମ ଗାଆଁର କୃତତ୍ୱ

ଗତ ବର୍ଷ ଢେଙ୍କାନାଳର ମୃଦୁ ଗୋଟି ବ୍ଲକର ଗାଁମାନଙ୍କରେ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ କରାଯାଇଅଛି । ତନ୍ମଧ୍ୟରୁ ଗତ ୨୫।୧୦।୧୯୭୨ ତାରିଖରେ ଭୁବନ ପଞ୍ଚାୟତ ସମିତିର ନୟାଗଳ ପଞ୍ଚାୟତ ସମିତିର ନାଲମ୍ ଠାରେ ଦୁଇଗୋଟି ଉଠା ଜଳସେଚନ ଯୋଜନା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇ ସାରିଛି । ଚଳିତ ବର୍ଷ ଶତ୍ରୁଘ୍ନ ପଞ୍ଚାୟତ ସମିତିର ଭଗବତୀଂପୁର ଓ ଗନ୍ଧିଆ ପଞ୍ଚାୟତ ସମିତିର ବୃନ୍ଦାବନପୁରଠାରେ ଉଠା ଜଳସେଚନ ଯୋଜନା ଶୀଘ୍ର କାର୍ଯ୍ୟକାରୀ କରାଯିବ । ଭବିଷ୍ୟତରେ ବ୍ରାହ୍ମଣୀ ନଦୀର କୂଳେ କୂଳେ ଓଡ଼ାପଡ଼ା; କାମାଖ୍ୟାନଗର ପଞ୍ଚାୟତ ସମିତି ଓ ପାଲଲହଡ଼ାରେ ମାଙ୍କଡ଼ା ନଦୀର କୂଳରେ ଥିବା ଅଞ୍ଚଳମାନଙ୍କରେ ଅନୁରୂପ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରାଯାଉଛି ।

ପୂର୍ବରୁ ଗ୍ରାମପଞ୍ଚାୟତମାନଙ୍କୁ ଯେଉଁ ସବୁ ପାମ୍ପସେଟ ଦିଆ ଯାଇଥିଲା, ସେଗୁଡ଼ିକ ଅନେକ ସମୟରେ ଅଚଳ ହୋଇ କାମରେ ଲାଗି ପାରୁ ନ ଥିଲା, କୃଷକ ମଧ୍ୟ ତା'ର ସଦୁପଯୋଗ କରିପାରୁ ନ ଥିଲେ । ସେଗୁଡ଼ିକ ଯେଉଁସବୁ କାରଣରୁ ଅଚଳ ହୋଇ ପଡ଼ିଥିଲା, ବର୍ତ୍ତମାନ ସେଗୁଡ଼ିକର ପୁନରାବୃତ୍ତି ଯେପରି ନହୁଏ ସେଥିପ୍ରତି ସରକାର ଓ କୃଷକମାନେ ସଚେତନ ରହିବେ ଏବଂ ଦୃଷ୍ଟିଦେଇ ସମ୍ପୂର୍ଣ୍ଣ ଭାବରେ ଉଠା ଜଳସେଚନ ଯୋଜନାକୁ ସଫଳ କରିବା ଦିଗରେ ଦୃଢ଼ ପଦକ୍ଷେପ ନେଉଛନ୍ତି ।

ନାଲମ ତାଳଚେର ସବ୍‌ଡିଭିଜନର ଏକ ଶ୍ରେଷ୍ଠ ପଲ୍ଲୀ ଗାଁ, ସହର ସଭ୍ୟତା ଏ ପର୍ଯ୍ୟନ୍ତ ଏହାକୁ ସ୍ପର୍ଶ କରିନାହିଁ । ତେଣୁ ପଲ୍ଲୀ ଗାଁର ସେହି ନିର୍ମଳ ବାତାବରଣ ମଧ୍ୟରେ ସରଳ ପ୍ରାଣର ଏକ ସରଳ ଓ ମଧୁରନ୍ଧ ମନୋଭାବ ଭରି ରହିଛି । ଏ ଯୁଗର ତଥାକଥିତ କୁଟିଳତା, ଜଟିଳତା ନାଲମବାସୀ ଗ୍ରାମବାସୀମାନଙ୍କୁ ସ୍ପର୍ଶ କରିପାରିନାହିଁ । ତାଳଚେରଠାରୁ ତିରିଶ ମାଇଲ ଦୂର ବ୍ରାହ୍ମଣୀନଦୀ କୂଳରେ ଅବସ୍ଥିତ ଏହି ଗ୍ରାମଟିର ଲୋକ ସଂଖ୍ୟା ୧,୨୦୦ । ଲୋକମାନେ ପରିଶ୍ରମୀ, ଉଦ୍ୟମୀ ଓ ସହଯୋଗର ସଂଗବଦ୍ଧ । ସବୁରି କଥାରେ ଏକମେଳ ଆଉ ଏକମନ । ଗ୍ରାମଟିକୁ ପ୍ରଗତିଶୀଳ ଓ ବିକାଶୋନ୍ମୁଖ କରିବାପାଇଁ ସତେ ଯେପରି ସେମାନେ ପଣ କରିଛନ୍ତି । ଗାଆଁଟିର ମାଟି ଭଲ । ସୁନା ସରସା ମାଟି । ତା ଛଡ଼ା ବ୍ରାହ୍ମଣୀନଦୀ ବହୁ ଉପକାର କରେ ବୋଲି ଏକ ଜନଶ୍ରୁତି ମତ ଏ ଅଞ୍ଚଳରେ ବହୁଯୁଗରୁ ରହି ଆସିଅଛି । ଏଠାରେ ଏବେ ଯେଉଁ ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଇଛି ତାହା ପୂର୍ବରୁ ଲୋକମାନେ ବହୁ କଷ୍ଟସାଧ୍ୟ ପନ୍ଥା ଅବଲମ୍ବନ କରି ଟେଣ୍ଡା ସାହାଯ୍ୟରେ କମ୍ବା କଳସୀ ସାହାଯ୍ୟରେ ବ୍ରାହ୍ମଣୀନଦୀରୁ କିଛି କିଛି ପାଣିନେଇ ଘର ସାମାନ୍ୟ ଫସଲ ଫଳାଉ ଥିଲେ । କିନ୍ତୁ ପରିଶ୍ରମ ତୁଳନାରେ ଲାଭ ହେଉ ନଥିଲା । ଲୋକେ କେବଳ ମାମୁଲି ଭାବରେ ନିଜର ପୁଳୁରାଣ ମେଣ୍ଟାନ୍ତି ଓ କାମ ନଥିବା ସମୟଗୁଡ଼ିକ ଖାଲି ଖାଲି କାଟିଦେଇ ଏଇ ଧନ୍ଦାରେ ଲାଗିପଡ଼ୁଥାନ୍ତି । କିନ୍ତୁ ଆଜି ଯେତେବେଳେ ସମୃଦ୍ଧିର ଆଲୋକ ବହୁଯୁଗର ନିଷ୍କ୍ରିୟତା-ଅନ୍ଧକାର ଭେଦି ଗ୍ରାମ-ଜୀବନକୁ କର୍ମମୁଖର କରୁଛି ସେତେବେଳେ ଏ ସୁଦୂର ପଲ୍ଲୀ କ'ଣ ସବୁଦିନେ ବିକାଶ-ପ୍ରବାହରୁ ଦୂରେଇ ରହି ପାରନ୍ତା ? ନାଲମ ଗ୍ରାମର କୃଷୀମାନେ ନିଜ ଗ୍ରାମରେ ଗୋଟିଏ ଆଧୁନିକ ଉଠା ଜଳସେଚନ ଯୋଜନା କାର୍ଯ୍ୟ କରିବା ଲକ୍ଷ୍ୟରେ ଲାଗି ପଡ଼ିଲେ । ଆନ୍ତରିକତା ଓ ସହଯୋଗର ଅଭାବ ରହିଲା ନାହିଁ ।


ଏଥିପାଇଁ ଗୋଟିଏ ସହଯୋଗ ସମିତି ବିଧିବଦ୍ଧ ଭାବରେ ଗଢ଼ାଗଲା । କଣିହା ପଞ୍ଚାୟତ ସମିତି ପନ୍ଦର ହଜାର ଟଙ୍କା ଋଣ ଆକାରରେ ଦେଲେ । ଏହି ଟଙ୍କା ପାଞ୍ଚ ବର୍ଷରେ ପରିଶୋଧ କରାଯିବ । ଯେଉଁ ପରିମାଣରେ ଏହି ଗାଁର କୃଷୀମାନେ ଏହି ଯୋଜନାରୁ

ଲାଭ ଉଠାଇବେ ସେହି ପରିମାଣରେ ଟଙ୍କା। ପରିଶୋଧ କରିବାପାଇଁ ଚାଷୀମାନଙ୍କୁ ବାଧ୍ୟବ ନାହିଁ ଏବଂ ପାଣିକଳ ଦୁଇଟିର ସମସ୍ତ ରକ୍ଷଣାବେକ୍ଷଣ ବାବଦରେ ଯେତେ ଟଙ୍କା ଖର୍ଚ୍ଚ ହେବ ତାହା ତୁଲାଇବାକୁ ମଧ୍ୟ ଏହି ସହଯୋଗ ସମିତି ସଂପୂର୍ଣ୍ଣ ଭାବରେ କ୍ଷମ ହୋଇ ପାରିବ । ଏଇ ପନର ହଜାର ଟଙ୍କାରେ ପନର ଅଶ୍ୱଶକ୍ତି ବିଶିଷ୍ଟ ଦୁଇଟି ମଟର ସାହାଯ୍ୟରେ ବର୍ତ୍ତମାନ ଦିନକୁ ଚାଳିଶ ହଜାର ଗ୍ୟାଲନରୁ ଅଧିକ ପାଣି ପ୍ରାପ୍ତ ଏକଶହ ପଚିଶ ହଜାର ଏକର ଜମିରେ ମଡ଼ାଯାଇ ପାରିବ । ବର୍ତ୍ତମାନ ସୁଦ୍ଧା ଏହି ଏକମାସ ମଧ୍ୟରେ ୭୫ ଏକରରୁ ଅଧିକ ଜମିରେ ଆଳୁ, ବାଇଗଣ, କୋବି, ଲଙ୍କା, ବିଲାତିବାଇଗଣ ଆଦି ଚାଷ କରା-ଯାଇଅଛି । ପ୍ରାୟ ୬୦ ଏକରରୁ ଅଧିକ ଜମିରେ କଦଳୀ, ପୋଟଳ ଓ ତାଇଚୁଙ୍ଗ ଧାନ ଆଦି ଚାଷ କରିବାର ବ୍ୟବସ୍ଥା କରାଯାଉଅଛି ।

ଗ୍ରାମସ୍ଥ ଯୁବକସଂଘ ଏହି ଯୋଜନା ସାହାଯ୍ୟରେ ପ୍ରାୟ ୨୦ ଏକର ଜମିରେ ଯୌଥଚାଷ ଭାବରେ ଆଳୁ, କଦଳୀ, ଆଖୁ ଓ ଅନ୍ୟାନ୍ୟ ପରିବା ଚାଷ କରୁଛନ୍ତି । ଏଥିରୁ ଯେଉଁ ଲାଭ ମିଳିବ ତାହା ଯୁବକସଂଘ ପାଣ୍ଠିକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଗାଁର ଯୁବକଲ୍ୟାଣ ତଥା ଅନ୍ୟାନ୍ୟ ପଲ୍ଲୀ ଉନ୍ନୟନ ମୂଳକ କାର୍ଯ୍ୟରେ ପୂର୍ଣ୍ଣ ଭାବରେ ବିନିଯୋଗ କରାଯାଇପାରିବ ବୋଲି ଯୁବକସଂଘର ସଭ୍ୟମାନେ ମୁକ୍ତ କଣ୍ଠରେ ସ୍ୱୀକାର କରି ଘୋଷଣା କରିଛନ୍ତି ।

ପନିପରିବା ଆଦି ଯେଉଁ ପଦାର୍ଥସବୁ ଏଠାରେ ଉତ୍ପନ୍ନ କରାଯିବ, ତାହା ଉଚିତ ମୂଲ୍ୟରେ ବିକ୍ରି କରାଯିବା ପାଇଁ ବ୍ୟବସ୍ଥା କରାଯିବ । ନିକଟରେ ଥିବା ରାଉରକେଲା ଟାଉନ ଏକ ଶିଳ୍ପାଞ୍ଚଳ ହୋଇଥିବା ହେତୁ ଏଠାରେ ଏସବୁ ଦ୍ରବ୍ୟର ଅଭାବ ଖୁବ୍ ଲକ୍ଷ୍ୟ କରାଯାଏ । ଚାଷୀ ବିଶେଷକରି ନାଲିମର ଚାଷୀ ବର୍ତ୍ତମାନ କରୁଥିବା ଫସଲସବୁ ଏଠାରେ ଉଚିତ ଦାମରେ ବିକ୍ରିକରି ନିଶ୍ଚୟ ଲାଭବାନ ହେବ ଏଥିରେ ସନ୍ଦେହ ନାହିଁ ।


PHILIPS
TRANSISTOR ACE
B5CA39T



Price : Rs. 665/-
Including Excise Duty
(Other taxes Extra)

For 9V battery ; 4 wave-bands ; 7 transistors +2 diodes ;
Pick-up connection.

PHILIPS
novosonic
RADIO

ASK YOUR PHILIPS RADIO DEALER

FOR
SUNDARGARH
AND
KEONJHAR DISTRICT

JWTPHR 1203A

ଆପଣଙ୍କ ସେବାରେ

'ରାଠୋର ପାଓ୍ୱାର ଆଣ୍ଡ ସାଉଣ୍ଡ ସର୍ଭିସ୍'

ରାଉରକେଲା—୧

ଟେଲିଗ୍ରାମ : 'ରାଠୋର'

ଫୋନ୍ : ୬୭୩୧

କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାପାଇଁ
ଏକମାତ୍ର ଅନୁମତିପ୍ରାପ୍ତ ଡିଲର

# ମତ୍ସ୍ୟ ସଂରକ୍ଷଣ

ଲେ: ଶ୍ରୀ ପ୍ରସନ୍ନକୁମାର ଦାସ ଏମ୍. ଏସ. ସି.

ଆମର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଶକୁ ସୁଖ ସମୃଦ୍ଧି ପଥରେ ଆଗେଇ ନେବାକୁ ହେଲେ ଆମ ସଂପଦର ସଦୁପଯୋଗ ହିଁ ସର୍ବାଦୌ ଆବଶ୍ୟକ । ସଦୁପଯୋଗ ସଂଗେ ସଂଗେ ଏହାର ବିନିଯୋଗ ଓ ସମବଣ୍ଟନ ହିଁ ବାସ୍ତବରେ ଆଣିଦେବ ଆମ ସାମାଜବାଦୀ ସ୍ବପ୍ନର ପରିକଳ୍ପନା । ମତ୍ସ୍ୟ ସଂପଦର ଉପଯୁକ୍ତ ବିନିଯୋଗ ଓ ସମବଣ୍ଟନ କରି ଚାଷୀକୁ ତା'ର ନ୍ୟାଯ୍ୟ ମୂଲ୍ୟ ଦେବାକୁ ହେଲେ ଆମକୁ ବୈଜ୍ଞାନିକ କୌଶଳ ଅବଲମ୍ବନ କରି ବହୁ ପରିଶ୍ରମ ଓ ଅର୍ଥ ଖଟାଇ ନଷ୍ଟ ହୋଇ ଯାଉଥିବା ମତ୍ସ୍ୟ ସଂରକ୍ଷଣ କରିବାକୁ ପଡ଼ିବ । ଏପରି ବଜାର ସୃଷ୍ଟି କରି ଚାଷୀକୁ ତା'ର ନ୍ୟାଯ୍ୟ ମୂଲ୍ୟ ଦେବା ସଂଗେ ସଂଗେ ଖାଉଟି ପାଖରେ ଶସ୍ତା ଓ ସୁବିଧାରେ ମାଲ ପହଞ୍ଚାଇବାକୁ ପଡ଼ିବ ।

ମତ୍ସ୍ୟରେ ୭୦ ଭାଗ ଜଳ ଥିବାରୁ ଅନ୍ୟାନ୍ୟ ପଦାର୍ଥ ତୁଳନାରେ ମତ୍ସ୍ୟ ହେଉଛି ଅତିଶୀଘ୍ର ପଚନଶୀଳ । ଆମ ଦେଶ ପରି ଗ୍ରୀଷ୍ମପ୍ରଧାନ ଦେଶରେ ମତ୍ସ୍ୟ ଧରାଯିବାର ମାତ୍ର ୬।୭ ଘଣ୍ଟା ପରେ ମାଛ ବିଭିନ୍ନ ଜୀବାଣୁ (Bacteria) ଦ୍ୱାରା ଆକ୍ରାନ୍ତ ହୋଇ ପଚିବାକୁ ଆରମ୍ଭ କରେ ଓ ଥରେ ପଚିବା ଆରମ୍ଭ ହେଲେ ତାକୁ କୌଣସିମତେ ସଂରକ୍ଷଣ କରି ଖାଉଟିମାନଙ୍କ ପାଖରେ ପହଞ୍ଚାଇବା ସମ୍ଭବପର ହୋଇପାରେ ନାହିଁ । ତେଣୁ ଆମକୁ ମତ୍ସ୍ୟ ନଷ୍ଟ ହୋଇଯିବାର କାରଣ ଭଲ ରୂପେ ଜାଣି ତାର ସଂରକ୍ଷଣ କରିବାକୁ ହେବ; ମତ୍ସ୍ୟ-ଖାଦ୍ୟର ମାନ ବଜାୟ ରଖିବାକୁ ହେବ ।

ଅନୁସନ୍ଧାନ ପରେ ବର୍ତ୍ତମାନ ଜଣାପଡ଼ିଛି ଯେ, ମାଛରେ ଶତକଡ଼ା ୭୦ ଭାଗ ଜଳ, ୧୯ ଭାଗ ପୁଷ୍ଟିସାର; ୩ରୁ ୮ ଭାଗ ପର୍ଯ୍ୟନ୍ତ ସ୍ନେହସାର ଏବଂ ୧୪ରୁ ୨୫ ଭାଗ ପର୍ଯ୍ୟନ୍ତ ଖାଦ୍ୟସାର ଓ ଅନ୍ୟାନ୍ୟ ପଦାର୍ଥ ଥାଏ । ମୃତ୍ୟୁ ପରେ ଶରୀର ମଧ୍ୟରେ କେତେକ ରାସାୟନିକ ପ୍ରକ୍ରିୟା ସଂଘଟିତ ହୋଇ ମାଛ ପଚିବାକୁ ଆରମ୍ଭ କରେ ।

ଭୋକାଲି, ଖଜୁରି ଆଦି ଚର୍ବିଯୁକ୍ତ ମାଛର ତୈଳାଂଶ ଅମ୍ଳଜାନ ସଂସ୍ପର୍ଶରେ ଆସି ଦୁର୍ଗନ୍ଧ ହୋଇ ଖାଦ୍ୟ ପାଇଁ ଅନୁପଯୁକ୍ତ ହୋଇ ପଡ଼େ । ସାଧାରଣ ମାଛର ପେଟରେ ଖାଦ୍ୟ ହଜମରେ ସାହାଯ୍ୟ କରୁଥିବା ଜୀର୍ଣ୍ଣକାରୀ ଉତ୍ପାଦନ (enzyme ମୃତ୍ୟୁ ପରେ ମାଛର ଶରୀର ଉପରେ କାର୍ଯ୍ୟ କରି ଜୀବାଣୁ ସୃଷ୍ଟି ହେବାର ପରିବେଶ ସୃଷ୍ଟି କରେ । ସମୟ ବଢ଼ିବା ସଂଗେ ସଂଗେ ପର୍ଯ୍ୟାୟକ୍ରମେ ଜୀବାଣୁଗୁଡ଼ିକ ଦ୍ରୁତ ବେଗରେ ବଢ଼ିବା ସଂଗେ ସଂଗେ ମାଛ ଶରୀରରୁ ଆମୋନିଆ, ଅଙ୍ଗାରକାମ୍ଳ, ମେଥାନ୍, ଇଣ୍ଡୋଲ୍ ଆଦି ଦୁର୍ଗନ୍ଧ ବାଷ୍ପ ସୃଷ୍ଟି ହୁଏ ଓ ମାଛ ଅମ୍ଳ ଅବସ୍ଥାରୁ ଖାର ଅବସ୍ଥାକୁ ଆସିଯାଏ । ଏହି ସମୟରେ ମାଛ ଶରୀରର P. H. (ଏକ ଅମ୍ଳ ଓ ଖାର ମାପକ ଏକକ) ୬'୪ ପରିବର୍ତ୍ତେ ୭'୪ ହୋଇଯାଏ ।

ଜୀବାଣୁମାନଙ୍କ ହେତୁ ସାମୁଦ୍ରିକ ମାଛରେ ଥିବା 'ଟ୍ରାଇମିଥାଇଲ୍' 'ଆମିନ୍'ରେ ପରିଣତ ହୋଇଯାଏ । ବୈଜ୍ଞାନିକମାନେ ପ୍ରକୃତ ରହସ୍ୟ ଉଦ୍‌ଘାଟନ କରି ଏହି ସୂତ୍ର ଅବଲମ୍ବନରେ ମାଛ ପଚିଯିବାର କାରଣ, ସମସ୍ୟା ଓ ଖାଦ୍ୟ ହିସାବରେ ଏହାର

ସ୍ଥାନ ବାରି ନିଅନ୍ତି । କିନ୍ତୁ ସାଧାରଣ ଭାବେ ମାଛ ଦେହରେ ଚିପିଚିପି ନ ରହିଲେ ଏବଂ ଗାଲି ଓ ଆଖି ଉଜ୍ଜ୍ୱଳ ଦେଖାଗଲେ ଓ ମାଛର ସାଧାରଣ ଗନ୍ଧ ସେହିପରି ରହିଥିଲେ ମାଛ ସତେଜ ଓ ଖାଦ୍ୟୋପଯୋଗୀ ରହିଛି ବୋଲି ଜଣାପଡ଼େ ।

ଏହିପରି ନାନା କାରଣରୁ ମାଛ ସଢ଼ିବା ଜଣାଗଲା ପରେ ମାଛ ସଂରକ୍ଷଣ ପାଇଁ କେତେକ ଉପାୟ ଅବଲମ୍ବନ କରାଯାଉଅଛି । ମାଛର ପୁଟି ଓ ଅନ୍ତ ଆଦି ପରିଷ୍କାର କରି ମାଛ ଦେହରେ ଲାଗିଥିବା ରକ୍ତଦାଗ ଓ ମଇଳାଗୁଡ଼ିକୁ ଧୋଇ ଦେଇ ସଫା ଯାଗାରେ ରଖି ମାଛର ପେଟ ଭିତରେ ଥିବା ପାଚକ ରସକୁ ଦେହ ଭିତରୁ ଓ ବାହାରର ଜୀବାଣୁମାନଙ୍କ ହାତରୁ ରକ୍ଷା କରାଯାଇ ପାରୁଛି । ଅର୍ଥାତ୍ ସଫା ସୁତୁରା ଉପରେ ବେଶି ଜୋର ଦିଆଯାଉଛି । ସେଥିପାଇଁ ଭାରତର ଜଣେ ପ୍ରଖ୍ୟାତ ମତ୍ସ୍ୟ ସଂରକ୍ଷଣ ବୈଜ୍ଞାନିକ (Nicholson) କହନ୍ତି—"Cleanliness is first always and everywhere."

ଉତ୍ତାପର ବୃଦ୍ଧି ସଙ୍ଗେ ସଙ୍ଗେ ଜୀବାଣୁଗୁଡ଼ିକ ଦ୍ରୁତ ବେଗରେ ବଢ଼ିଯାଆନ୍ତି ଓ ଉତ୍ତାପର କ୍ଷୟ ସଂଗେ ସଂଗେ ସେମାନଙ୍କ ବଂଶର କ୍ଷୟ ହୁଏ । ମାଛକୁ ୨୨°ରୁ ୩୧° ସେଣ୍ଟିଗ୍ରେଡ଼ରେ ରଖିଲେ କେତେ ଘଣ୍ଟା ପାଇଁ, ୦°ରେ ରଖିଲେ କେତେ ଦିନ ପାଇଁ ଓ ତା ତଳକୁ ରଖିଲେ କେତେ ମାସ ପାଇଁ ନିରାପଦରେ ରଖାଯାଇ ପାରେ । ମାଛଗୁଡ଼ିକୁ ଧୀର ଭାବରେ ଶୀତଳ କଲେ ମାଂସ ପେଶୀ ମଧ୍ୟରେ ଥିବା ଜଳର ଆୟତନ ବଢ଼ିଯାଇ ତନ୍ତୁକୁ ଆକ୍ରାନ୍ତ କରେ ଓ ଜୀବାଣୁ ବଢ଼ିବା ପରିବେଶ ସୃଷ୍ଟି କରେ । ତେଣୁ ବେଶିଦିନ ପାଇଁ ରଖାଯାଉଥିବା ମାଛକୁ ୭ ଘଣ୍ଟା ମଧ୍ୟରେ —୧୫°ରୁ—୪୦° ଉତ୍ତାପକୁ ଅଣାଯାଇ ଶୀତଳ କରାଯାଏ । ଏହାକୁ Deep Freezing ବା Quick Freezing କହନ୍ତି ।

ଅନେକ ଯାଗାରେ ମାଛର ମୁଣ୍ଡକାଟି ଓ ଧୋଇ ପ୍ଲାଷ୍ଟିକ୍ ମୁଣାରେ ହିମ ଯନ୍ତ୍ରରେ ସ୍ତରକୁ ସ୍ତର ରଖାଯାଏ । ପ୍ରାୟ ୧ ଘଣ୍ଟା ପରେ ଏହି ମାଛଗୁଡ଼ିକ ଟାଣ ହୋଇଥାନ୍ତି । ତାପରେ ହିମ ଯନ୍ତ୍ରରୁ ନେଇ ଶୀତଳ ଭଣ୍ଡାରରେ —୧୦° ଉତ୍ତାପରେ ବହୁଦିନ ପର୍ଯ୍ୟନ୍ତ ରଖାଯାଏ । ସାଧାରଣ ଭାବରେ ମାଛ ରଖିଲା ବେଳେ ମାଛ ପେଟରୁ ପୁଟି ଆଦି ବାହାର କରି ବରଫ ମଧ୍ୟରେ ଥାକ ଥାକ କରି ଶୀତତାପନିୟନ୍ତ୍ରିତ ବାକ୍ସରେ ରଖାଯାଏ । ଶୀତଳ ଭଣ୍ଡାରରେ ରଖାଯାଉଥିବା ମାଛଗୁଡ଼ିକ ଶୁଖିଯାଉଥିବାରୁ ମଝିରେ ମଝିରେ ପାଣି ବା ଅଲଗିନ୍ ଜେଲି ବୋଳି ଦିଆଯାଏ । 'ଫ୍ରୋଜୋଟ' (ବରଫ ତରଳିବାରୁ ରକ୍ଷା କରିବା ପାଇଁ) 'ଅରିଓମାଇସିନ୍', 'ସୋଡ଼ିୟମ ନାଇଟ୍ରାଇଟ୍' ବରଫ ସହିତ ଦେଇ ମାଛକୁ ଅଳ୍ପ ଖର୍ଚ୍ଚରେ ସମ୍ପାଦନ ଯାଏ ରଖାଯାଇପାରେ । ଜୀବାଣୁଗୁଡ଼ିକୁ ୨୨୦° ଫାରେନ୍‌ହିଟ ଉତ୍ତାପରେ ୧୫ ମିନିଟ ପର୍ଯ୍ୟନ୍ତ, ଏବଂ ୧ ଇଞ୍ଚରେ ୧୫ ପାଉଣ୍ଡ ଚାପରେ, ଅମ୍ଳଜାନ ବ୍ୟତିରେକେ ଓ ଅମ୍ଳ ମାଧ୍ୟମରେ ରଖିଲେ ଅତିରିକ୍ତ ଉତ୍ତାପ ଓ ପ୍ରତିକୂଳ ପରିବେଶ ମଧ୍ୟରେ ସେମାନେ ନଷ୍ଟ ହୋଇଯାଆନ୍ତି । ଏହି ଉପାୟରେ ଅମ୍ଳବାଷ୍ପ ଆକ୍ରାନ୍ତ ହେଉନଥିବା ଏକ ବିଶେଷ ଧରଣର ଟିଣ ଡବାରେ ତରକାରୀ ଭାବରେ ବା ଲୁଣପାଣି ମାଧ୍ୟମରେ ବହୁଦିନ ପର୍ଯ୍ୟନ୍ତ ମାଛକୁ ରଖାଯାଇପାରେ ।

ମାଛକୁ ଲୁଣ ଦେଇ ଖରାରେ ଶୁଖାଇ ଶୁଖୁଆ କରିବା ଏକ ପ୍ରାଚୀନ ପନ୍ଥା । ଲୁଣ ମାଛରୁ ପାଣି ଶୋଷିନେବା ସଂଗେ ସଂଗେ ନିଜ ଗୁଣ ହେତୁ ଜୀବାଣୁଗୁଡ଼ିକୁ ମାରି ଦିଏ । ଲୁଣରେ ଥିବା କାଲସିୟମ ଓ ମାଗ୍ନେସିଅମ୍ ଲବଣ ମାଛକୁ ଟାଣ କରେ । କିନ୍ତୁ ଏହାର ଆଧିକ୍ୟ ହୋଇଗଲେ ମାଛ ବାଦାମୀ ରଙ୍ଗର ହୋଇ ନଷ୍ଟ ହୋଇଯାଏ । ସେତେବେଳେ ସୋଡ଼ିୟମ ରେସନୋଲିଏଟ୍ ଦେଲେ ଉପକାର ମିଳେ ।

ବଡ଼ ଶୁଖୁଆ କଲାବେଳେ ଆମ ଦେଶରେ ସାଧାରଣତଃ ଦୁଇପ୍ରକାର ପ୍ରଣାଳୀ ଅବଲମ୍ବନ କରାଯାଏ :—

୧ । ଖଡ଼ିରେ ଶୁଖାଇବା ପ୍ରଣାଳୀ (Dry cure with salt)—ଏହି ପ୍ରଣାଳୀରେ ମାଛର ମୁଣ୍ଡରୁ ଲାଞ୍ଜ ପର୍ଯ୍ୟନ୍ତ ପେଟକୁ ଲମ୍ବାଲମ୍ବି କାଟିଦେଇ ପରିଷ୍କାର କରିଦିଆଯାଏ। କାନ୍ଥ ଦୁଇଟିଏ ଓ ମେରୁହାଡ଼ ସହିତ ଲାଗିଥାଏ । ମାଂସଳ ଭାଗକୁ କୁଡ଼ରେ ସିଧା ଭାବେ କାଟିଦେଇ ମାଛ ଓଜନର ୩ / ୮ ଭାଗ ପର୍ଯ୍ୟନ୍ତ (ଭାଗ ବିଶେଷରେ ୧୨ ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ ରଖି) ଲୁଣ ପାଣିରେ ଧୋଇ ଖଡ଼ିରେ ଶୁଖାଇ ଦିଆଯାଏ।

୨ । ଗୁଡ଼ିଆ ଶୁଖୁଆ କରିବା ପ୍ରଣାଳୀ (Ratnagiry type)—ଏହି ପ୍ରଣାଳୀରେ ମାଛ ଓଜନର ୩ ଭାଗରୁ ଭାଗେ ଲୁଣ ଦରକାର ହୁଏ । ଅଧା ଲୁଣ ମାଛ ଦେହରେ ଘଷି ରଖାଇ ଦିଆ ଯାଏ। ୩ୟ ଦିନ ବାକି ଅଧକର ଅଧା ଦିଆ ଯାଏ ଓ ପର ଦିନ ଅବଶିଷ୍ଟ ଲୁଣ ଦେଇ ଆଠ ଦିନ ରଖାଯାଏ।

୩ । ଧୂଆଁ ଦେବା ପ୍ରଣାଳୀ (Smoking method)—ଏହି ପ୍ରଣାଳୀରେ ମାଛକୁ ପରିଷ୍କାର କରି ଲୁଣ ପାଣିରେ ରଖି ଭୁଷି ବା କାଠ ଜଳୁଥିବା ଚୁଲି ଉପରେ ଥୋଇ ଆବଶ୍ୟକ ପରିମାଣରେ ଧୂଆଁ ଦିଆଯାଏ । ଜଳୀୟ ଅଂଶ ଦୂର ହେବା ସଂଗେ ସଂଗେ 'ଫରମାଲ ଡ଼ିହାଇଡ୍' ଆଦି ମିଶି ଜୀବାଣୁ ବୃଦ୍ଧି ନିରୋଧ କରିବା ସଂଗେ ସଂଗେ ଭଲ ଦିଅ ରଙ୍ଗର ଶୁଖୁଆ ମିଳେ । ଘରଚର ପଶ୍ଚିମ ଉପକୂଳରେ ମାଛ ପେଟରେ ତେନ୍ତୁଳି ଓ ଲୁଣ ପୂରାଇ ପିମ୍ପା ମଧ୍ୟରେ ୩।୪ ଦିନ ରଖି ବ୍ୟବହାର କରନ୍ତି ।

## ମତ୍ସ୍ୟ ଉପଜାତ ଦ୍ରବ୍ୟ—

ଆମ ଦେଶର ମତ୍ସ୍ୟ ଉପଜାତ ଦ୍ରବ୍ୟ ମଧ୍ୟରେ ମଗର କଲିଜାରୁ ଜାତ ତୈଳ ପ୍ରଧାନ । ଏକଗ୍ରାମ୍ ମଗର ତେଲରେ ପ୍ରାୟ ୧୫,୦୦୦ ଏକକର କ ଓ ଗ ଖାଦ୍ୟପ୍ରାଣ ଥାଏ । ଆମ ଦେଶରେ ବର୍ଷକୁ ୫,୦୦୦ ଗ୍ୟାଲନ ତେଲ ଉଠାଯାଇ ହୋଇ ଔଷଧ ଓ ନାନାପ୍ରକାର ଶିଳ୍ପରେ ବ୍ୟବହୃତ ହୁଏ । କାରଖାନାରେ କଲିଜାକୁ ଟିକିଟିକି କରି କାଟି ବାଷ୍ପ ସାହାଯ୍ୟରେ ଗରମ କରି କେନ୍ଦ୍ରାଭିମୁଖ (Centrepetal) ଯନ୍ତ୍ରରେ ତେଲକୁ ସଂଗ୍ରହ କରି ଉଦ୍ଭିଦଜାତ ତେଲ ମିଶାଇ ଅନୁପାତ ମୁତାବକ ବାହାରକୁ ଛଡ଼ାଯାଏ ।

ଜଳୀୟ ପ୍ରୋଟିନସାର (Hydrolized protein)—ପଚାଳିଆ ମାଛକୁ ଟିକ୍ ଟିକ୍ କରି କାଟି ରଖାଯାଏ ୮° ଉତ୍ତାପରେ ଏବଂ ତତ୍ପରେ ଏସିଟିକ ଏସିଡ୍ ଦେଇ ପେଟ୍ରୋଲିୟମ ଇଥର ସାହାଯ୍ୟରେ ଚର୍ବିଜାତୀୟ ପଦାର୍ଥ ଦୂର କରି କଷ୍ଟିକ ସୋଡ଼ା ମିଶାଯାଏ । ତତ୍ପରେ ଏସିଟିକ୍ ଏସିଡ୍‌ରେ ଖାରଗୁଣକୁ ଦୂର କରାଯାଇ ସ୍ପ୍ରେ କରି ଡ୍ରାଏ ଉତ୍ତାପ ଯନ୍ତ୍ରରେ ସଂଗ୍ରହ ପୂର୍ବକ ବିସ୍କୁଟ ଓ ବଟିକା ଆଦି ତିଆର କରାଯାଏ ।

ପରିବାର କଲ୍ୟାଣ ସପ୍ତାହ ଉପଲକ୍ଷେ
ତା ୧୮ । ୧୨ । ୧୯୭୪ ଠାରୁ ୩୧ । ୧୨ । ୧୯୭୪

# ପରିବାର କଲ୍ୟାଣରେ ଶିଶୁ

ଲେ: ଶ୍ରୀ ଶତ୍ରୁଘ୍ନ ପାବତ, ସ୍ୱାସ୍ଥ୍ୟ ଶିକ୍ଷକ, ସ୍ୱାସ୍ଥ୍ୟଶିକ୍ଷା ସଂସ୍ଥା, ଓଡ଼ିଶା

ମନୁଷ୍ୟ ଶିଶୁ ଦୁର୍ବଳ ଓ ନିର୍ଭରଶୀଳ ଏବଂ ମାତୃ ଗର୍ଭରେ ବିକଶିତ ହେବା ପରେ ବକ୍ଷରେ, ବାହୁରେ, ଶିଶୁ ନିବାସରେ, ନର୍ସରୀ ବିଦ୍ୟାଳୟରେ ଏପରିକି ଶିଶୁ ବିଦ୍ୟାଳୟରେ ମଧ୍ୟ ଶୁଶ୍ରୂଷା ଲୋଡ଼ିଥାଏ । ଶିଶୁ ଚାହେଁ ସୁଖୀ ଓ ସ୍ୱାସ୍ଥ୍ୟବାନ ପିତାମାତା, ଆଲୋକ ଓ ମୁକ୍ତ ବାୟୁ ଚଳାଚଳ କରୁଥିବା ଘର, ସଂରକ୍ଷିତ ଜଳ, ନିରାପତ୍ତା, ବୈଜ୍ଞାନିକ ପ୍ରଣାଳୀରେ ପ୍ରସ୍ତୁତ ଖାଦ୍ୟ, ପୋଷାକ, ଶିକ୍ଷା, ଖେଳ, ବିଶ୍ରାମ ଓ ଭଲ ସାଙ୍ଗ ସାଥି, କାରଣ ତା'ର ଏସବୁ ଆବଶ୍ୟକତା ପୂରଣ ହୋଇ ପାରିଲେ ସେ ଭଲ ନାଗରିକ ହୋଇ ପାରିବ । ଶିଶୁମାନେ ହେଲେ ଆମର ସମ୍ପଦ । ଆଜିର ଶିଶୁ ଆସନ୍ତାକାଲି ଆମର ବଂଶଧର, ଦେଶର ନେତା, ଶାସକ ଓ ଆଉ ଅନେକ କିଛି । ତେଣୁ ଶିଶୁକୁ ମନୁଷ୍ୟର ବାପ ବୋଲି ମଧ୍ୟ କୁହାଯାଏ ।

ଶୈଶବ ଅବସ୍ଥାରୁ ପିତାମାତାଦି ଗୁରୁଜନ ଶିଶୁର ନୈତିକ ଉନ୍ନତି ପାଇଁ ତା'କୁ ଉପଦେଶ ଦିଅନ୍ତି । ମାତୃପ୍ରେମ ଶିଶୁର ବିବେକ ଓ ଉନ୍ନତ ଶକ୍ତିକୁ ବିକଶିତ କରେ । ଶିଶୁ ତାର ମା'କୁ ପ୍ରେମର ଉତ୍ସ ବୋଲି ମନେକରେ । ମା'ର ତତ୍ତ୍ୱାବଧାନ ଓ ସ୍ନେହରେ ଶିଶୁ ନିଜକୁ ନିରାପଦ ବୋଲି ଭାବେ ଓ ସେଥିରେ ସେ ପରିତୋଷ ଲାଭ କରିଥାଏ । ବୈଜ୍ଞାନିକ ଓ ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି ଯେ ଅତି ଶୈଶବ କାଳରୁ ମା ବାପଙ୍କର ଶ୍ରଦ୍ଧାର ଅଭାବ ହେଲେ ଏପରିକି ଶିଶୁକୁ ମା ବାପଙ୍କ ପାଖରୁ ନେଇ କୌଣସି ହଷ୍ଟେଲ୍ ବା ଶିଶୁଭବନରେ ପାଳନ କରାଗଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଷ୍ଠୁର-ହୃଦୟ ହୋଇ ପଡ଼ନ୍ତି ଓ ସ୍ନେହ କରିବା ଗୁଣ ହରାଇ ବସନ୍ତି ଏବଂ ସେମାନଙ୍କ ବିବେକ ଶକ୍ତି ଆପେ ବିକାଶ-ପ୍ରାପ୍ତ ହୋଇପାରେ ନାହିଁ । ଏମାନଙ୍କ ମଧ୍ୟରୁ ଅନେକେ ହତ୍ୟାକାରୀ ମଧ୍ୟ ହୋଇ ପଡ଼ନ୍ତି । ଶିଶୁମାନଙ୍କୁ ଖାଇବା, ପିଇବା, ଆଦର, ସ୍ନେହ, ଉପଯୁକ୍ତ ସମୟରେ ନ ମିଳିଲେ ଏମାନଙ୍କ ଜୀବନରେ ପରବର୍ତ୍ତୀ ଚରିତ୍ର ଭଲ ରହେ ନାହିଁ । ଘରେ ମା'ର ସ୍ନେହ ଶ୍ରଦ୍ଧା ଓ ଘରର ଆଶ୍ରୟ ନ ପାଇ ଯେଉଁ ଶିଶୁମାନେ ନିଜକୁ ଅସହାୟ ମନେ କରନ୍ତି ଓ ନିଜର ନିରାପତ୍ତା ବିପନ୍ନ ହେବାର ଦେଖନ୍ତି, ସେମାନେ ବଡ଼ ହେଲେ ଅପରାଧୀ ମନୋବୃତ୍ତି ଧରନ୍ତି ଓ ଅବାଧ୍ୟ ହୋଇ ପଡ଼ନ୍ତି । ବାପ ମା ଓ ଅନ୍ୟମାନଙ୍କ ଭଲ ଉପଦେଶ ଶୁଣନ୍ତି ନାହିଁ । କୁସଙ୍ଗରେ ପଡ଼ି କାମାତୁର ଭଙ୍ଗୀ କରୁଥାନ୍ତି । ଏମାନଙ୍କର ଯୌବନ ବା ପ୍ରାପ୍ତ ବୟସ ଆରମ୍ଭ ହେବା ପୂର୍ବରୁ ଏପରି ଦୁଷ୍କର୍ମରେ ରତ ହୋଇ ପାରନ୍ତି ଯେ ଅପ୍ରାକୃତିକ ଉପାୟରେ ନିଜର ଯୌନ ପିପାସା ଚରିତାର୍ଥ କରି ଯୌନ ଜୀବନକୁ ବିକୃତ କରି ପକାନ୍ତି । କ୍ଷୁଧା ଓ ଦରିଦ୍ରତା ଶିଶୁମାନଙ୍କର ଏସବୁ ଦୁଷ୍କର୍ମର ମୂଳ ବୋଲି ଅନୁମାନ କରାଯାଇ ପାରେ । ଏହା ବ୍ୟତୀତ ଜୁଆଖେଳ ଓ ଅନ୍ୟାନ୍ୟ ଖେଳରେ ମଜ୍ଜିଯାଇ ସେମାନେ ଯଥାର୍ଥ ଉପାୟରେ ଅର୍ଥ ଉପାର୍ଜନ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ ; ନିଶାଖୋର

ହୁଅନ୍ତି, ସ୍ୱୈର ବ୍ୟବସାୟ କରିବା ପାଇଁ ଖୁବ୍ ଭଲ ପାଆନ୍ତି ; ଦିନ ଦିନ ଧରି ଘରୁ ଅନୁପସ୍ଥିତ ରହନ୍ତି ଓ ଜନଗହଳ ବଜାରରେ ରହିବା ଶ୍ରେୟସ୍କର ମଣିଥାନ୍ତି ; ପକେଟମାରୁ ଅଭ୍ୟାସ କରନ୍ତି, ନିଜର ବିଳାସ ବାସନା ପୂର୍ତ୍ତି କରିବା ପାଇଁ ପିଲାମାନଙ୍କୁ ମଧ୍ୟ ବିକି ଦିଅନ୍ତି, ସମୟରେ ଖୁନ୍ କରିବା ମନୋବୃତ୍ତି ରଖନ୍ତି ବା ଖୁନ୍ କରି ପଳାନ୍ତି, ବେକାର ହୁଅନ୍ତି, ଦାରିଦ୍ର୍ୟ ବହନ କରନ୍ତି ଏବଂ କଳହପ୍ରିୟ ହୁଅନ୍ତି; ଇତ୍ୟାଦି ।

ଗର୍ଭଧାରଣ ହେଉଅଛି ପ୍ରତ୍ୟେକ ସୁସ୍ଥ ନାରୀଙ୍କ ପକ୍ଷରେ ଏକ ଶାରୀରିକ ପ୍ରକ୍ରିୟା । କିନ୍ତୁ ଜନନୀ ଦୁର୍ବଳ ହୋଇଥିଲେ ବା ଗୁରୁତର ରୋଗ, କଠିନ ମାନସିକ ବା ସ୍ନାୟବିକ ରୋଗରୁ ଦୁର୍ବଳତା ଦେଖାଯାଉଥିଲେ ସନ୍ତାନର ବିପଦ ଅଛି । ତେଣୁ ଦମ୍ପତି ହେବା ପୂର୍ବରୁ ଉଭୟେ ଏ ସମ୍ବନ୍ଧରେ ଶିକ୍ଷା ପାଇବା ଦରକାର । ବହୁ ଗର୍ଭଧାରଣ କରିବାଦ୍ୱାରା ଜନନୀର ଜୀବନ କ୍ରମଶଃ ବିପଦର ସମ୍ମୁଖୀନ ହୁଏ । ବହୁଳ ଭାବରେ ସନ୍ତାନ ପ୍ରସବ ହେବାରୁ ସେମାନଙ୍କୁ ଉପଯୁକ୍ତ ଖାଦ୍ୟ ଦିଆଯାଇ ପାରେ ନାହିଁ, ତେଣୁ ସେମାନେ ରୋଗାକ୍ରାନ୍ତ ହୋଇ ପଡନ୍ତି । ଏମାନେ ବର୍ଦ୍ଧନଶୀଳ ଶିଶୁମାନଙ୍କ ବୋଝ ସମ୍ଭାଳି ପାରନ୍ତି ନାହିଁ, ଦମ୍ପତି ଧାର କରି ଚଳନ୍ତି, ତେବେ ବି ସେମାନଙ୍କ ଗରଜ ମେଣ୍ଟାଇ ନ ପାରିବା ଯୋଗୁଁ ଚିନ୍ତିତ ହୋଇ ଦୁଃଖମୟ ଜୀବନ ଭୋଗିବାକୁ ବାଧ୍ୟ ହୁଅନ୍ତି ।

କଥାରେ ଅଛି :—

ନିୟନ୍ତ୍ରିତ ପରିବାର-ସୁଖର ସଂସାର
କରେ ସ୍ୱାସ୍ଥ୍ୟ ସୁଖ ଶାନ୍ତି ସମୃଦ୍ଧି ଅପାର
ପରିବାର ନିୟନ୍ତ୍ରଣ ନ କରେ ଯେ ଜନ
ସଦା ଦୁଃଖେ ହାହାକାରେ କଟାଏ ତା' ଦିନ

ପରିବାର ନିୟନ୍ତ୍ରଣ ବୋଇଲେ ପରିବାରର ସୁଖ ଓ ସ୍ୱାସ୍ଥ୍ୟକୁ ବୁଝାଏ । ନିୟନ୍ତ୍ରଣଦ୍ୱାରା ଜନ୍ମ-ସଂଖ୍ୟା ସୀମାବଦ୍ଧ ରହେ । ପରିବାର ମଧ୍ୟରେ ସନ୍ତାନ ପ୍ରସବକୁ ସୀମାବଦ୍ଧ କରି ଶିଶୁମାନଙ୍କ ପାଇଁ ଉନ୍ନତ ଧରଣର ଜୀବନ ଯାପନର ବ୍ୟବସ୍ଥା କରିବାକୁ ହେଲେ, ଖାଦ୍ୟ, ବସ୍ତ୍ର, ଶିକ୍ଷା ଓ ସ୍ୱାସ୍ଥ୍ୟ ଇତ୍ୟାଦିର ସୁବିଧା କରିବାକୁ ହେବ ଏବଂ ସାମାଜିକ ଓ ଆର୍ଥିକ ଅଗ୍ରଗତି ପାଇଁ ଯେଉଁ ଶିକ୍ଷା ଅପରିହାର୍ଯ୍ୟ, ସେମାନଙ୍କୁ ସେହିପରି ଉପଯୁକ୍ତ ଶିକ୍ଷା ଦେଇ ଭଲ ନାଗରିକ ଭାବେ ଗଢ଼ିବାକୁ ପଡ଼ିବ । ପ୍ରଥମତଃ ଦମ୍ପତିଙ୍କର ଏପରି ଶିକ୍ଷା ଫଳରେ ତାଙ୍କର, ପରିବାରର, ସମାଜ, ନିଜ ଜାତି ତଥା ଦେଶର ସମୃଦ୍ଧି ଘଟିବ; ଦମ୍ପତି ମନରେ ସୁଖ ଶାନ୍ତି ଆସିବ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ପୃଥିବୀର ପ୍ରାକୃତିକ ସମ୍ପଦ ଓ ଜନ-ସଂଖ୍ୟା ମଧ୍ୟରେ ସମନ୍ୱୟ ସ୍ଥାପିତ ହେବାଦ୍ୱାରା ପୃଥିବୀରେ ଶାନ୍ତି ଓ ଭଲ ବୁଝାମଣା ଉପୁଜିବ । ଏ ସବୁ ଉଦ୍ଦେଶ୍ୟ ପରିପୂରଣ କରିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପୃଥିବୀର ଅଧିବାସୀମାନେ ସଂଗଠିତ ହୋଇ ଏ କାମ ତୁଲାଇବାପାଇଁ ଆଗଭର ହୋଇ ବାହାରିବା ଆବଶ୍ୟକ । ଦ୍ୱିତୀୟରେ ଲୋକେ ପରିବାର କଲ୍ୟାଣ ଶିକ୍ଷା ପାଇବାରେ ସେମାନେ ଏହି ପନ୍ଥାକୁ ସାଦରେ ଗ୍ରହଣ କରିବା ଉଚିତ । ତୃତୀୟରେ ଜନ୍ମ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଦମ୍ପତି କେତେକ ଯାନ୍ତ୍ରିକ ଉପକରଣ ବ୍ୟବହାର କରିବା ଦରକାର । ଏ ସବୁ ଜିନିଷ ସବୁ ସମୟରେ ଯଥେଷ୍ଟ ସଂଖ୍ୟାରେ ମିଳିବା ଦରକାର । ଏଥିପାଇଁ ପରିବାର କଲ୍ୟାଣ କେନ୍ଦ୍ରଗୁଡ଼ିକ ଖୋଲି ରହିବା ଦରକାର ଓ ଘରେ ଘରେ ମଧ୍ୟ ନର୍ସମାନଙ୍କ ଦ୍ୱାରା ଜିନିଷ ବାଣ୍ଟିବାର ବ୍ୟବସ୍ଥା ହେବା ଦରକାର । କୌଣସି କୌଣସି-ଠାରେ ସାମ୍ପ୍ରଦାୟିକ ଓ ପାରମ୍ପରିକ ବାଧାନିଷେଧ

> ଆମେ ସାମ୍ପ୍ରତିକ ଜଗତର ସାମାଜିକ ଓ ବ୍ୟକ୍ତି-ନୈତିକ ମୂଲ୍ୟବୋଧ, ବିଜ୍ଞାନ ଓ ବୈଷୟିକ ଶିକ୍ଷା ସମ୍ବନ୍ଧରେ ବିଶେଷ ଶିକ୍ଷା ଗ୍ରହଣ କରିଛୁ । ସାମାଜିକ କଲ୍ୟାଣପାଇଁ ବିଶେଷତଃ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନରେ ଆମକୁ ବହୁତ କିଛି ଶିଖିବାକୁ ଓ କରିବାକୁ ହେବ ।
>
> —ନେହେରୁ

ଏ କାର୍ଯ୍ୟର ଅଗ୍ରଗତିରେ ବାଧା ଦେଇପାରେ । ପଲ୍ଲୀଅଞ୍ଚଳ ଲୋକେ ଶିକ୍ଷାର ଅଭାବ ଯୋଗୁଁ ଏହି କାମରେ ଆଗେଇ ଚାଲିଥିବାର ସୂଚନା ଦିଶୁଥିଲେ ମଧ୍ୟ ମଫସଲ ଲୋକେ ଏ ସମ୍ବନ୍ଧରେ ଅନଭିଜ୍ଞ । ତେଣୁ ପରିବାର କଲ୍ୟାଣର ଉପକାରିତା ବିଷୟରେ ବହୁଳ ପ୍ରଚାର ଆବଶ୍ୟକ । କର୍ମଚାରୀ ସଂଖ୍ୟା ବଢ଼ାଇବା ଏବଂ ଏମାନଙ୍କୁ ଉପଯୁକ୍ତ ଭାବେ ଭରଣ ପୋଷଣ ଦେବା ଆବଶ୍ୟକ । ଗାଁ ଶିକ୍ଷକ, ଧାଈ, ଗାଁ ନେତା ଇତ୍ୟାଦି ଏହି କାମ ପାଇଁ ଉପଯୁକ୍ତ ଅଟନ୍ତି । ଏମାନଙ୍କୁ ଉପଯୁକ୍ତ ଶିକ୍ଷକଦ୍ୱାରା ତାଲିମ ଦେବାକୁ ହେବ । ଗାଁ ଲୋକେ ସେମାନଙ୍କ ସକାଶେ ସରକାରଙ୍କଠାରୁ ମିଳୁଥିବା ଟଙ୍କା ବା ଅନ୍ୟ ସାହାଯ୍ୟର ସ୍ୱରୂପ ଜାଣିବା ଦରକାର । ମାତୃମଙ୍ଗଳ କେନ୍ଦ୍ର-ଗୁଡ଼ିକରେ ପଥ୍ୟ ସମ୍ବନ୍ଧରେ ପ୍ରଦର୍ଶନୀ ରଖାଯିବା ଉଚିତ, ମାଗଣାରେ ଦୁଧ ବଣ୍ଟନ, ଅଫିସ ସମୟରେ ସମାଜ ସେବିକା ମାନଙ୍କଦ୍ୱାରା ପରିବାର କଲ୍ୟାଣ ଶିକ୍ଷାଦାନ, ସ୍ତନ୍ୟଥିବା ମା ମାନଙ୍କ ପୌଷ୍ଟିକ ଉପହାର ଇତ୍ୟାଦି ଯୋଗାଇ ଦିଆଯିବା ଆବଶ୍ୟକ । ଚଳଚ୍ଚିତ୍ର ସାହାଯ୍ୟରେ ମନୁଷ୍ୟତତ୍ତ୍ୱ ଓ ବିଜ୍ଞାନ ଇତ୍ୟାଦି ଶିକ୍ଷା ଦେବାଦ୍ୱାରା ଲୋକଙ୍କ ମନୋଭାବକୁ ଆକୃଷ୍ଟ କରିଦେବ । ପରିବାର କଲ୍ୟାଣ ସମ୍ବନ୍ଧେ ବହି, ପତ୍ର ପତ୍ରିକା ମାଗଣାରେ ଲୋକମାନଙ୍କୁ ଯୋଗାଇଦେବା ଦରକାର । ଭ୍ରାମ୍ୟମାଣ ଗାଡ଼ିରେ ଅଭିଜ୍ଞ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ-ମାନେ ନିଯୁକ୍ତ ଥାଇ ଅସ୍ତ୍ରୋପଚାର କରିବେ । ଏଥି ସକାଶେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଅଫିସ ପାଖରେ କିଛି କିଛି ଦିନ ରହି କାମ କରିବେ । ଅସ୍ତ୍ରୋପଚାର କରିବା ପାଇଁ ପ୍ରତ୍ୟେକ ଦମ୍ପତିଙ୍କର ୧୫—୪୫ ଭିତରେ ବୟସ ହୋଇଥିବା ଦରକାର ଏବଂ ସେମାନଙ୍କର ଅନ୍ତତଃ ୩ଟି ଛୁଆ ଜୀବିତ ଥିବା ଦରକାର । ଅନ୍ତତଃ ପ୍ରତ୍ୟେକ ହଜାରେ ଜନସଂଖ୍ୟାରେ ୫ ଜଣ ଅସ୍ତ୍ରୋପଚାର କରାଇ ନେବେ, ବାକି ଯେ ରହିଲେ, ଯାନ୍ତ୍ରିକ ଲୋପି ବ୍ୟବହାର କରି ପାରନ୍ତି ।

ଲୋକ ସଂଖ୍ୟା ଯେଉଁପରି ବଢ଼ି ଚାଲିଛି ଆମେ ଯଦି ଏ ସମସ୍ୟା ପ୍ରତି ଅବହେଳା କରୁ ତାହାହେଲେ ବୈଜ୍ଞାନିକମାନଙ୍କ ମତରେ ଆମର ବଂଶଧରମାନେ ଖାଦ୍ୟ ଓ ବାସସ୍ଥାନ ଅଭାବରୁ ଆଉ କେତେବର୍ଷ ପରେ ଛିଡ଼ାହେବାପାଇଁ ମଧ୍ୟ ସ୍ଥାନ ପାଇବେ ନାହିଁ ।

ଲୋକସରକାର ସାଧ୍ୟମତେ ଯାହା କରିବା କଥା କ୍ରମଶଃ ଯୋଜନାଦ୍ୱାରା କରିବାରେ ଲାଗି ପଡ଼ିଛନ୍ତି । ଏହି ସମସ୍ୟା ଯେ କେବଳ ଜଣକର ତାହାନୁହେଁ ଏହା ଆମର ଜାତୀୟ ସମସ୍ୟା । ତେଣୁ ସର୍ବସାଧାରଣ ଏହି ପରିବାର କଲ୍ୟାଣ ଯୋଜନା ସଫଳ କରିବାରେ ବ୍ରତୀ ହେବା ଆବଶ୍ୟକ ।

## ଜାଣନ୍ତି କି ?

କେନ୍ଦ୍ର ଖାଦ୍ୟ ଓ କୃଷି ମନ୍ତ୍ରଣାଳୟ ସହାୟକଙ୍କ ସାର, ଯଥା ନାଇଟ୍ରୋଜେନ୍, ଫସ୍‌ଫେଟ ଓ ପୋଟାସରୁ ପ୍ରସ୍ତୁତ ହେଉଥିବା ସାରର ବିତରଣ ସଂପର୍କରେ ସୃଷ୍ଟି ହୋଇଥିବା ସମସ୍ୟା ଓ ବିତରଣ ସଂପର୍କୀୟ ନୂତନ ପଦ୍ଧତି ସ୍ଥିର କରିବା ସକାଶେ ଓଡ଼ିଶା ସରକାରଙ୍କ ଚିଫ୍ ସେକ୍ରେଟେରୀ ଶ୍ରୀ ବି. ଶିବରମଣଙ୍କ ଅଧ୍ୟକ୍ଷତାରେ ଏକ ସାତଜଣିଆ କମିଟି ନିଯୁକ୍ତ କରିଛନ୍ତି ।

# ବେକାର ଓ ଶିକ୍ଷା ପଦ୍ଧତି

ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ବେକାର ସଂଖ୍ୟା ବଢ଼ିଲେ ଦେଶ ତଥା ଜାତିର ବହୁତ କ୍ଷତି ଘଟିବ । ସେମାନଙ୍କର ତାଲିମପାଇଁ ଜାତି ଯେଉଁ ବହୁଳ ପରିମାଣର ଅର୍ଥ ବିନିଯୋଗ କରୁଛି, ତାହାର ଅପଚୟ ଘଟିବ । ଜଣେ ସାଧାରଣ ଗ୍ରାଜୁଏଟ୍ ହେବାପାଇଁ ବାପା ଓ ମା ଯାହା ଖର୍ଚ୍ଚ କରନ୍ତି, ତାହାଛଡ଼ା ସରକାରଙ୍କ ତରଫରୁ ସେ ଛାତ୍ରଙ୍କ ପାଇଁ ପ୍ରାୟ ଟ ୬,୦୦୦ ଖର୍ଚ୍ଚ ହୋଇଥାଏ ।

ଶିକ୍ଷିତ ବେକାର ସଂଖ୍ୟା ଆମର ଅଗ୍ରଗତି ପଥରେ ଏକ ବିପଦ ! ଏହା ସମାଜର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ବିକ୍ଷୋଭର ସୃଷ୍ଟି କରିବ । ଏହା ସାମାଜିକ ଜୀବନରେ ଅସ୍ଥିରତା ଆଣିଦେବ । ଶିକ୍ଷା ପ୍ରଣାଳୀରେ ଯେଉଁ ବିଶୃଙ୍ଖଳା ରହିଛି, ତାହାକୁ ଦୂର କରି ଦେଶର ସାମାଜିକ ଓ ଅର୍ଥନୈତିକ ଆବଶ୍ୟକତା ସହିତ ଶିକ୍ଷାର ସଂଯୋଗ ସ୍ଥାପନ କଲେ ଏହାର ପ୍ରତିକାର ହୋଇପାରିବ ଏକା । (ସଂଗୃହୀତ)

ଦେଶରେ ଶିକ୍ଷିତ ବେକାର ସମସ୍ୟା ଏକ ବହୁତ ସମସ୍ୟା । ଶିକ୍ଷିତ ଲୋକମାନଙ୍କୁ ଯଥାଯଥଭାବରେ କାର୍ଯ୍ୟରେ ନିଯୋଜିତ କରିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । କାହିଁକି ନା ଆମର ଦେଶରେ ଶିକ୍ଷିତ ଲୋକମାନଙ୍କ ପିଛା ରାଜ୍ୟ ତଥା ଜନସାଧାରଣଙ୍କର ବହୁ ଅର୍ଥ ଖର୍ଚ୍ଚ ହୋଇଥାଏ । ବାପା ଓ ଅଭିଭାବକଙ୍କ ଖର୍ଚ୍ଚ ବ୍ୟତୀତ ସରକାର ଜଣେ ଗ୍ରାଜୁଏଟ୍ ପ୍ରତିଙ୍କ ପିଛା ହାରାହାରି ପ୍ରାୟ ଟ ୬,୦୦୦ଙ୍କା ବ୍ୟୟ କରିଥାନ୍ତି ।

ଆମ ଦେଶର ଶିକ୍ଷିତ ଲୋକମାନଙ୍କ ସଂଖ୍ୟା ହେଉଛି ଶତକଡ଼ା ୨୪ ଭାଗ । ଏହା ଆମର ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବାପାଇଁ ଯଥେଷ୍ଟ ନୁହେଁ । ଦେଶରେ ଯେଉଁ ଶିକ୍ଷିତ ଶ୍ରେଣୀ ଅଛନ୍ତି, ସେମାନଙ୍କୁ ଯଥାଯଥ ଭାବରେ କର୍ମରେ ନିଯୋଜିତ କରି ନ ଗଲେ ସମାଜର ବୁଦ୍ଧିଜୀବୀଙ୍କ ମଧ୍ୟରେ ନୈରାଶ୍ୟ-ମନୋଭାବ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସମାଜର ଯେଉଁ ଦୃଢ଼ତା ରହିଛି ତାହା ଦୋହଲି ଯିବ ।

ଶିକ୍ଷିତ ବେକାର ସମସ୍ୟା ହେଉଛି ଏକ ଜଟିଳ ସମସ୍ୟା । ଆମ ଦେଶରେ ମାଟ୍ରିକୁଲେସନ କିମ୍ବା ତଦୂର୍ଦ୍ଧ୍ୱ ଯୋଗ୍ୟତାବିଶିଷ୍ଟ ବେକାର ଲୋକମାନଙ୍କ ସଂଖ୍ୟା ୫.୫ ଲକ୍ଷ ବୋଲି ୧୯୬୫ ମସିହାରେ ଯୋଜନା କମିଶନଙ୍କ ଦ୍ୱାରା ଗଠିତ ହୋଇଥିବା ଏକ ଅନୁଧ୍ୟାନକାରୀଦଳଙ୍କ ହିସାବରୁ ଜଣାପଡ଼ିଥିଲା । ଏମାନଙ୍କ ମଧ୍ୟରୁ ଗ୍ରାଜୁଏଟ୍‌ମାନଙ୍କ ସଂଖ୍ୟା ହେଉଛି ୧.୨ ଲକ୍ଷ । ୧୯୬୭ ମସିହା ମାର୍ଚ୍ଚରେ କର୍ମନିଯୋଗ ସଂସ୍ଥାର ରେଜିଷ୍ଟରରେ ବେକାର ଗ୍ରାଜୁଏଟଙ୍କ ସଂଖ୍ୟା ୨୩,୦୦୦ ହୋଇଥିବା ସ୍ଥଳେ ତାହା ବୃଦ୍ଧି ପାଇ ୧୯୬୨ ମାର୍ଚ୍ଚ ମାସରେ ୫୧,୦୦୦ ହୋଇଥିଲା । ତେଣୁ, ୧୯୬୫ ମସିହାରେ ଯେତିକି ସଂଖ୍ୟକ ଗ୍ରାଜୁଏଟ୍ ବେକାର ଥିଲେ, ତାହା ବୃଦ୍ଧି ପାଇ ୧୯୬୨ ମସିହାରେ ଦୁଇ ଗୁଣରୁ ଅଧିକ ହୋଇଥିବା ନିଶ୍ଚିତ ।

ବେକାର ଗ୍ରାଜୁଏଟ୍‌ମାନଙ୍କ ମଧ୍ୟରେ ଆର୍ଟସ୍ ଗ୍ରାଜୁଏଟ୍‌ମାନଙ୍କ ସଂଖ୍ୟା ବେଶୀ । ପୁରୁଷ ଗ୍ରାଜୁଏଟ୍ ବେକାର ସଂଖ୍ୟା ଅପେକ୍ଷା ମହିଳା ଗ୍ରାଜୁଏଟଙ୍କ ସଂଖ୍ୟା

ଅଧିକ । ପ୍ରାୟ ସବୁ ଇଞ୍ଜିନିଅରିଂ ଗ୍ରାଜୁଏଟ୍‌ଙ୍କୁ କାର୍ଯ୍ୟରେ ନିଯୁକ୍ତ କରାଯାଇଛି । ଯେଉଁ ଗ୍ରାଜୁଏଟ୍ ମାନେ ବେକାର ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ତୃତୀୟ ବିଭାଗରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଖୁବ୍ କମ୍ ଗ୍ରାଜୁଏଟ୍ ବେକାର ହୋଇ ରହିଛନ୍ତି ।

ଗ୍ରାଜୁଏଟ୍‌ମାନଙ୍କୁ ଯେଉଁ ବିଷୟରେ ଶିକ୍ଷା ଦିଆଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଉପଯୁକ୍ତ ବୃତ୍ତିରେ ନିଯୁକ୍ତ କରାଯାଇ ପାରୁନାହିଁ । ନିକଟରେ ଏକ ସର୍ଭେରୁ ଜଣାଯାଇଛି ଯେ, ବି. କମ୍.ର ଶତକଡ଼ା ୭୩.୩ ଭାଗ ଏବଂ ଏମ୍. କମ୍.ର ଶତକଡ଼ା ୬୫.୪ ଭାଗ ବ୍ୟକ୍ତି ଗୁମାସ୍ତାଭାବେ ନିଯୁକ୍ତ ହୋଇଛନ୍ତି । ଅଧିକାଂଶ ଗ୍ରାଜୁଏଟ୍ ଯାହା ଉପାର୍ଜନ କରନ୍ତି, ତାହା ସନ୍ତୋଷଜନକ ନୁହେଁ ।

## ଲୋକଶକ୍ତିକୁ ନିୟୋଜିତ କରିବାରେ ଅସୁବିଧା

ଏକଦିଗରେ ବେକାର ଗ୍ରାଜୁଏଟ୍‌ଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସ୍ଥଳେ ଅନ୍ୟ ଦିଗରେ ବିଭିନ୍ନ ସ୍ତରରେ ବୈଷୟିକ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି । ଭିନ୍ନ ଭିନ୍ନ ଅଞ୍ଚଳରେ ମିଳୁଥିବା ଲୋକଶକ୍ତି ମଧ୍ୟରେ ବିଶେଷ ତାରତମ୍ୟ ଦେଖାଯାଇ ଥାଏ ।

ଦୂରତା, ଜଳବାୟୁର ଅସାମଞ୍ଜସ୍ୟ, ଖାଦ୍ୟାଭ୍ୟାସ, ସାମାଜିକ ପ୍ରଥା, ରହିବାପାଇଁ ବାସଗୃହର ଅଭାବ ହେତୁ କୌଣସି ଏ ଅଞ୍ଚଳର ଜନଶକ୍ତିକୁ ଅଶାଗତ ଭାବେ ଅନ୍ୟ ଅଞ୍ଚଳରେ ନିୟୋଜିତ କରାଯାଇ ପାରୁନାହିଁ । ଯେଉଁ ଲୋକମାନେ କମ୍ ଦରମା ପାଉଛନ୍ତି, ସେମାନେ ଅନ୍ୟ ଅଞ୍ଚଳକୁ ଯାଇ କାମ କରିବା ସମ୍ଭବ ହେଉ ନାହିଁ ।

ଇତମଧ୍ୟରେ ସମାଜର ଅଶିକ୍ଷିତ ଲୋକେ ଶିକ୍ଷାର ଆଲୋକ ପାଇବା ପାଇଁ ଅଗ୍ରସର ହୋଇ ଆସିଛନ୍ତି । ସେମାନେ ଶିକ୍ଷା ପାଇ ସାରିବା ପରେ ସେମାନଙ୍କ ବଂଶର ପାରମ୍ପରିକ ବୃତ୍ତିକୁ ପ୍ରତ୍ୟାବର୍ତ୍ତନ କରିବାପାଇଁ କୁଣ୍ଠିତ ହୁଅନ୍ତି । ଏଣେ ଅତ୍ୟାଧୁନିକ ବୈଷୟିକ ବୃତ୍ତିଗୁଡ଼ିକରେ ଅନ୍ୟମାନଙ୍କ ସହିତ ପ୍ରତିଯୋଗିତା କରିବାରେ ସେମାନେ ଅସମର୍ଥ ।

ଏହି ସବୁ ବିଭିନ୍ନ କାରଣ ହେତୁ ଶିକ୍ଷିତ ବେକାର ସମସ୍ୟା ଜଟିଳ ହୋଇ ପଡ଼ୁଛି । ଏହାର ପ୍ରଧାନ କାରଣ ହେଲା ଗତ ଦେଢ଼ଦଶନ୍ଧି ହେଲା ଆମର ଦ୍ରୁତ ଅଗ୍ରଗତି ଘଟିଲେ ମଧ୍ୟ ଆମର ଜନସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଇବାରେ ଲାଗିଛି ସେହି ଅନୁପାତରେ ଜାତୀୟ ଅର୍ଥନୀତି ବୃଦ୍ଧି ପାଇପାରୁନାହିଁ । ୧୯୫୦—୬୧ ମସିହା ମଧ୍ୟରେ ଜାତୀୟ ଆୟ ଶତକଡ଼ା ୪୨ ଭାଗ ବୃଦ୍ଧି ପାଇବା ବେଳେ ମୁଣ୍ଡପିଛା ଆୟ କେବଳ ଶତକଡ଼ା ୧୬ ଭାଗ ବୃଦ୍ଧି ପାଇଛି । ତୃତୀୟ ଯୋଜନା କାଳରେ ଜାତୀୟ ଆୟ ଶତକଡ଼ା ୩୧ ଭାଗ ବୃଦ୍ଧି ହେବା ବେଳେ ମୁଣ୍ଡପିଛା ଆୟ କେବଳ ଶତକଡ଼ା ୧୫.୭ ବୃଦ୍ଧି ହେବ ବୋଲି ହିସାବ କରାଯାଇଛି ।

ଆର୍ଥନୀତିକ ଆବଶ୍ୟକତା ପ୍ରତି ଦୃଷ୍ଟି ନ ଦେଇ ବରଂ ଅବସ୍ଥାର ଗୁରୁତ୍ୱ ଓ ସାମାଜିକ ଉତ୍ସାହ ଓ ପ୍ରେରଣାର ଅନୁବର୍ତ୍ତୀ ହୋଇ ଦ୍ରୁତଗତିରେ ଶିକ୍ଷା ପ୍ରଣାଳୀର ପ୍ରସାର କରାଯାଉଛି, ଯାହାର ଫଳରେ କି ଆମର ଶିକ୍ଷା ପ୍ରଣାଳୀ ଆମର ସାମାଜିକ ଓ ଅର୍ଥନୈତିକ ଆବଶ୍ୟକତା ସହ ଖାପ ଖାଉନାହିଁ । ତେଣୁ ଏହା ଶିକ୍ଷିତ ବେକାର ସଂଖ୍ୟା ବଢ଼ିବାରେ ସାହାଯ୍ୟ କରୁଛି ।

ଅର୍ଥନୈତିକ ଯୋଜନାକୁ ଖାପ ଖାଇଲା ଭଳି ଲୋକଶକ୍ତିକୁ ତାଲିମ ଦେବା ହେଉଛି ବିଶେଷ ଗୁରୁତ୍ୱପୂର୍ଣ୍ଣ । ଆମର ଅର୍ଥନୈତିକ ଉନ୍ନତି ପ୍ରଧାନତଃ ଆମର ପ୍ରଚେଷ୍ଟା, ସମ୍ବଳ, ମୌଳିକ ଉଦ୍ଭାବନ, ସାଂଗଠନିକ ଦକ୍ଷତା ଓ ଲୋକ ଶକ୍ତିକୁ ନିୟୋଜିତ କରିବା ଉପରେ ନିର୍ଭର କରେ । ବିକାଶୋନ୍ମୁଖୀ ଦେଶମାନଙ୍କରେ ଦେଖା ଯାଏ ଯେ ସେଠାକାର କଳକାରଖାନାଗୁଡ଼ିକ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ପ୍ରାରମ୍ଭିକ କମଣ କରାଯାଇ ଜାତୀୟ

ଆୟ ବୃଦ୍ଧି କରିବାପାଇଁ ଯଥେଷ୍ଟ ଅବସର ରହିଛି । ଏହାର ସଫଳତା ବିଶେଷତଃ ଲୋକମାନଙ୍କ ସୁଗାଢ଼ ଉଦ୍ୟମ, ଉନ୍ନତ ପଦ୍ଧତି ଅବଲମ୍ବନ ଏବଂ ସେମାନଙ୍କ ସମବାୟ ସଂଗଠନ ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ ଆମର ଜାତୀୟ ଆୟର ଶତକଡ଼ା ୫୦ଭାଗ କୃଷିରୁ ମିଳିଥାଏ, ଅଥଚ ଆମେ ତାହାର ଆୟର ପରିମାଣ ବୃଦ୍ଧି କରିବା ଦିଗରେ ଅସମର୍ଥ ହୋଇ ପଡ଼ୁଥାଉଁ । ଏହାର ମୂଳ କାରଣ ହେଲା ଲୋକଶକ୍ତିକୁ ନିୟୋଜିତ କରିବାଦିଗରେ ବିଫଳତା । କ୍ଷେତପାଇଁ ଜଳ ଯୋଗାଇ ଦିଆଯାଉଛି ଅଥଚ କେନାଲ୍ ଖୋଳା-ଯାଉନାହିଁ । ସମବାୟ ସଂଗଠନଗୁଡ଼ିକର ଯେତିକି ଉନ୍ନତି ବିଧାନ ହେବା କଥା ସେତିକି ହୋଇ ପାରୁନାହିଁ । ଆବଶ୍ୟକତାନୁଯାୟୀ ଉନ୍ନତ କୃଷି ପଦ୍ଧତି ତୁରନ୍ତ ଓ ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ । ତେଣୁ, ଆମର ଲୋକ ଶକ୍ତିକୁ ବିଭିନ୍ନସ୍ତରରେ ଯଥାଯଥ ଭାବରେ ତାଲିମ ଦିଆଗଲେ ଆମର ଅର୍ଥନୈତିକ ଅବସ୍ଥା ତଥା ଜାତୀୟ ଆୟ ଯଥେଷ୍ଟ ଭାବରେ ବୃଦ୍ଧି ପାଇ ପାରିବ ।

ଶିକ୍ଷା ପ୍ରଣାଳୀ ମୁକ୍ତଭାବରେ ପ୍ରସାରଲାଭ କରୁଛି । ଉଭୟ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟି-କୋଣରୁ ଏହି ଶିକ୍ଷାପ୍ରଣାଳୀ ଯୁଗ ଯୁଗ ବ୍ୟାପି କ୍ଷିପ୍ର ଗତିରେ ଆହୁରି ପ୍ରସାର ଲାଭ କରିବ, କିନ୍ତୁ ଏହି ଶିକ୍ଷାକୁ ଯଦି ଯଥାଯଥ. ଯୋଜନାବଦ୍ଧ ଓ ଫଳପ୍ରଦ ଭାବେ ଆମର ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ସଂଯୋଗ କରି ନ ଯାଏ, ତାହାହେଲେ ସମାଜରେ ବିଶୃଙ୍ଖଳା ବିକଟ ଆକାର ଧାରଣ କରିବ । ଅର୍ଥନୈତିକ ବିକାଶ ପରିବର୍ତ୍ତେ ଅର୍ଥନୈତିକ ଅଧୋଗତି ଘଟିବ ।

ଶିକ୍ଷାର ପ୍ରସାର ଦିଗରେ ବର୍ତ୍ତମାନ ଯେଉଁ ନୀତି ଅନୁସରଣ କରାଯାଉଛି, ପ୍ରଥମେ ତାହାକୁ ପରିବର୍ତ୍ତନ କରିବାକୁ ପଡ଼ିବ । ତାହାର ପରିବର୍ତ୍ତେ ବିକାଶର ବିଭିନ୍ନ ପର୍ଯ୍ୟାୟର ଅଭିବୃଦ୍ଧିକୁ ନେଇ ଗୋଟିଏ ମିଳିତ ଯୋଜନା ପ୍ରସ୍ତୁତ କରିବାକୁ ହେବ । ସାମାଜିକ ତଥା ଆର୍ଥନୀତିକ ବିକାଶର ଆବଶ୍ୟକତା ପ୍ରତି ଲକ୍ଷ୍ୟ ରଖି ଲୋକଶକ୍ତିକୁ ଯଥାଯଥଭାବେ ଅଧିକରୁ ଅଧିକ କାର୍ଯ୍ୟରେ ବିନିଯୋଗ କରିବା ଉପରେ ନିର୍ଭର କରି ଏହି ମିଳିତ ଯୋଜନା ତିଆରି କରିବାକୁ ହେବ ।

ଜନସଂଖ୍ୟା ଦ୍ରୁତ ହୋଇ ବଢ଼ିଚାଲିଥିବା ଯୋଗୁଁ ବିକାଶୋନ୍ମୁଖୀ ଅର୍ଥନୀତି କ୍ଷେତ୍ରରେ ବେକାର ସଂଖ୍ୟା ବୃଦ୍ଧି ପାଇପାରେ । ସ୍ପୃହା ଅନୁଯାୟୀ ସ୍ୱତନ୍ତ୍ର ଚାକିରି ଯୋଗାଇ ଦିଆଯାଇ ନ ପାରେ । ତେଣୁ ଲୋକମାନଙ୍କୁ ସ୍ୱାବଲମ୍ବନଶୀଳ କରିବାପାଇଁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଦେବା ଏକାନ୍ତ ଆବଶ୍ୟକ । ଆମର ବିପୁଳ ପ୍ରାକୃତିକ ସମ୍ପଦ ରହିଛି । ତାହାକୁ ଯଥାଯଥଭାବେ କାର୍ଯ୍ୟରେ ଉପଯୋଗ କରି-ବାକୁ ହେଲେ ଆବିଷ୍କାରକ ମନୋଭାବ, ଦୁଃସାହସିକ ଉଦ୍ୟମ, ନେତୃତ୍ୱ ଓ ସାଂଗଠନିକ ଦକ୍ଷତା ଥିବା ବ୍ୟକ୍ତି ବହୁ ସଂଖ୍ୟାରେ ଆବଶ୍ୟକ । ଏଥିପାଇଁ ବୈଷୟିକ, ବ୍ୟାବସାୟିକ ଓ ବୃତ୍ତିଗତ ଶିକ୍ଷା ଅପରିହାର୍ଯ୍ୟ । ଏହି ଶିକ୍ଷାର ପ୍ରସାର ଫଳରେ ଲୋକମାନଙ୍କୁ ବେକାର ସମସ୍ୟାରୁ ରକ୍ଷା କରାଯାଇ ପାରିବ । *

## ଜାଣନ୍ତି କି?

ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରିମାସ (୧୯୭୮ ମସିହା ଅପ୍ରେଲ୍ ଠାରୁ ଜୁଲାଇ) ମଧ୍ୟରେ ଟ ୯୯.୦୪ ଲକ୍ଷ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକାର ତିଆରି ଖାଦ୍ୟ-ଦ୍ରବ୍ୟ (processed foods) ବିଦେଶକୁ ରପ୍ତାନି କରାଯାଇଛି । ରପ୍ତାନି କରାଯାଇଥିବା ଖାଦ୍ୟ ଦ୍ରବ୍ୟ ମଧ୍ୟରେ ଅଚାର ଓ ଚଟଣି, ଚୋପା ଛଡ଼ା ହୋଇ ବୋତଲରେ ରଖାଯାଇଥିବା ଫଳ, ବିସ୍କୁଟ ଓ କୋକା-କୋଲା ହେଉଛି ପ୍ରଧାନ ।


ପି: ଆର୍: ଓ ସ୍କ୍ୱାସ୍‌ଟିଏ କିଣି ସାରି
ଅନ୍ୟ ଜିନିଷ କିଣନ୍ତୁ

ପି: ଆର୍: ଓ: ମାର୍କା
ଫଳଜାତ ଦ୍ରବ୍ୟ ସମସ୍ତେ
ଘରେ ରଖିବାକୁ ଚାହାନ୍ତି ।
କାରଣ..................
ଏହା ସୁସ୍ୱାଦୁ, ସୁଗନ୍ଧଯୁକ୍ତ,
ରୁଚିକର ଓ ସ୍ୱାସ୍ଥ୍ୟପ୍ରଦ ।



କିଣିବାକୁ ମିଳେ
କମଳା ସ୍କ୍ୱାସ୍ : ଲେମ୍ବୁ ସ୍କ୍ୱାସ୍
ଅମ୍ବ ସ୍କ୍ୱାସ୍ : ସପୁରୀ ସ୍କ୍ୱାସ୍
ପିଜୁଳି ଜେଲ୍ ଓ ଅନ୍ୟାନ୍ୟ—

ବ୍ୟବସାୟ ପାଇଁ ଅନୁସନ୍ଧାନ କରନ୍ତୁ—
**ଜଏଣ୍ଟ ଡାଇରେକ୍ଟର ଅଫ୍ ଏଗ୍ରିକଲ୍‌ଚର** (ଫ୍ରୁଟ୍ ପ୍ରିଜରଭେସନ)
**ସର୍ଦ୍ଦାର ପଟେଲ ହଲ ହତା, ଭୁବନେଶ୍ୱର-୧** ଫୋନ ନ: ୬୦୩



# ମହାନ୍ ଆରମ୍ଭ . . .

୧୯୦୭ ମସିହାରେ ସେପ୍ଟେମ୍ବରମାସ ଓ ଗ୍ରୀଷ୍ମରେ ଭାରତରେ ହିସାବ ମଧ୍ୟ ଗୋଟିଏ ଦେଶର ଚାବି ନଥିଲା, ସେତେବେଳେ ଗୋଟିଏ ଆଧୁନିକ ଇସ୍ପାତ କାରଖାନା ବସାଇବାର ଯୋଜନା ଟାଟା ସଂସ୍ଥା ଘୋଷଣା କଲା। ଏହି ପ୍ରୟାସ ସେତେବେଳେ ଦେଶର ଓ ବାହାର ଲୋକ ସମ୍ପର୍କରେ ବିଶେଷଜ୍ଞମାନଙ୍କ ଅନେକ ଲୋକଙ୍କ ମନରେ ସନ୍ଦେହ ଥିଲା।

ତଥାପି, ଏହାର ଅଳ୍ପଦିନ ପରେ ବିହାରର ଗଭୀର ବନ ଅଞ୍ଚଳ ଜାମସେଦପୁରଠାରେ ଭାରତର ପ୍ରଥମ ଇସ୍ପାତ କାରଖାନା ବସିଲା ଏବଂ ତାହାର ସଫଳତାରେ ୧୯୧୨ ସାଲର ଫେବୃଆରୀ ମାସରେ ସର୍ବପ୍ରଥମ ଇସ୍ପାତ ଉତ୍ପନ୍ନ ପ୍ରସ୍ତୁତ ହେଲା। ଏ ସଫଳତା ଭାରତର ଇସ୍ପାତ ଶିଳ୍ପର ନୂଆ ଇତିହାସକୁ ସ୍ଥାପନ କରିଥିଲା ନୂତନ ସୃଷ୍ଟି, ଏଥିରୁ ମଧ୍ୟ ପ୍ରମାଣ ହେଲା ଯେ ଆଧୁନିକ ଧରଣର ସଂପ୍ରସାରଣଶୀଳ ଇସ୍ପାତ ଶିଳ୍ପର ସହିତ ଯୋଗାଇବା ଆଉ ବଡ଼ ଲୁହା ଓ ଅନ୍ୟାନ୍ୟ କଞ୍ଚାମାଲର ସମ୍ଭାବନା ଭାରତରେ ରହିଛି।


ପଚାଶରୁ ଅଧିକ ବର୍ଷ ଧରି ଜାମସେଦପୁରରୁ ଯେଉଁ ଇସ୍ପାତ ପ୍ରସ୍ତୁତ ହେଉଅଛି ତାହା ଶିଳ୍ପବାଣିଜ୍ୟ କ୍ଷେତ୍ରରେ ପ୍ରଥମ ପଦକ୍ଷେପ ନେବାପାଇଁ ଭାରତକୁ ସାହାଯ୍ୟ କରୁଛି। ଏବେ ଅଧିକର ଲୁହା ଉତ୍ପାଦନ ତଥା ଅଧିକ ଇସ୍ପାତ ପାଇଁ ଅଧିକ ଇସ୍ପାତ କାରଖାନା ବସାଇବାର ଯୋଜନାରେ ଏମ ଦର୍ଶିଛୁ, ଅର୍ଥନୀତିରେ ଟାଟା ଷ୍ଟିଲ ଏଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି।

ଟାଟା ଷ୍ଟିଲ



JWTTN 20654


# ଦକ୍ଷିଣପୂର୍ବ ରେଳପଥ ମାଧ୍ୟମରେ
# ପସନ୍ଦ ମୁତାବକ ବିଜ୍ଞାପନ




କମର୍ଶିୟାଲ ପବଲିସିଟି ଅଫିସର

## ଦକ୍ଷିଣ-ପୂର୍ବ ରେଳପଥ

୧୧, ଗାର୍ଡେନରୀଚ ରୋଡ, କଲିକତା ୪୩
ଟେଲିଫୋନ ୪୫-୨୨୩୧/୪୬-୫୩୪୧



## ରେଡ୍‌କ୍ରସରେ ମାନବିକ କାର୍ଯ୍ୟପାଇଁ ପୁରସ୍କାର

ଉତ୍ତମ 'ମାନବ-କଲ୍ୟାଣ କାର୍ଯ୍ୟପାଇଁ ନିସ୍ୱାର୍ଥ ଉନ୍ନତ କାର୍ଯ୍ୟ କରିଥିବାରୁ ଶ୍ରୀ ସୁରେଶ ତ୍ରିପାଠୀ ଭାରତର ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି । ଶ୍ରୀ ସୁରେଶ ତ୍ରିପାଠୀ ପୁରୀ ଜିଲ୍ଲାସ୍ଥ ଜଗତ୍‌ସିଂହପୁର ଅଧିବାସୀ, ନିଜକୁ ଜନସେବାପାଇଁ ସେ ଉତ୍ସର୍ଗ କରିଛନ୍ତି ।

( ୪୯ ପୃଷ୍ଠା ଦେଖନ୍ତୁ )



# ଆମ ରାଜ୍ୟ

## ଓଡ଼ିଶାରେ ରେଡ଼୍‌କ୍ରସ୍

ତା ୧୬ । ୧୧ । ୧୯୭୦ ରିଖରେ ଭାରତୀୟ ରେଡ଼କ୍ରସ ସୋସାଇଟି ଓଡ଼ିଶା ଶାଖାର ବାର୍ଷିକ ସାଧାରଣ ଅଧିବେଶନ ଭୁବନେଶ୍ୱରସ୍ଥ ରାଜଭବନଠାରେ ଅନୁଷ୍ଠିତ ହୋଇଥିଲା । ଏହି ଅନୁଷ୍ଠାନର ସଭାପତି ଓଡ଼ିଶାର ରାଜ୍ୟପାଳ ଡକ୍ଟର ଏ. ଏନ୍. ଖୋସ୍‌ଲା ଯୋଗଦେଇ ନ ପାରିବାରୁ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଓଡ଼ିଶା ଶାଖା ରେଡ଼କ୍ରସ୍ ଅନୁଷ୍ଠାନ କାର୍ଯ୍ୟକାରୀ କମିଟିର ସଭାପତି ଶ୍ରୀ ପି. ଭି. ଜଗନ୍ନାଥ ରାଓ ଉକ୍ତ ଅଧିବେଶନରେ ସଭାପତିତ୍ୱ କରି ଜନସାଧାରଣଙ୍କୁ ବହୁସଂଖ୍ୟାରେ ରେଡ଼କ୍ରସ ଅନୁଷ୍ଠାନର ସଭ୍ୟ ଶ୍ରେଣୀଭୁକ୍ତ ହେବାପାଇଁ ଆହ୍ୱାନ ଜଣାଇଥିଲେ । ତାହାଙ୍କ ଭାଷଣର ସାର କଥା ନିମ୍ନରେ ଦିଆଗଲା—[ସଂ: ପ୍ର:]

ଉପସ୍ଥିତ ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିଙ୍କୁ ସ୍ୱାଗତ ଜଣାଇ ସେ କହିଥିଲେ :

"ଏହି ଶାଖାର ସଭାପତି ଆମ୍ଭମାନଙ୍କର ରାଜ୍ୟପାଳ ଡକ୍ଟର ଖୋସଲାଙ୍କ ଅନୁପସ୍ଥିତିରେ ମୋତେ ଆଜି ଏହି ସଭାରେ ସଭାପତିତ୍ୱ କରିବାକୁ ପଡ଼ୁଛି । ଦୁର୍ଭାଗ୍ୟବଶତଃ ତାଙ୍କର ସ୍ୱାସ୍ଥ୍ୟ ଭଲ ନାହିଁ । ଆଶାକରୁଯାଏ ସେ ସେ ଶୀଘ୍ର ପୂର୍ବସ୍ୱାସ୍ଥ୍ୟ ଲାଭକରି ଆମ୍ଭମାନଙ୍କ ନିକଟକୁ ଫେରିଆସିବେ ଏବଂ ଆମ୍ଭମାନଙ୍କୁ ଉପଦେଶ ଦେବେ ।

"ଗତ ବାର୍ଷିକ ସାଧାରଣ ଅଧିବେଶନଠାରୁ ଓ ଏହି ବର୍ଷ ମଧ୍ୟରେ କେତେକ ଦୁର୍ଘଟଣା ଘଟିଯାଇଛି । ରେଡ଼କ୍ରସ ସୋସାଇଟିର ପ୍ରଥମେ ସଭାପତି ଓ ଚେୟାରମ୍ୟାନଥିବା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏବଂ ରାଜକୁମାରୀ ଅମୃତ କାଉରଙ୍କୁ ଆମେ ହରାଇଛୁ । ରେଡ଼କ୍ରସ ସକାଶେ ସେମାନେ ଯଥେଷ୍ଟ ମୂଲ୍ୟବାନ କାର୍ଯ୍ୟ କରିଯାଇଛନ୍ତି । ଗଣତାନ୍ତ୍ରିକ ଧର୍ମ-ନିରପେକ୍ଷ ଆଧୁନିକ ଭାରତୀୟ ସାଧାରଣତନ୍ତ୍ରର ନିର୍ମାତା, ଆମ୍ଭମାନଙ୍କର ପ୍ରିୟ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ହରାଇ ଅମେ ନିଜକୁ ଅତି ହତଭାଗ୍ୟ ମନେକରୁଛୁ । ରେଡ଼କ୍ରସ ସୋସାଇଟି ତଥା ଦେଶ ନିମନ୍ତେ ନିଃସ୍ୱାର୍ଥପରଭାବରେ କାର୍ଯ୍ୟକରି ସେମାନେ ସେମାନଙ୍କର ଖ୍ୟାତି ରଖିଯାଇଛନ୍ତି । ରେଡ଼କ୍ରସ ସୋସାଇଟିର ଅଗ୍ରଗତି ତଥା ଦେଶର ଉନ୍ନତି ନିମନ୍ତେ ଯଥାଶକ୍ତି ଦାନକରି ଆମେ ସେମାନଙ୍କ ଆଦର୍ଶ ପାଳନ କରି ଆମର କର୍ତ୍ତବ୍ୟ କରିବା ।

"ଗତବର୍ଷ ଆମ ଅନୁଷ୍ଠାନର ଶତେବର୍ଷ ପୂର୍ଣ୍ଣହେଲା ଏବଂ ସେହି ଶତବାର୍ଷିକୀ ବର୍ଷ ମଧ୍ୟରେ କେତେକ ଜିଲ୍ଲାରେ ରେଡ଼କ୍ରସ ନିମନ୍ତେ କୋଠାଘର ନିର୍ମାଣ ସଂପୂର୍ଣ୍ଣ କରିବାରେ ଅମେ କ୍ଷମ ହୋଇଥାଉଁ । ମୋ ଦୃଷ୍ଟିରେ ଏହା ହେଉଛି ଏକ ବଡ଼ କୃତିତ୍ୱ । ପ୍ରତ୍ୟେକ ଜିଲ୍ଲାରେ ଏହିପରି ଗୋଟିଏ ଗୋଟିଏ କୋଠାଘର କରିଯାଇ ପାରିବ ବୋଲି ମୁଁ ଆଶାକରେ । ପ୍ରତ୍ୟେକ ଜିଲ୍ଲା ରେଡ଼କ୍ରସ ସୋସାଇଟିର ଚେୟାରମ୍ୟାନ ଯଦି ସୋସାଇଟି କାର୍ଯ୍ୟରେ ବିଶେଷ ଆଗ୍ରହ ପ୍ରକାଶ କରନ୍ତି, ତେବେ ଅଧିକ କାର୍ଯ୍ୟ ତଥା ବିଶେଷ ପ୍ରଗତି ହାସଲ କରିଯାଇ ପାରିବ ।

"ଏହି ଶତତମ ବର୍ଷ ମଧ୍ୟରେ କେତେକ ଜିଲ୍ଲାରେ ରେଡ଼କ୍ରସ ରକ୍ତଭଣ୍ଡାରର ଶାଖା ସ୍ଥାପନ କରିବାରେ ଆମେ କ୍ଷମ ହୋଇଛୁ । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ

ଲେଖାଏଁ ରକ୍ତଭଣ୍ଡାର ପ୍ରତିଷ୍ଠା କରିପାରିବୁ ବୋଲି ଆମେ ଆଶା କରୁଛୁ । ତାହାମାନଙ୍କର ଅଭାବରେ ସେମାନଙ୍କ ମଧ୍ୟରୁ କେତେଗୁଡ଼ିଏ ଭଲରୂପେ କାର୍ଯ୍ୟ କରି ପାରୁନାହାନ୍ତି । ବସ୍ତୁତଃ ରକ୍ତ ବିନିମୟରେ ଆମକୁ ପଇସା ଦେବାକୁ ପଡ଼ୁଛି, ମାତ୍ର ଯେପରି ଚାଲୁଥିବା ଉଚିତ ନୁହେଁ । ବିନା ମୂଲ୍ୟରେ ରକ୍ତ ଦାନ କରିବା ଉଚିତ, ମାତ୍ର ବିନା ପଇସାରେ କେହି ରକ୍ତ ଦେଉ ନାହାନ୍ତି । ବିନା ମୂଲ୍ୟରେ ରକ୍ତ ଦେବାପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ତାଲିକାଭୁକ୍ତ କରିବା ହେଉଛି, ରେଡ଼କ୍ରସ ସୋସାଇଟିର କର୍ତ୍ତବ୍ୟ । ପ୍ରଚାରକାର୍ଯ୍ୟ ଚଳାଇବା ଓ ରକ୍ତଦାନ କରିବାପାଇଁ ଇଚ୍ଛୁକଥିବା ବ୍ୟକ୍ତିମାନଙ୍କର ତାଲିକା ପ୍ରସ୍ତୁତ କରିବା ସକାଶେ କେତେକ ସମାଜସେବୀ ରଖାଗଲେ ଏହି ଉଦ୍ଦେଶ୍ୟ ଭଲରୂପେ ସାଧନ କରାଯାଇ ପାରିବ । ଏହି କାର୍ଯ୍ୟ କରିବା ସକାଶେ କେତେକ ସମାଜସେବୀ ଆଗେଇ ଆସିବେ ବୋଲି ମୁଁ ଆଶାକରେ ।

“ମାତୃମଙ୍ଗଳ ଓ ଶିଶୁ ସ୍ୱାସ୍ଥ୍ୟ ସହିତ ପରିବାର ନିୟନ୍ତ୍ରଣ କାର୍ଯ୍ୟ ମଧ୍ୟ ରେଡ଼କ୍ରସ ଗ୍ରହଣ କରିଛି । ପରିବାର ନିୟନ୍ତ୍ରଣ କାର୍ଯ୍ୟକୁ ଅଗ୍ରାଧିକାର ଦିଆ ଯାଇଥିଲେ ମଧ୍ୟ କର୍ମବୃନ୍ଦଙ୍କର ଅଭାବ ଏବଂ ଉପଯୁକ୍ତ ପ୍ରଚାର ଓ ତାଲିମର ଅଭାବ ଆଦି କେତେକ ଅସୁବିଧା ଯୋଗେ ଏ ଦିଗରେ ଖୁବ କମ ଅଗ୍ରଗତି ହୋଇ ପାରିଛି । ଏହିସବୁ ଅସୁବିଧା ତୁରନ୍ତ ଦୂର କରାଯାଇ ଭବିଷ୍ୟତରେ ଦ୍ରୁତ ଅଗ୍ରଗତି ସାଧିତ ହୋଇପାରିବ ବୋଲି ମୁଁ ଆଶାକରେ ।

“ନିର୍ମାଣକାର୍ଯ୍ୟ, ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ, ଶୁଶ୍ରୂଷାରେ ତାଲିମ, ଧାତ୍ରୀମାନଙ୍କ ତାଲିମ, ଆଦି ରେଡ଼କ୍ରସ ଅନୁଷ୍ଠାନର ଅନ୍ୟାନ୍ୟ କାର୍ଯ୍ୟ ଗତାନୁଗତିକ ଭାବରେ ଚାଲିଛି । ଏହିସବୁ କାର୍ଯ୍ୟ ନିମନ୍ତେ ରେଡ଼କ୍ରସର ଅର୍ଥ ଆବଶ୍ୟକ । ଦୁର୍ଭାଗ୍ୟବଶତଃ ଏଥିପାଇଁ ଆମେ ଯଥେଷ୍ଟ ପରିମାଣର ଅର୍ଥ ସଂଗ୍ରହ କରିପାରିନାହୁଁ । ଆମେ ରେଡ଼କ୍ରସ ସକାଶେ ଯଥେଷ୍ଟ ସଭ୍ୟ ସଂଗ୍ରହ କରିପାରି ନାହୁଁ ଅଥଚ କେବଳ ସଭ୍ୟମାନଙ୍କ ଯୋଗେ ପାଣ୍ଠି ବଢ଼ିପାରିବ । ପଞ୍ଜାବରେ ଲୋକ ସଂଖ୍ୟା ୨୦ ନିୟୁତ ଏବଂ ଏହା ଓଡ଼ିଶାର ଲୋକ ସଂଖ୍ୟା ଅପେକ୍ଷା ସାମାନ୍ୟ ଅଧିକ ହୋଇଥିଲେ ମଧ୍ୟ ସେଠାରେ ଥିବା ରେଡ଼କ୍ରସ ଅନୁଷ୍ଠାନର ସଭ୍ୟ ସଂଖ୍ୟା ହେଉଛି ୧ ଲକ୍ଷ ୨୫ ହଜାର । ମାତ୍ର ଓଡ଼ିଶାରେ ସଭ୍ୟ ସଂଖ୍ୟା ଲକ୍ଷେର ସାତ ଭାଗରୁ ଭାଗେ ମଧ୍ୟ ହୋଇ ନାହିଁ । ମୁଁ ନିଶ୍ଚିତ ଭାବରେ କହିପାରେ ଯେ ଆମେ ଯଦି ଆନ୍ତରିକତା ସହକାରେ ଆମର ଟିକିଏ ବେଶି ସମୟ ଏଥିପାଇଁ ଦେଇପାରିବା, ତେବେ ନିର୍ଦ୍ଧାରିତ ଲକ୍ଷ୍ୟ ସଭ୍ୟ ସଂଗ୍ରହ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରିବ ।

“ସୁନପୁର ରେଡ଼କ୍ରସ ଅନୁଷ୍ଠାନର ଅବସ୍ଥା ମଧ୍ୟ ଉଦ୍ବେଗ । ଏହାର ସଭ୍ୟସଂଖ୍ୟା ମଧ୍ୟ ସେତେ ଉତ୍ସାହପ୍ରଦ ନୁହେଁ । ସଭ୍ୟ ସଂଗ୍ରହ କରିବାରେ ଶିକ୍ଷକମାନେ ଅଧିକ ଆଗ୍ରହାନ୍ୱିତ ହେଲେ ଅପେକ୍ଷାକୃତ ଭଲ ଫଳ ମିଳିପାରିବ ବୋଲି ମୁଁ ନିଶ୍ଚିତରୂପେ କହିପାରେ । ମୋଟ ଉପରେ ବିଭିନ୍ନ ଦିଗରେ ଯଥେଷ୍ଟ ଅଗ୍ରଗତି ସାଧିତ ହୋଇଛି, ତଥାପି ଅଗ୍ରଗତି ଆଶାନୁରୂପ ହୋଇପାରିନାହିଁ । ମୋର ବିଶ୍ୱାସ ଯେ ଆମର ସମ୍ମିଳିତ ଉଦ୍ୟମଦ୍ୱାରା ଏହି ଉଦାର ଅନୁଷ୍ଠାନ ମାଧ୍ୟମରେ ଆମେ ବହୁତ କିଛି କରିପାରିବା ।

“ପରିଶେଷରେ ଏକ୍‌ଜିକ୍ୟୁଟିଭ କମିଟି, କାର୍ଯ୍ୟକାରୀ କମିଟି ଓ ଅନ୍ୟାନ୍ୟ ପରିଚାଳନା କମିଟିଗୁଡ଼ିକର ସଭ୍ୟମାନଙ୍କୁ ସେମାନଙ୍କର ସାହାଯ୍ୟ ଓ ସହଯୋଗ ନିମନ୍ତେ ମୁଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି । ବର୍ଷ ମଧ୍ୟରେ ଦକ୍ଷତାସହକାରେ କାର୍ଯ୍ୟ କରିଥିବା ଯୋଗେ ଅବୈତନିକ ସଂପାଦକ ଓ ତାଙ୍କର କର୍ମଚାରୀବର୍ଗଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି ।”

* *

# ଓଡ଼ିଶାରେ ଶିଶୁ କଲ୍ୟାଣ

'ଶିଶୁହିଁ ବ୍ୟକ୍ତିର ଜନକ,' 'ଆଜି ଯେ ଶିଶୁ, କାଲିକି ସେ ହେବ ଜଣେ ନାଗରିକ" ଏଭଳି କଥା ବରାବର ଶୁଣାଯାଇଥାଏ । କିନ୍ତୁ ଶିଶୁମାନଙ୍କର କଲ୍ୟାଣ ସାଧନର ପୂର୍ଣ୍ଣ ଦାୟିତ୍ୱ ଯେ ରାଜ୍ୟ ତଥା ସମଗ୍ର ସମାଜ ଉପରେ ନିର୍ଭର କରେ—ଏଭଳି ଚିନ୍ତାଧାରା ଅପେକ୍ଷାକୃତ ନୂତନ । ଭାରତରେ ଏହି ଚିନ୍ତାଧାରାର ପ୍ରଧାନ ଓ ପ୍ରଥମ ପ୍ରବର୍ତ୍ତକ ହେଉଛନ୍ତି ଅମର ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ।

ଶିଶୁକଲ୍ୟାଣ ସଂପର୍କରେ ଦିଲ୍ଲୀଠାରେ ଅନୁଷ୍ଠିତ "ଆନ୍ତର୍ଜାତିକ ଆଲୋଚନା ଚକ୍ର" ଉଦ୍‌ଘାଟନ କରିବାକୁ ଯାଇ ଥରେ ନେହରୁ କହିଥିଲେ, "ଶିଶୁ-ମାନଙ୍କ ସ୍ନେହ ଶ୍ରଦ୍ଧା ଲାଭକରିବା ମୋ ପକ୍ଷେ ପରମ ସୌଭାଗ୍ୟ । ମୁଁ ଯେଉଁଠିକି ଯାଏ, ଶିଶୁମାନେ ବହୁ ସଂଖ୍ୟାରେ ମୋ ପାଖକୁ ଆସିଥାନ୍ତି ଏବଂ ମୋପ୍ରତି ସେମାନେ ସ୍ନେହ ଓ ଅକୃତ୍ରିମ ଶ୍ରଦ୍ଧା ପ୍ରଦର୍ଶନ କରିଥାନ୍ତି । ତାଙ୍କର ପ୍ରାପ୍ୟ ଯେତେବେଳେ ଅଥବା ପ୍ରଧାନମନ୍ତ୍ରୀ ଭାବରେ ବା ଅନ୍ୟ ଯେ କୌଣସି ଭାବରେ ମୁଁ ତାଙ୍କ ସ୍ନେହର ପ୍ରତିଦାନରେ ଯାହା ଦେଉଛି ତାହା ଯେତେ ନଗଣ୍ୟ, ସେକଥା ଚିନ୍ତାକଲେ ମୁଁ ଲଜ୍ଜା ଅନୁଭବକରେ ଓ ନିଜକୁ ଅତି ସାମାନ୍ୟ ବୋଲି ମନେକରେ" ।

ପ୍ରତ୍ୟେକ ବିଷୟର ଫଳାଫଳ ମାନବିକ ଦୃଷ୍ଟିରୁ ବିଚାର କରାଯାଇଥାଏ । କିନ୍ତୁ ଜାତୀୟ ଉନ୍ନୟନ ସଂକ୍ରାନ୍ତ ଯୋଜନା ତଥା ବିଭିନ୍ନ ପରିକଳ୍ପନା କଥା ଚିନ୍ତା କଲାବେଳେ ଏହି ମାନବିକ ଦିଗଟି ଆମେ ଭୁଲିଯାଉ । ଆମର ପ୍ରଧାନ ଲକ୍ଷ୍ୟ ହେଲା ଜନତାର କଲ୍ୟାଣ ସାଧନ । ତେଣୁ ବୟସ୍କମାନଙ୍କ ତୁଳନାରେ ପ୍ରଥମେ ଶିଶୁମାନଙ୍କପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଦରକାର । କାରଣ ସେଇମାନେ ହିଁ ହେଉଛନ୍ତି ଦେଶର ଭାବୀ ଜନତା ।

ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଶିଶୁମାନଙ୍କ ସର୍ବାଙ୍ଗୀନ ଉନ୍ନତି ସକାଶେ ୧୯୫୨ ମସିହାରେ ଭାରତୀୟ ଶିଶୁକଲ୍ୟାଣ ପରିଷଦ ସ୍ଥାପିତ ହୋଇଥିଲା ।

୧୯୫୯ ମସିହା ନଭେମ୍ବର ୨୦ ତାରିଖ ସମଗ୍ର ବିଶ୍ୱର ଶିଶୁମାନଙ୍କ ପକ୍ଷେ ଏକ ସ୍ମରଣୀୟ ଦିବସ । ଶିଶୁମାନଙ୍କ ଅଧିକାର ସଂପର୍କରେ ଏକ ସନନ୍ଦ ସେହିଦିନ ବିଶ୍ୱ ଜାତିସଂଘରେ ଗୃହୀତ ହୋଇଥିଲା । ଏହି ସନନ୍ଦରେ ଘୋଷଣା କରାଯାଇଥିଲା ଯେ ବିଶ୍ୱର ସମସ୍ତ ଶିଶୁ ଜାତି-ବର୍ଣ୍ଣ-ସ୍ତ୍ରୀ-ପୁରୁଷ ଭେଦ, ତଥା ଭାଷା, ଧର୍ମ, ରାଜନୀତି କିମ୍ବା ଅନ୍ୟାନ୍ୟ ମତବାଦ, ଓ ଜାତୀୟତା ନିର୍ବିଶେଷରେ ଏହି ଅଧିକାରଗୁଡ଼ିକ ଉପଭୋଗ କରିପାରିବେ । କୌଣସି ଶିଶୁ ନିଜର କିମ୍ବା ନିଜ ପରିବାରର ଜନ୍ମଗତ କିମ୍ବା ଅନ୍ୟାନ୍ୟ ସାମାଜିକ ପ୍ରତିଷ୍ଠା ଦୃଷ୍ଟିରୁ ଉପରୋକ୍ତ ଅଧିକାରରୁ ବଞ୍ଚିତ ହେବେ ନାହିଁ । ସନନ୍ଦରେ ଆହୁରି ମଧ୍ୟ ଘୋଷଣା କରାଯାଇଥିଲା :

"ଶିଶୁମାନଙ୍କପାଇଁ ସ୍ୱତନ୍ତ୍ର ନିରାପତ୍ତାର ବ୍ୟବସ୍ଥା କରାଯିବ ଏବଂ ସୁସ୍ଥ ଓ ସ୍ୱାଧୀନ ବାତାବରଣ ମଧ୍ୟରେ ସେମାନଙ୍କର ଶାରୀରିକ, ମାନସିକ, ନୈତିକ, ଆଧ୍ୟାତ୍ମିକ ତଥା ସାମାଜିକ ବିକାଶପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ସେମାନଙ୍କୁ ଯୋଗାଇ ଦିଆଯିବ ।

"ସାମାଜିକ ବିପ୍ଳବ ଧାରାରେ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯେପରି ଅଭିବୃଦ୍ଧି ଘଟେ ସେଥିଦିଗରେ ଉଦ୍ୟମ କରାଯିବ। ଏହି ଉଦ୍ଦେଶ୍ୟରେ ଶିଶୁ ତଥା ତାହାର ମାତାଙ୍କ ନିରାପତ୍ତାପାଇଁ ସ୍ୱତନ୍ତ୍ର ଯତ୍ନ ନିଆଯିବ। କୌଣସି ଶିଶୁ ପୁଷ୍ଟିକାରକ ଖାଦ୍ୟ, ରହିବାର ସୁବିଧା, ଚିତ୍ତବିନୋଦନ ଓ ଡାକ୍ତରୀ ଚିକିତ୍ସା ଆଦି ସୁବିଧା ଲାଭରୁ ବଞ୍ଚିତ ହେବ ନାହିଁ।

"ଶାରୀରିକ, ମାନସିକ କିମ୍ବା ସାମାଜିକ ଦୃଷ୍ଟିରୁ ଦୁର୍ବଳ ତଥା ବିକଳାଙ୍ଗ ଶିଶୁଙ୍କପାଇଁ ସ୍ୱତନ୍ତ୍ର ଚିକିତ୍ସାର ସୁବିଧା କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶିକ୍ଷାଦାନର ମଧ୍ୟ ବ୍ୟବସ୍ଥା କରାଯିବ।"

ଭାରତୀୟ ଶିଶୁକଲ୍ୟାଣ ପରିଷଦର ଅନ୍ୟତମ ଶାଖାରୂପେ "ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ" ଗଠିତ ହେବା ଦିନଠାରୁ ରାଜ୍ୟର ସମଗ୍ର ଶିଶୁସମାଜର ମଙ୍ଗଳ ବିଧାନ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରି ଆସିଛନ୍ତି। ସମଗ୍ର ରାଜ୍ୟରେ ଶିଶୁମାନଙ୍କପାଇଁ ନର୍ସରୀ ସ୍କୁଲ, ବାଲଭବନ, ପୁସ୍ତକାଗାର ଓ ପାଠାଗାର, ଶିଶୁ ଉଦ୍ୟାନମାନ ନିର୍ମାଣ କରିବା ସଙ୍ଗେ ସଙ୍ଗେ ବିକଳାଙ୍ଗ ଶିଶୁମାନଙ୍କପାଇଁ ବିଭିନ୍ନ ଅନୁଷ୍ଠାନ ସ୍ଥାପନ କରିବା ହେଉଛି ଏହି ପରିଷଦର ଲକ୍ଷ୍ୟ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ ରାଜ୍ୟ ଶିଶୁକଲ୍ୟାଣ ପରିଷଦ ବିକଳାଙ୍ଗ ଶିଶୁମାନଙ୍କ ଅଧ୍ୟୟନ ନିମନ୍ତେ ପ୍ରଶଂସନୀୟ କାର୍ଯ୍ୟ କରୁଛି। ଏହି ପରିଷଦର ଉଦ୍ୟମରେ ଭୁବନେଶ୍ୱରଠାରେ ବିକଳାଙ୍ଗ ଶିଶୁମାନଙ୍କ ପାଇଁ ଦୁଇଟି ବିଦ୍ୟାଳୟ ସ୍ଥାପନ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ଅନ୍ଧ ଶିଶୁମାନଙ୍କପାଇଁ ଏବଂ ଅନ୍ୟଟି ମୂକ ଓ ବଧିର ଶିଶୁମାନଙ୍କପାଇଁ ଉଦ୍ଦିଷ୍ଟ। ଏ ଧରଣର ଅନୁଷ୍ଠାନ ବର୍ତ୍ତମାନ ସାରାରାଜ୍ୟରେ ସଂପୂର୍ଣ୍ଣ ନୂତନ।

ଅନ୍ଧ ବିଦ୍ୟାଳୟରେ "ବ୍ରାଏଲ ପ୍ରଣାଳୀ"ରେ ଅନ୍ଧ ଶିଶୁମାନଙ୍କୁ ଶିକ୍ଷାପ୍ରଦାନ କରାଯାଉଛି। ଏଠାରେ ସାଧାରଣତଃ ଓଡ଼ିଆ ମାଧ୍ୟମରେ ଶିକ୍ଷା ଦିଆଯାଏ। କିନ୍ତୁ ବର୍ତ୍ତମାନ ବ୍ରାଏଲ ପ୍ରଣାଳୀର ପୁସ୍ତକାଦି ଇଂରାଜୀ ଓ ହିନ୍ଦୀରେ ଲେଖା ହୋଇଥିବାରୁ ଏହି ବିଦ୍ୟାଳୟରେ ହିନ୍ଦୀ ଓ ଇଂରାଜୀ ମଧ୍ୟ ପଢ଼ାଯାଇଥାଏ। ଏଠାରେ ଅନ୍ଧଶିଶୁଙ୍କୁ ବିଭିନ୍ନ ଧନ୍ଦାରେ ତାଲିମ ଦେବାର ମଧ୍ୟ ବ୍ୟବସ୍ଥା ରହିଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ବେତକାମ ଓ ସଙ୍ଗୀତ (ଉଭୟ ଯନ୍ତ୍ର ଓ କଣ୍ଠସଙ୍ଗୀତ) ଶିକ୍ଷା ଦିଆଯାଉଛି।

'ମୂକ ଓ ବଧିର ବିଦ୍ୟାଳୟ'ରେ ଛାତ୍ରମାନଙ୍କୁ ବିଭିନ୍ନ ଧରଣର ଶିକ୍ଷା ଦିଆଯାଏ। କେତେକ ଛାତ୍ର ଇଂରାଜୀରେ କହିବା ଓ ଲେଖିବା ଅଭ୍ୟାସ କରିଥାନ୍ତି। ଏହାଛଡ଼ା ସିଲେଇକାମ, ବଢ଼େଇକାମ ଓ ଚମଡ଼ାକାମ ଭଳି ବିଭିନ୍ନ ଧନ୍ଦାରେ ମଧ୍ୟ ଏଠାରେ ପିଲାମାନଙ୍କୁ ତାଲିମ ଦିଆଯାଇଥାଏ। ଏହା ଫଳରେ ଏହି ଛାତ୍ରମାନେ ସ୍କୁଲ ପରିତ୍ୟାଗ କଲାପରେ ନିଜ ନିଜର ଜୀବିକା ଅର୍ଜନ କରିବା ସଙ୍ଗେ ସଙ୍ଗେ ଉତ୍ତମ ନାଗରିକ ହେବା ଦିଗରେ ଯୋଗ୍ୟତା ହାସଲ କରୁଛନ୍ତି।

ଏହି ଉଭୟ ସ୍କୁଲରେ ମାଗଣାରେ ଶିକ୍ଷା ଦିଆଯାଏ। ଏହାଛଡ଼ା ଯେଉଁ ଛାତ୍ରମାନଙ୍କ ପିତାମାତାଙ୍କ ମାସିକ ଆୟ ଟ ୧୫୦ରୁ କମ୍ ସେହି ଛାତ୍ରମାନଙ୍କୁ ଛାତ୍ରାବାସରେ ମାଗଣା ରହିବାର ଓ ଖାଇବାର ସୁବିଧା ଦିଆଯାଏ। ଯେଉଁ ଛାତ୍ରଙ୍କ ପିତାମାତାଙ୍କ ମାସିକ ଆୟ ଟ ୧୫୦ରୁ ବେଶି କିନ୍ତୁ ଟ ୨୫୦ରୁ କମ୍ ସେଭଳି ଛାତ୍ରଙ୍କୁ ଅର୍ଦ୍ଧେକ ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ। ଯାହାଙ୍କର ମାସିକ ଆୟ ଟ ୨୫୦ରୁ ଊର୍ଦ୍ଧ୍ୱ ସେଭଳି କ୍ଷେତ୍ରରେ ସମୁଦାୟ ଖର୍ଚ୍ଚ ଛାତ୍ରଙ୍କ ଅଭିଭାବକଙ୍କୁ ବହନ କରିବାକୁ ପଡ଼ିଥାଏ।

ବର୍ତ୍ତମାନ ଏହି ଅନ୍ଧ ବିଦ୍ୟାଳୟରେ ୩୩ ଜଣ ଓ ମୂକ ଓ ବଧିର ବିଦ୍ୟାଳୟରେ ୪୩ ଜଣ ଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଉଭୟ ବିଦ୍ୟାଳୟର ମୋଟ ଛାତ୍ର ସଂଖ୍ୟା ୭୦କୁ ବୃଦ୍ଧି କରିବା ଦିଗରେ

ସବୁପ୍ରକାର ଉଦ୍ୟମ କରାଯାଉଛି । ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଏ ଧରଣର ଅନୁଷ୍ଠାନ ସ୍ଥାପନ କରିବା ଦିଗରେ ମଧ୍ୟ ଉଦ୍ୟମ କରାଯାଉଛି । ଏହାଛଡ଼ା ଶାରୀରିକ ବିକଳାଙ୍ଗ ଶିଶୁମାନଙ୍କ ଥଇଥାନ ପାଇଁ ଗୋଟିଏ କେନ୍ଦ୍ର ସ୍ଥାପନ କରାଯିବାର ଏବଂ ସେହି କେନ୍ଦ୍ରରେ ଡାକ୍ତରୀ ଚିକିତ୍ସାର ସୁବିଧା ରଖାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶିକ୍ଷା ଓ ଧନ୍ଦାଗତ ତାଲିମ ଦେବାର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ରହିଛି ।

ଏ ସମସ୍ତ ପରିକଳ୍ପନା ପାଇଁ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରିବା ଦିଗରେ ରାଜ୍ୟ ଶିଶୁକଲ୍ୟାଣ ପରିଷଦ କ୍ରମଶଃ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ସମସ୍ତ ପରିକଳ୍ପନା ପାଇଁ ଅବଶ୍ୟ ଏପର୍ଯ୍ୟନ୍ତ ରାଜ୍ୟ ସରକାର ଅତ୍ୟନ୍ତ ଉଦାରତା ସହକାରେ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଆସୁଛନ୍ତି । କିନ୍ତୁ ଏ ଦିଗରେ ସମାଜ ତଥା ବ୍ୟକ୍ତିବିଶେଷ ପୂର୍ଣ୍ଣ ସହଯୋଗ କରିବାର ବେଳ ଆସିଛି । *


# KALINGA INDUSTRIES LIMITED

TULSIPUR, CUTTACK

*Manufacturers of :*

*ELECTROLUX REFRIGERATORS
*FLUORESCENT LIGHTING FITTINGS
*STEEL FURNITURE &
*TUBULAR ROOFING STRUCTURES

Works :
**JOBRA, CUTTACK**
CHOUDWAR, Dt. CUTTACK

Calcutta Office :
**33, CHITTARANJAN AVENUE**
CALCUTTA-12

# ଦେଶର ଗୋଟିଏ ନୂଆ ଲୁହାପଥର ଯୋଜନା

> କିରିବୁରୁ ଯୋଜନାର ବୈଶିଷ୍ଟ୍ୟ ହେଉଛି ଯେ ସରକାରୀ ଉଦ୍ୟୋଗରେ ସୁଦୂରପ୍ରସାରୀ ଯନ୍ତ୍ରପାତିଦ୍ୱାରା ପରିଚାଳିତ ଭାରତୀୟ ଖଣି ମଧ୍ୟରେ ଏହାହିଁ ପ୍ରାଥମିକ ଭାବରେ ଲୁହାପଥର ରପ୍ତାନି କରିବ ।
>
> ଜମ୍ବୁପ୍ରିୟଦ




ଲୁହାପଥର ଖୋଳିବାରେ ନିଯୁକ୍ତ ଶ୍ରମିକଦଳ

## କିରିବୁରୁ ଲୁହା ପଥର ଯୋଜନା

ଉପରାଷ୍ଟ୍ରପତି ଡକ୍ଟର ଜାକିର୍ ହୋସେନ୍ ୧୯୬୪ ମସିହା ନଭେମ୍ବର ୧୨ ତାରିଖ ଦିନ ଆନୁଷ୍ଠାନିକ ଭାବେ କିରିବୁରୁ ଲୁହାପଥର ଯୋଜନା ଉଦ୍‌ଘାଟନ କଲେ । ଏହି ଯୋଜନା ଅନୁଯାୟୀ କାରଖାନାଟି ସ୍ୱୟଂଚାଳିତ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ପରିଚାଳିତ । ଏହି ଉଦ୍ୟୋଗ ଦ୍ୱାରା ଦେଶରେ ରପ୍ତାନି ବାଣିଜ୍ୟ ଉଲ୍ଲେଖ-ଯୋଗ୍ୟଭାବେ ବୃଦ୍ଧି ପାଇପାରିବ ବୋଲି ଆଶା କରାଯାଏ ।

ବିହାର-ଓଡ଼ିଶା ସୀମାରେ ବଣେଇ ପର୍ବତମାଳା ଉପରେ କିରିବୁରୁ ଖଣି ଅଞ୍ଚଳ ଅବସ୍ଥିତ । ଏହି ଲୁହାପଥର ଯୋଜନାଟି ଭାରତ, ଜାପାନ ଓ ଆମେରିକା ଏହି ତିନି ଦେଶର ସହଯୋଗିତାରେ କାର୍ଯ୍ୟକାରୀ ହେଉଛି ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ଏସିଆ ଅର୍ଥ ଉନ୍ନୟନ ପାଣ୍ଠିରୁ ଏହି ଯୋଜନାପାଇଁ ରାଷ୍ଟ୍ରପତି ୮୪ କୋଟି ଟଙ୍କା ଋଣ ସାହାଯ୍ୟ ଦେଇଛନ୍ତି । ଏହା ବ୍ୟତୀତ ଖଣି ଯନ୍ତ୍ରପାତି ଖର୍ଚ୍ଚ କରିବାପାଇଁ ଆମଦାନୀ-ରପ୍ତାନୀ ବ୍ୟାଙ୍କରୁ ଭାରତକୁ ୧୮ କୋଟି ଟଙ୍କା ମିଳିଛି ।

ଜାପାନ ଏହି ଯୋଜନା ପାଇଁ ୩୮ କୋଟି ଟଙ୍କା ଋଣ ଦେଇଛି ।

କିରିବୁରୁ ଯୋଜନା ପ୍ରାୟ ତକୋଟି ବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ ଯୋଜନାର ଉଦ୍ଦେଶ୍ୟକୁ ପୂର୍ଣ୍ଣ କରୁଛି । ପ୍ରଥମତଃ ରାଉରକେଲାର ଦକ୍ଷିଣ ପୂର୍ବ ଦିଗରେ ଓଡ଼ିଶା-ବିହାର ସୀମାରେ ବଣେଇ ପର୍ବତମାଳା ଉପରେ ଏହି ନୂତନ ଲୁହାପଥର ଖଣି ଅବସ୍ଥିତ ।



ଉପରାଷ୍ଟ୍ରପତି କିରିବୁରୁ ଲୁହାପଥର ଯୋଜନା ଉଦ୍‌ଘାଟନ କରୁଛନ୍ତି

ଦ୍ୱିତୀୟତଃ କିରିବୁରୁ ଖଣି ଅଞ୍ଚଳରୁ ରପ୍ତାନି ଉଦ୍ଦେଶ୍ୟରେ ବିଶାଖାପାଟଣା ବନ୍ଦରକୁ ଲୁହାପଥର ବୋଝେଇ କରିବାପାଇଁ ଦୁଇଟି ରେଲପଥ ନିର୍ମିତ ହେବ । ୨୬ ମାଇଲ ଦୈର୍ଘ୍ୟ ବିଶିଷ୍ଟ ବିମଳଗଡ଼-କିରିବୁରୁ ଲାଇନ । ୧୧୩ ମାଇଲ ଦୈର୍ଘ୍ୟ ବିଶିଷ୍ଟ ସମ୍ବଲପୁର-ଟିଟିଲାଗଡ଼ ଲାଇନ । ଉଭୟ ରେଲପଥର ନିର୍ମାଣ କାର୍ଯ୍ୟ ସନ୍ତୋଷଜନକ ଭାବେ ଅଗ୍ରଗତି କରୁଛି ।

ପରିଶେଷରେ, ବିଶାଖାପାଟଣା ବନ୍ଦରରୁ ବେଶି ପରିମାଣରେ ଲୁହାପଥର ରପ୍ତାନି କରିବା ଉଦ୍ଦେଶ୍ୟରେ ଏହି ବନ୍ଦରର ସଂପ୍ରସାରଣ କରାଯିବ । ଭାରତ ସରକାରଙ୍କ ଜାତୀୟ ଖଣି ଉନ୍ନୟନ କର୍ପୋରେସନ ଏହି ଲୁହାପଥର ଯୋଜନାର ବିକାଶ ଦାୟିତ୍ୱ ନେଇଛନ୍ତି ।

ବୈଦେଶିକ ବିନିମୟ ମୁଦ୍ରାର ଆବଶ୍ୟକତା ପୂରଣ କରିବା ନିମନ୍ତେ ଅଧିକ ପରିମାଣରେ ଲୁହାପଥର ରପ୍ତାନି କରିବାପାଇଁ ସରକାର ଯେଉଁ ସିଦ୍ଧାନ୍ତ ଗ୍ରହଣ କଲେ ତାହା ଫଳରେ ଓଡ଼ିଶା ଏବଂ ବିହାର ରାଜ୍ୟର ସୀମାରେ ଥିବା ବଣାଇ ପର୍ବତମାଳାରେ ଗଚ୍ଛିତ ଲୁହାପଥର ଉତ୍ତୋଳନ ପାଇଁ ଯୋଜନା ହେଲା । ଏହି ଯୋଜନା କିରିବୁରୁ ଲୁହାପଥର ଯୋଜନା ନାମରେ ପରିଚିତ ।

ଏଥିପାଇଁ ୧୯୫୮ ମସିହା ମାର୍ଚ୍ଚ ମାସରେ ଜାପାନରୁ ଆସିଥିବା ଗୋଟିଏ ଇସ୍ପାତ ପ୍ରତିନିଧିଦଳ ସହିତ ଭାରତ ସରକାର ଚୁକ୍ତି ସ୍ୱାକ୍ଷର କଲେ । ଏହି ଚୁକ୍ତି ଅନୁଯାୟୀ ୧୯୬୪ ମସିହାଠାରୁ ପ୍ରତିବର୍ଷ ଭାରତ ଜାପାନର ଇସ୍ପାତ କାରଖାନା ପାଇଁ ୨୦ ଲକ୍ଷ

ଟନ୍ ଲୁହାପଥର ରପ୍ତାନି କରିବାର କଥା । ଏହା ଏକ ବହୁମୁଖୀ ଯୋଜନା । ଏଥିରେ ଥିବା ଯୋଜନା ଅନୁଯାୟୀ କିରିବୁରୁ ଖଣିଅଞ୍ଚଳ ଏବଂ ବିଶାଖାପାଟଣା ବନ୍ଦର ମଧ୍ୟରେ ରେଳଲାଇନ ବସିବ । ବିଶାଖା-ପାଟଣା ବନ୍ଦରର ଉନ୍ନତି ସାଧନ କରାଯିବ ।

## ଆର୍ଥିକ ସାହାଯ୍ୟ

ଏହି ବହୁମୁଖୀ ଯୋଜନା ୧୧ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟରେ ସମାପ୍ତ ହୋଇଛି । ଏଥିପାଇଁ ଜାପାନରୁ ଯନ୍ତ୍ରପାତି ଆଦି ଖରିଦ କରିବାପାଇଁ ସାହାଯ୍ୟ ମିଳିଛି । ରେଳବାଇ ଲାଇନ୍ ଏବଂ ବିଶାଖାପାଟଣା ବନ୍ଦରର ସମ୍ପ୍ରସାରଣ ପାଇଁ ତଥା ଏସିଆ ମହାଦେଶର ଅର୍ଥନୈତିକ ବିକାଶପାଇଁ ନିର୍ଦ୍ଦିଷ୍ଟ ଆମେରିକାର ରାଷ୍ଟ୍ରପତିଙ୍କ ପାଣ୍ଠିରୁ ମଧ୍ୟ ସାହାଯ୍ୟ ମିଳିଛି ।

କିରିବୁରୁ ଖଣିର ଉନ୍ନତି ସାଧନ ଭାର ଜାତୀୟ ଖଣି ଉନ୍ନୟନ କର୍ପୋରେସନ ଉପରେ ଦିଆଯାଇଛି । ଦେଶର ଖଣିଜ ସମ୍ପଦର ଉପଯୋଗ ପାଇଁ ସରକାରୀ ଉଦ୍ୟୋଗରେ ଏହି କର୍ପୋରେସନ ଗଠନ କରାଯାଇଛି । ସରକାର ଏହି କର୍ପୋରେସନର ପୂର୍ଣ୍ଣ ମାଲିକ ।

କିରିବୁରୁ ଯୋଜନା ଅଞ୍ଚଳ ଏକ ସଂରକ୍ଷିତ ଅରଣ୍ୟ ଅଞ୍ଚଳ ମଧ୍ୟରେ ଅବସ୍ଥିତ । ଏହି ଅଞ୍ଚଳରେ ମନୁଷ୍ୟ ବସତି ନଥିଲା । ସେଠାର ଜଳବାୟୁ ଅସ୍ୱାସ୍ଥ୍ୟକର । ଗମନାଗମନର ସୁବିଧା ମଧ୍ୟ ଏଠାରେ ନଥିଲା । ତେଣୁ ପ୍ରଥମେ ନିକଟରେ ଥିବା ବଡବିଲ ଖଣିଅଞ୍ଚଳ ସହିତ ଯୋଗାଯୋଗ ରକ୍ଷାପାଇଁ ଏକ ସଡ଼କ ନିର୍ମାଣ କରିବାକୁ ହେଲା । ପ୍ରାଥମିକ କାର୍ଯ୍ୟ କରିବାପାଇଁ ଗୋଟିଏ ଦଳ ଏଠାରେ ଶିବିର ପକାଇ ରହିଲେ । କର୍ମଚାରୀମାନଙ୍କ ପାଇଁ ରହିବା ଘର, ଚିକିତ୍ସା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ବ୍ୟବସ୍ଥାମାନ କରାଗଲା ।

ପ୍ରଥମେ ୧୯୫୯ ମସିହା ଏପ୍ରିଲ ମାସରେ କାରୋ ନଦୀ କୂଳରେ ଅସ୍ଥାୟୀ ଭାବରେ କର୍ମଚାରୀମାନେ ବାସକଲେ । ପରେ ସେହିବର୍ଷ କିରିବୁରୁ ପର୍ବତର ପାଦଦେଶରେ ଏକ ବସତି ଗଢି ଉଠିଲା । ଏହି ବସତି ସହିତ ବଡବିଲ ସହରର ଯୋଗାଯୋଗ ରକ୍ଷା ନିମନ୍ତେ ସଡ଼କ ନିର୍ମିତ ହେଲା । ୧୯୬୧ ମସିହାର ପ୍ରାରମ୍ଭରେ ଯେପରି ଖଣି ଅଞ୍ଚଳରେ କାର୍ଯ୍ୟ ଆରମ୍ଭ ହୋଇପାରେ ସେଥିପାଇଁ ସବୁପ୍ରକାର ଉଦ୍ୟମ ହେଲା ।

ଏହି ଅଞ୍ଚଳରେ ଏକ ପ୍ରାକୃତିକ ଅସୁବିଧା ବିଶେଷ ଉଲ୍ଲେଖଯୋଗ୍ୟ । ଅତ୍ୟଧିକ ବର୍ଷାଫଳରେ ବର୍ଷର ଚାରି ପାଞ୍ଚଟି ମାସରେ କାର୍ଯ୍ୟ ହୋଇପାରେ ନାହିଁ । ଖଣି ଅଞ୍ଚଳରେ ମୁଖ୍ୟ ଘର ତିଆରି କାର୍ଯ୍ୟ ୧୯୬୧ ମସିହା ଅକ୍ଟୋବର ମାସରେ ଆରମ୍ଭ ହେଲା ଏବଂ ୧୯୬୨ ମସିହା ଶେଷସୁଦ୍ଧା ସମାପ୍ତ ହେଲା । ସେହି ୧୯୬୨ ମସିହା ଅଗଷ୍ଟ-ସେପ୍ଟେମ୍ବର ମାସରେ ଖଣି ଯନ୍ତ୍ରପାତି ପ୍ରଥମ ଥର ପାଇଁ ଆସି ଏଠାରେ ପହଞ୍ଚିଲା । ୧୯୬୩ ମସିହା ଅଗଷ୍ଟ ମାସରେ ଖଣି ଯନ୍ତ୍ରପାତିଗୁଡ଼ିକ ପରୀକ୍ଷାମୂଳକଭାବେ କାର୍ଯ୍ୟକାରୀ କରାଗଲା । ସେହିବର୍ଷ ଡିସେମ୍ବର ମାସରେ ଯନ୍ତ୍ରପାତି-ଗୁଡ଼ିକ କାର୍ଯ୍ୟକାରୀ ହେବାପାଇଁ ସବୁ ଦୃଷ୍ଟିରୁ ଉପଯୁକ୍ତ ବିବେଚିତ ହେଲା ।

ଏଠାରେ ଲୁହାପଥର କାରବାର କରୁଥିବା କାରଖାନାଟି ପୁରାପୁରି ଯନ୍ତ୍ରଚାଳିତ । ଏହାର କାର୍ଯ୍ୟ ଗୋଟିଏ କେନ୍ଦ୍ରରେ ନିୟନ୍ତ୍ରିତ ହୁଏ । ପ୍ରତ୍ୟେକ ଯନ୍ତ୍ରପାତିର କାର୍ଯ୍ୟ ସମ୍ପର୍କରେ ନିୟନ୍ତ୍ରଣ କେନ୍ଦ୍ରରେ ସୂଚନା ମିଳେ । ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କର ନିରାପତ୍ତା ଦୃଷ୍ଟିରୁ ଏହି ଯନ୍ତ୍ରଚାଳିତ କାରଖାନାଟିକୁ ଜରୁରୀ ପରିସ୍ଥିତିରେ ବନ୍ଦ କରିବା-ପାଇଁ ୧୦୦ଟି ସୁଇଚ୍ ରହିଛି ।

ଖଣି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଯନ୍ତ୍ରପାତି ଗୁଡ଼ିକର ମରାମତି ଇତ୍ୟାଦି କାର୍ଯ୍ୟପାଇଁ ଏକ କେନ୍ଦ୍ର ଖୋଲାଯାଇଛି । ଖଣିଅଞ୍ଚଳ ଏବଂ ଏଠାରେ ଥିବା ବସତି ପାଇଁ ୧୬୦ଟି ଟେଲିଫୋନ ଥିବା ଏକ

ସ୍ୱୟଂକ୍ରିୟ ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟକାରୀ ହେଉଛି । ଦିଲ୍ଲୀ ଓ କଲିକତା ସହିତ ବେତାର ସଂଯୋଗ ସ୍ଥାପିତ ହୋଇଛି ।

ଜଳ ଯୋଗାଣ ପାଇଁ ଖଣି ଅଞ୍ଚଳର ପୂର୍ବଦିଗରେ ଥିବା କାରୋ ନଦୀ ଏବଂ ପଶ୍ଚିମ ଦିଗରେ ଥିବା ଭାଗୀରଥୀ ନାଳାରୁ ଜଳ ଆଣିବାର ବ୍ୟବସ୍ଥା କରାଯାଇଛି । ବିହାର ଏବଂ ଓଡ଼ିଶା ରାଜ୍ୟ ଦୁଇଟିର ବିଦ୍ୟୁତବୋର୍ଡ ଜରିଆରେ ଖଣି ଅଞ୍ଚଳପାଇଁ ବିଦ୍ୟୁତ ଶକ୍ତିର ବ୍ୟବସ୍ଥା ହୋଇଛି ।

## ଆଧୁନିକ ଧରଣର ବସତି

ଖଣି ଅଞ୍ଚଳଠାରୁ ପ୍ରାୟ ସାତ କିଲୋମିଟର ଦୂରରେ କର୍ମଚାରୀ ଓ ଶ୍ରମିକମାନଙ୍କ ପାଇଁ ଏକ ଅତି ଆଧୁନିକ ଧରଣର ବସତି ଗଢ଼ି ଉଠିଛି । ଏଠାରେ ୨୦୦ ଏକର ଜମି ବସତି ପାଇଁ ଉଦ୍ଦିଷ୍ଟ । ବର୍ତ୍ତମାନ ଏଥିରୁ କେବଳ ଅଧେ ଜମିରେ ଘର ତିଆରି ହୋଇଛି । ଖଣି ଅଞ୍ଚଳର ଧୂଳି ଯେପରି କର୍ମଚାରୀମାନଙ୍କ ବସତିକୁ ନ ଆସେ ସେଥିପ୍ରତି ଦୃଷ୍ଟିଦେଇ ଏହିସ୍ଥାନ ମନୋନୀତ ହୋଇଛି ।

ଏଠାରେ ଚିକିତ୍ସାଳୟ, ସ୍କୁଲ, ଅବସର ବିନୋଦନ କେନ୍ଦ୍ର, ଦୋକାନ ବଜାର ଓ ଡାକଘର ପ୍ରଭୃତି ମଧ୍ୟ ଖୋଲାଯାଇଛି । କିରିବୁରୁ ଅଞ୍ଚଳର ଅବସ୍ଥିତି ଓ ଜଳବାୟୁ ଦୃଷ୍ଟିରୁ ଶ୍ରମିକ ଓ କର୍ମଚାରୀମାନଙ୍କର ଯେପରି କୌଣସି ପ୍ରକାର ଅସୁବିଧା ନହୁଏ ସେଥିପାଇଁ ସମସ୍ତ ପ୍ରକାର ଜନକଲ୍ୟାଣ ବ୍ୟବସ୍ଥା କରାଯାଇଛି ।

ଯୋଜନାର ସମସ୍ତ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ ହୋଇଗଲେ ପ୍ରାୟ ଏକ ହଜାର ଶ୍ରମିକ ଓ ବିଭିନ୍ନ ଶ୍ରେଣୀର କର୍ମଚାରୀ ଏଠାରେ ନିଯୁକ୍ତ ହେବେ ।

## ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ବାର୍ତ୍ତା—

ଉପରାଷ୍ଟ୍ରପତି ଡକ୍ଟର ଜାକିର୍ ହୁସେନ୍—
"ଭାରତ ବହୁଳ ଖଣିଜ ସମ୍ପଦରେ ଭରପୂର । ଜନମଙ୍ଗଳ ରାଷ୍ଟ୍ର ପ୍ରତିଷ୍ଠା ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ଆମର ଏହି ଉଦ୍ୟମ ସେହି ଲକ୍ଷ୍ୟର ଅଂଶବିଶେଷ । ଆମ ଦେଶ ଉପରେ ଏକ ବିରାଟ ପରିବର୍ତ୍ତନର ସୂତ୍ରପାତ ହୋଇଛି । ଏହିପରିବର୍ତ୍ତନ ହେଉଛି ପାରମ୍ପରିକ ଦୃଷ୍ଟିଭଙ୍ଗୀପରିବର୍ତ୍ତେ ଯୁକ୍ତିସିଦ୍ଧ ତଥା ବିଜ୍ଞାନସମ୍ମତ ଚିନ୍ତାଧାରାର ପ୍ରବର୍ତ୍ତନ, ପଳାୟନବାଦ ପରିବର୍ତ୍ତେ ଆଶାବାଦ, ଭାଗ୍ୟବାଦ ପରିବର୍ତ୍ତେ ଯୋଜନାବଦ୍ଧ ଉଦ୍ୟମ । ଆମର ସ୍ୱାଧୀନ ଚିନ୍ତାଧାରା ଏବଂ ସୁଚିନ୍ତିତ କର୍ମ୍ମହିଁ ଆଜି ଏ ପରିବର୍ତ୍ତନ ଆଣିଛି ।"

ଭାରତର ରାଷ୍ଟ୍ରପତି ଡକ୍ଟର ଏସ୍ ରାଧାକୃଷ୍ଣନ୍‌ଙ୍କ ବାର୍ତ୍ତା—"ଜାତୀୟ ଖଣି ଉନ୍ନୟନ କର୍ପୋରେସନ୍ ତଥା ଯେଉଁମାନଙ୍କ ପ୍ରଗାଢ଼ ପରିଶ୍ରମ ଫଳରେ କିରିବୁରୁ ଯୋଜନା ପୂର୍ଣ୍ଣାଙ୍ଗହୋଇଛି, ମୁଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି । ଏକ ନିଭୃତ ଅଞ୍ଚଳରେ ଏପରି ଏକ ବିରାଟ ଯୋଜନାକୁ ସଫଳତା ସହକାରେ କାର୍ଯ୍ୟକାରୀ କରିପାରିଥିବାରୁ ସେମାନେ ପ୍ରକୃତରେ ଗର୍ବ ଅନୁଭବ କରିବା କଥା । ଜାପାନ ସରକାର ଏବଂ ଉକ୍ତ ଦେଶର ବିଭିନ୍ନ ଇସ୍ପାତସଂସ୍ଥା ଆଦିର ଉଦାରତା ତଥା ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ, ବିଭିନ୍ନ ଯନ୍ତ୍ରପାତି ଖରିଦ ଓ ପ୍ରତିପର୍ଯ୍ୟାୟରେ ବୈଷୟିକ ସାହାଯ୍ୟ ଓ ପରାମର୍ଶ ପ୍ରଦାନ ଫଳରେ ଏହି ଯୋଜନା ସମ୍ଭବ ହୋଇପାରିଛି । ଜାପାନକୁ ଲୁହାପଥର ରପ୍ତାନି କରିବା ଦିଗରେ ଯେଉଁ ସର୍ତ୍ତମାନ ଆଦି ଚୁକ୍ତି ହୋଇଛି, ତାହା ଫଳରେ ଏହି ଦୁଇ ରାଷ୍ଟ୍ରର ସମ୍ପର୍କ ଆହୁରି ଦୃଢ଼ୀଭୂତ ହେବ ଏବଂ ଏହା ଚିନ୍ତାକରି ମୁଁ ଅତ୍ୟନ୍ତ ଆନନ୍ଦିତ ।

କିରିବୁରୁ ଲୁହାପଥର ଖଣି ତଥା ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି, ସମସ୍ତଙ୍କପାଇଁ ମୁଁ ସମୃଦ୍ଧିଶାଳୀ ଭବିଷ୍ୟତର କାମନା କରୁଛି ।"

# ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ

## ଫେବୃଆରୀ-ମାର୍ଚ୍ଚ ୧୯୬୫

ସମୟ—ମଙ୍ଗଳବାର—ସନ୍ଧ୍ୟା ଘ ୭-୩୦ ମିନିଟ୍‌ରୁ ଘ ୮-୧୫ ମିନିଟ୍
ଶୁକ୍ରବାର—ସନ୍ଧ୍ୟା ଘ୭-୩୦ ମିନିଟ୍‌ରୁ ଘ ୮ ଟା

(କଟକ-ସମ୍ବଲପୁର) ଆଲୋଚକ ଶ୍ରୀ ଡବ୍ଲିଉ ଭେଙ୍କଟପପିୟା—ଡେପୁଟି ରେଜିଷ୍ଟ୍ରାର, ସମବାୟ ସମିତି, ସମ୍ବଲପୁର ।

୨-୨-୬୫ ...ଅଙ୍ଗକ ବିସ୍ତାର ପ୍ରଣାଳୀରେ ଧାନଚାଷ
ଆଲୋଚକ ଶ୍ରୀ ମନ୍ମଥନାଥ ମହାନ୍ତି—ଜିଲ୍ଲା କୃଷି ଅଫିସର, କଟକ ।

୫-୨-୬୫ ...ମାଛ ଜାଆଁଳ ପାଳନ
ଆଲୋଚକ ଶ୍ରୀ ଏସ୍. କେ. ମିଶ୍ର—ସହକାରୀ ଡିରେକ୍ଟର, ମତ୍ସ୍ୟ ବିଭାଗ, କଟକ ।

୯-୨-୬୫ ...ବିହନ ଅମଳ ଓ ସଂଗ୍ରହ
ଆଲୋଚକ ଡକ୍ଟର ଏନ୍. ଆର୍. ପାଣିଗ୍ରାହୀ—ଡେପୁଟି ଡିରେକ୍ଟର, କୃଷିବିଭାଗ, ଭୁବନେଶ୍ୱର ।

୧୨-୨-୬୫ ...ଫସଲ କାଟିବା—ଏହାର ଆବଶ୍ୟକତା ଓ ଉପକାର ।
(କଟକ-ସମ୍ବଲପୁର) ଆଲୋଚକ ଶ୍ରୀ ବୈରାଗୀ ଚନ୍ଦ୍ର ପ୍ରଧାନ—ସଘନ କୃଷି ଯୋଜନା ସମ୍ପର୍କୀୟ ସ୍ପେଶାଲ ଅଫିସର, ସମ୍ବଲପୁର ।

୧୬-୨-୬୫ ...ମ୍ୟାଲେରିଆ ନିରାକରଣ ଦିଗରେ ଜନସାଧାରଣଙ୍କ ସହଯୋଗ
ଆଲୋଚକ ଡକ୍ଟର ପି. କେ. ଦାସ—ସହକାରୀ ଡିରେକ୍ଟର, ସାଧାରଣ ସ୍ୱାସ୍ଥ୍ୟ ବିଭାଗ (ମ୍ୟାଲେରିଆ), କଟକ ।

୧୯-୨-୬୫ ...ଯାହା ରଖିବା ଅଦରକାରୀ ଜିନିଷଗୁଡ଼ିକ କ୍ଷେତକୁ ସାହାଯ୍ୟ କରେ
ଆଲୋଚକ ଶ୍ରୀ ବାସୁଦେବ ରଥ—ରାଜ୍ୟ ବାଇଓକେମିଷ୍ଟ, ଭୁବନେଶ୍ୱର

୨୩-୨-୬୫ ନିଜର ମାଟିକୁ ରକ୍ଷାକର
ଆଲୋଚକ ଡକ୍ଟର ଶ୍ୟାମାନନ୍ଦ ପଟ୍ଟନାୟକ—ଯୁଗ୍ମ ଡିରେକ୍ଟର, ମୃତ୍ତିକା ସଂରକ୍ଷଣ ବିଭାଗ, କଟକ ।

୨୭-୨-୭୫ ···ଖୋଟଚାଷ

(କଟକ-ସମ୍ବଲପୁର) ଆଲୋଚକ **ଶ୍ରୀ ଆନନ୍ଦଚନ୍ଦ୍ର ପରିଡ଼ା**—ଜିଲ୍ଲା କୃଷି ଅଫିସର, ସମ୍ବଲପୁର ।

୨-୩-୭୫ ···**ସଫଳତା ହାସଲ କରିଥିବା କେତୋଟି ସମବାୟ କୋଠଚାଷ ସମିତି ସଂପର୍କରେ ଆଲୋଚନା ।**
ଆଲୋଚକ **ଶ୍ରୀ କ୍ଷେତ୍ରବାସୀ ମହାନ୍ତି**—ସ୍ପେଶାଲ ଅଫିସର (କୃଷି), ସମବାୟ ବିଭାଗ, ଭୁବନେଶ୍ୱର ।

୬-୩-୭୫ ···**କମ୍ପୋଷ୍ଟ ଖତ ଓ ତାର ବ୍ୟବହାର**
ଆଲୋଚକ **ଶ୍ରୀ ବି. ନାୟକ**—ସହକାରୀ ବାଇଓକେମିଷ୍ଟ, କଟକ ।

୯-୩-୭୫ ···**ଗୋଖାଦ୍ୟ ନିମନ୍ତେ ଘାସ (ସାଇଲେଜ୍) ସଂରକ୍ଷଣ**
ଆଲୋଚକ **ଶ୍ରୀ ଏ. କେ. ବନିକ୍**—ପଶୁ ପୁଷ୍ଟିକରଣ ସଂପର୍କୀୟ ଅଫିସର, କଟକ

୧୨-୩-୭୫ ···**ଜଳ କମି ରହୁଥିବା ଅଞ୍ଚଳରେ କଦଳୀ ଚାଷ**

(କଟକ-ସମ୍ବଲପୁର) ଆଲୋଚକ **ଶ୍ରୀ ଗୌରୀଶଙ୍କର ଦାସ**—ଫାର୍ମ ସୁପରିନ୍‌ଟେଣ୍ଡେଣ୍ଟ, ସମ୍ବଲପୁର ।

୧୬-୩-୭୫ ··**ଅଧିକ ଖରିଦନଆ ପନିପରିବା ଉତ୍ପାଦନ କରନ୍ତୁ**
ଆଲୋଚକ **ଶ୍ରୀ ଦୋଳଗୋବିନ୍ଦ ଦାସ**—କ୍ୟାମ୍ପେନ ଅଫସର, କୃଷିବିଭାଗ, ଭୁବନେଶ୍ୱର ।

୧୯-୩-୭୫ ···**କୃଷି ଉତ୍ପାଦନ ଯୋଜନା**

ଆଲୋଚକ **ଶ୍ରୀ ବୃନ୍ଦାବନ ମିଶ୍ର**—ପ୍ରୋଜେକ୍ଟ ଲିଡର ଓ ଡେପୁଟି ଡିରେକ୍ଟର (କୃଷି), ସମ୍ବଲପୁର ।

୨୩-୩-୭୫ ···**ଅଧିକ ଉତ୍ପାଦନପାଇଁ ଆପଣଙ୍କ ଜମିରେ ସବୁଜସାର ଦିଅନ୍ତୁ**
ଆଲୋଚକ **ଶ୍ରୀ କମଳଲୋଚନ ମହାନ୍ତି**—କୃଷି ତଥ୍ୟ ଅଫସର, ଭୁବନେଶ୍ୱର ।

୨୭-୩-୭୫ ···**କୃଷି ଉତ୍ପାଦନପାଇଁ ମୃତ୍ତିକା ପରୀକ୍ଷାର ଆବଶ୍ୟକତା**

(କଟକ-ସମ୍ବଲପୁର) ଆଲୋଚକ **ଶ୍ରୀ ଅରକ୍ଷିତ ବିଶି**—ମୃତ୍ତିକା ବିଶେଷଜ୍ଞ, ସମ୍ବଲପୁର ।

୩୦-୩-୭୫ ···**ସମବାୟ ବାଣିଜ୍ୟ ସହିତ ସମବାୟ ଋଣର ଯୋଗାଯୋଗ ରହିବାର କାରଣ ।**

ଆଲୋଚକ **ଶ୍ରୀ ଯଜ୍ଞେଶ୍ୱର ଦାସ**—ଡେପୁଟି ରେଜିଷ୍ଟ୍ରାର (ମାର୍କେଟିଂ), ସମବାୟ ବିଭାଗ, ଭୁବନେଶ୍ୱର ।

ଓଡ଼ିଶା ପୋଲିସ ସମାଚାର—ନଭେମ୍ବର, ୧୯୬୪
ଉତ୍କଳ ପ୍ରସଙ୍ଗ, ୧୯୬୪ ଡିସେମ୍ବରର
କ୍ରୋଡ଼ପତ୍ର

## ଓଡ଼ିଶାର ସମସ୍ତ ପୋଲିସ ଅଫିସରଙ୍କ ପ୍ରତି ପୋଲିସ ଇନସ୍‌ପେକ୍‌ଟର-ଜେନେରାଲଙ୍କ

# ବାର୍ତ୍ତା

ଯେଉଁଥିପାଇଁ ଶାସ୍ତ୍ର-ପର୍ଯ୍ୟବେକ୍ଷଣ ( ସର୍ଭିଲାନ୍ସ ) ଉଦ୍ଦିଷ୍ଟ, ତାହାକୁ ସେହି ବିଷୟ ବା ଲକ୍ଷ୍ୟରେ ସୀମାବଦ୍ଧ ରଖିବା ସକାଶେ ପୁନର୍ବାର ସତର୍କ କରିଦେବା ଆବଶ୍ୟକ ପଡ଼ୁଛି । ଅପରାଧର ନିରୋଧ ସକାଶେ ଏହା ଉଦ୍ଦିଷ୍ଟ ଏବଂ ଅପରାଧୀର ପୁନଃ-ସଂସ୍କାର ସର୍ବଦା ଏହାର ଲକ୍ଷ୍ୟ ହେବା ଉଚିତ । ଅଧିକାଂଶ କ୍ଷେତ୍ରରେ 'ସର୍ଭିଲାନ୍ସ' ସୃଷ୍ଟି କରିବାର ମୂଳ ପ୍ରେରଣା ପ୍ରଧାନତଃ ଥାନା ଅଫିସରଙ୍କଠାରୁ ଆରମ୍ଭ ହୋଇଥାଏ । ସାଧାରଣତଃ ଧରିନିଆଯାଏ ଯେ, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉପରେ ଶାସନ-ପର୍ଯ୍ୟବେକ୍ଷଣ (ସର୍ଭିଲାନ୍ସ) ଆରମ୍ଭ କରିଦେବାର ବାଞ୍ଛନୀୟତା ଥାନା ଅଫିସରଙ୍କ ଅନୁସନ୍ଧାନ ଫଳରେ ଦେଖାଯାଇଛି କି ନାହିଁ ତାହା ସେ ପ୍ରତ୍ୟେକ ଅନୁସନ୍ଧାନ ଶେଷରେ ଯଥାର୍ଥରୂପରେ ଜଣାଇ-ଦିଅନ୍ତି । ତେଣୁ ଥାନା ଅଫିସରମାନେ ଅଦରକାରୀମାନଙ୍କୁ ବାଦ ଦେଇ କେବଳ ଯେଉଁମାନଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯିବା ଦରକାର ତାଙ୍କରି ଉପରେ ମନୋନିବେଶ କରିବା ଉଚିତ । ଯେଉଁମାନେ ଅପରାଧୀ ଶ୍ରେଣୀଭୁକ୍ତ ନୁହନ୍ତି, ଅଥଚ ଦୁର୍ଭିକ୍ଷ ଅନାଟନ ପ୍ରଭୃତି ସମୟରେ ଅଭାବଗ୍ରସ୍ତ ହୋଇ ଅପରାଧ କରିପକାଇଛନ୍ତି, ସେମାନେ ଅଦରକାରୀ ତାଲିକାର ଅନ୍ତର୍ଭୁକ୍ତ । ପୋଲିସ ଅଫିସରମାନେ ନିଜେ ଯେତିକି ଟାଣିପାରିବେ ତାହା ଅପେକ୍ଷା ଅଧିକ ଦୂର ଜାଲ ପକାଇବାକୁ ଗଲେ ନିଜେ ବିଲପଟାରେ ପଡ଼ିପାରନ୍ତି; ପୁଣି ଏଭଳି କେତେକ ଶ୍ରେଣୀର ଲୋକ ଅଛନ୍ତି ଯେଉଁମାନଙ୍କ କାର୍ଯ୍ୟରେ ବାଧା ଦେବା ଅନାବଶ୍ୟକ, ଏବଂ ବରଂ ଏଭଳି ବାଧାଦାନ ଫଳରେ ସେହି ବ୍ୟକ୍ତିମାନେ ପୁଣି ବାଧ୍ୟ ହୋଇ ଅପରାଧରେ ଲିପ୍ତ ହୋଇପାରନ୍ତି । ତେଣୁ ଏଭଳି କାର୍ଯ୍ୟରେ ବିପଦ ରହିଥିବାରୁ ପୋଲିସ ଅଫିସରମାନଙ୍କୁ ସେଥିପ୍ରତି ସତର୍କ କରି ଦିଆଯାଉଛି ।

ଅନ୍ୟ ବିଷୟଟି ହେଉଛି—କେତେ ସମୟ ସକାଶେ ପର୍ଯ୍ୟବେକ୍ଷଣ କାର୍ଯ୍ୟକାରୀ କରାଯିବ । ଏହାର ଏକ ମାତ୍ର ଉତ୍ତର ହେଉଛି "ଯେତେ କାଳପାଇଁ ଦରକାର ହେବ ଏବଂ ତାହା ଅପେକ୍ଷା ଅଧିକ ସମୟପାଇଁ ନୁହେଁ ।" ପର୍ଯ୍ୟବେକ୍ଷଣରେ ରଖାଯାଇଥିବା ବ୍ୟକ୍ତି ସାଧୁ ଉପାୟରେ ଜୀବିକା ଅର୍ଜନ କରୁଛି କି ନାହିଁ, ଏବଂ ତାହାର ପୂର୍ବତନ ବନ୍ଧୁମାନଙ୍କ କବଳରୁ ମୁକ୍ତ ହୋଇଛି କି ନାହିଁ, ଏ ସମ୍ପର୍କରେ ସଠିକ ଖବର ରଖାଯିବା ଆବଶ୍ୟକ । ଶାସନ ଦୃଷ୍ଟି ଅଧିକ କାଳ ରଖାଯିବ କି ନାହିଁ ଏବଂ କେଉଁ ଘଟଣାରେ ପର୍ଯ୍ୟବେକ୍ଷଣରେ ଥିବା ଲୋକଙ୍କୁ ପର୍ଯ୍ୟବେକ୍ଷଣରୁ ମୁକ୍ତ ଦିଆଯିବ ତାହା ସ୍ଥିର କରିବା ସକାଶେ ଏହି

ଖବର ତାଙ୍କୁ ସାହାଯ୍ୟ କରିବ । ଅନ୍ୟଥା ଖରାପ କାର୍ଯ୍ୟ ଦ୍ୱାରା ଜୀବିକା ଅର୍ଜନ କରୁଥିବା ଅଭିଯୋଗରେ ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯିବ । ସୁତରାଂ ପର୍ଯ୍ୟବେକ୍ଷଣ ତାଲିକାରୁ ନାମ ବାଦ୍ ଦେବା ଅଥବା ମକଦ୍ଦମା ରୁଜୁ କରିବା—ମୋଟରେ ଏହି ଦୁଇଟି ବିକଳ୍ପ ଉପାୟ ଏଥିପାଇଁ ରହିଛି । ପର୍ଯ୍ୟବେକ୍ଷଣ ପ୍ରଥାକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରିବା ସକାଶେ ମୁଖ୍ୟ ବିଷୟ ହେଉଛି —

(କ) ଅଯଥା ସମୟ ନଷ୍ଟ ନ କରି ପ୍ରକୃତ ଅପରାଧୀକୁ ପର୍ଯ୍ୟବେକ୍ଷଣରେ ରଖିବା ।

(ଖ) ପର୍ଯ୍ୟବେକ୍ଷଣରେ ରଖାଯାଉଥିବା ଲୋକଙ୍କର ସଂଖ୍ୟା ଯଥାସମ୍ଭବ କମ୍ ରଖିବା ।

(ଗ) ପର୍ଯ୍ୟବେକ୍ଷଣ ସମ୍ପର୍କୀୟ କାଗଜ କାମ ନ୍ୟୂନତମ କରିବା ।

ଘ) ପର୍ଯ୍ୟବେକ୍ଷଣରେ ଥିବା ବ୍ୟକ୍ତି ଯେଉଁ ସ୍ଥାନକୁ ଯାଉନା କାହିଁକି ତାକୁ ଦେଖାଶୁଣା କରିବାର ଦାୟିତ୍ୱ ଥାନା ଅଫିସରଙ୍କର ।

(ଙ) ଦୋଷୀ ସାବ୍ୟସ୍ତ ହୋଇ ନଥିବା ଅପରାଧୀ ବା ବୁଦ୍ଧିମାନ ଅପରାଧୀ ଉପରେ ଅପରିହାର୍ଯ୍ୟ ପର୍ଯ୍ୟବେକ୍ଷଣର ଦାୟିତ୍ୱ ଅଧିକ ଦାୟିତ୍ୱ ବା ସମ୍ପନ୍ନ ପୋଲିସ ଅଫିସର, ଯଥା—ସବ-ଇନସ୍‌ପେକ୍ଟର ବା ଇନସ୍‌ପେକ୍ଟର ନେବା ନିମନ୍ତେ ଆବଶ୍ୟକୀୟ ନିୟମିତ ବ୍ୟବସ୍ଥା ହେବା ଦରକାର ।

(ଚ) ପର୍ଯ୍ୟବେକ୍ଷଣ ସ୍ୱଳ୍ପମାତ୍ରାରେ କାର୍ଯ୍ୟକାରୀ ହେବା ଆବଶ୍ୟକ ।

ଅଭିଜ୍ଞତାରୁ ଦେଖାଯାଉଛି ଯେ ଅଧସ୍ତନ ପୋଲିସ କର୍ମଚାରୀ, ଯଥା—ଜମାଦାର ଓ କନେଷ୍ଟବଲ୍‌ମାନଙ୍କ ଦ୍ୱାରା ଯେଉଁ ପର୍ଯ୍ୟବେକ୍ଷଣ କରାଯାଏ ତାହା କ୍ୱଚିତ୍ ସନ୍ତୋଷଜନକ । ସବୁ କାର୍ଯ୍ୟ ନିଜେ କରିବା ଥାନା ଅଫିସରଙ୍କ ପକ୍ଷରେ ବସ୍ତୁତଃ ଅସମ୍ଭବ ଏବଂ ସେପରି କରିବାକୁ ଚେଷ୍ଟା କରିବା ତାଙ୍କ ପକ୍ଷେ ଭୁଲ୍ ହେବ ।

ତାଙ୍କୁ ସାହାଯ୍ୟ କରିବା ସକାଶେ ଅନ୍ୟାନ୍ୟ କର୍ମଚାରୀ ଅଛନ୍ତି ଏବଂ ଥାନା ଅଫିସର ସେମାନଙ୍କ ଦ୍ୱାରା କାର୍ଯ୍ୟ କରାଇବା ଉଚିତ । ଥାନାର କର୍ମଚାରୀମାନଙ୍କୁ ତଦାରଖ କରିବା ଦିଗରେ ଥାନା ଅଫିସରଙ୍କ ଦୃଷ୍ଟି ନିବଦ୍ଧ ହେବା ଆବଶ୍ୟକ । କନେଷ୍ଟବଲ୍‌ମାନଙ୍କର ପଢ଼ାଶୁଣା ଉପରେ ଜୋର ଦିଆଯିବା ଆବଶ୍ୟକ । ପର୍ଯ୍ୟବେକ୍ଷଣରେ ରହିବା ଲୋକର ନାମ ଓ ସମସ୍ତ ବିବରଣୀ ସମ୍ବଳିତ ନୋଟ୍ ବୁକ୍ ସେମାନଙ୍କୁ ଦିଆଯିବ । ମାସିକ ଦରମା ପାଇବା ସମୟରେ ଏବଂ ସମ୍ଭବ ହେଲେ ବାରମ୍ବାର ସେମାନଙ୍କର ଜ୍ଞାନ ପରୀକ୍ଷା କରାଯିବ ।

ଜଣାଶୁଣା ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ଜଣାପଡ଼ିବାର ବିପଦ ବରଣ କରାଯିବା ବରଂ ଆବଶ୍ୟକ କିନ୍ତୁ ଦୋଷୀ ସାବ୍ୟସ୍ତ ହୋଇ ନଥିବା ଓ ବିଶେଷ ଧୂର୍ତ୍ତ ଶ୍ରେଣୀର ଲୋକଙ୍କୁ ଏ ବିଷୟରେ ଜାଣିବାର ଅବକାଶ ଦିଆଯିବା ଉଚିତ୍ ନୁହେଁ ।

ସବୁଠାରୁ ଅଧିକ କଷ୍ଟକର ଓ ନିବିଡ଼ ପର୍ଯ୍ୟବେକ୍ଷଣ ହେଉଛି—ଭ୍ରାମ୍ୟମାଣ ଡକାଏତ ଦଳ ସମେତ ସମସ୍ତ ଅପରିଚିତ ବ୍ୟକ୍ତି, ବିଦେଶୀ, ବିପଜ୍ଜନକ ଅପରାଧୀ ଇତ୍ୟାଦିଙ୍କର ପଶ୍ଚାତ୍‌ଧାବନ ଆବଶ୍ୟକ ସ୍ଥଳେ ଏ କ୍ଷେତ୍ରରେ ଛଦ୍ମବେଶ ଧାରଣ କରାଯାଇ ପାରେ ।

ସ୍ୱାଃ ଏସ୍. କେ. ଘୋଷ

କଟକ

ଡିସେମ୍ବର ୧, ୧୯୬୪

# ପଦେ ଅଧେ

ନିମ୍ନଲିଖିତ ଫାଣ୍ଡି ଗୁଡ଼ିକରେ ଅତିରିକ୍ତ କର୍ମଚାରୀ ରଖାଯିବା ପାଇଁ ସରକାର ମଞ୍ଜୁରି ଦେଇଛନ୍ତି:—

(କ) ବାଲେଶ୍ୱରର ନୂଆ ଷ୍ଟାଣ୍ଡିନ ଥାନା ସକାଶେ ଦୁଇ ଜଣ ସବ୍-ଇନ୍‌ସପେକ୍ଟର, ଜଣେ ସାଇଟର କନେଷ୍ଟବଲ୍ ଓ ୧୦ ଜଣ କନେଷ୍ଟବଲ୍ ।

(ଖ) ଚନ୍ଦ ଭିନ୍ନ ଶରଣାର୍ଥୀ ଶିବିରରେ ଥିବା ଫାଣ୍ଡି ସକାଶେ ଜଣେ ଜମାଦାର ଓ ପାଞ୍ଚ ଜଣ କନେଷ୍ଟବଲ୍ ଏବଂ ଗୋଇନ୍ଦା କାର୍ଯ୍ୟ ନିମନ୍ତେ ଜଣେ ସବ୍-ଇନ୍‌ସ୍‌ପେକ୍ଟର ଓ ଜଣେ କନେଷ୍ଟବଲ୍ ।

(ଗ) ଅନୋଟି ସବ୍-ଇନ୍‌ସ୍‌ପେକ୍ଟର ଶ୍ରେଣୀର ପଦବୀରେ କଟକରେ ଥିବା ଗୋଇନ୍ଦା ବିଭାଗ 'ଅପରାଧ ଶାଖାର' ଚିହ୍ନଟ ସଂସ୍ଥାରେ (ଫିଙ୍ଗର ପ୍ରିଣ୍ଟ ବ୍ୟୁରୋ) ଛଅଟି ବିଶେଷଜ୍ଞ ଶ୍ରେଣୀ ପଦ୍ବୀ ।

(ଘ) ସମ୍ବଲପୁର, ସୁନ୍ଦରଗଡ଼ ଓ ରାଉରକେଲାରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ସମ୍ପର୍କୀୟ ମକଦ୍ଦମାର ପରିଚାଳନା ନିମନ୍ତେ ଦୁଇ ଜଣ ଇନ୍‌ସ୍‌ପେକ୍ଟର, ଦୁଇ ଜଣ ସବ୍-ଇନ୍‌ସପେକ୍ଟର ଦଶ ଜଣ ଜମାଦାରଙ୍କୁ ନେଇ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ।

ନିମ୍ନଲିଖିତ ଯୋଜନା ସକାଶେ ସରକାର ଶାସନଗତ ସ୍ୱୀକୃତ ଦେଇଛନ୍ତି :—

(ଙ) ମୋଟ ୫୨୪,୧୯,୦୦୦ଟଙ୍କା ବ୍ୟୟରେ କେଉଁଝର, ରାଯ଼ଗଡ଼ା, ରାଉରକେଲା ଓ ବରହମପୁରଠାରେ ଓଡ଼ିଶା ସାମରିକ ପୋଲିସ କର୍ମଚାରୀମାନଙ୍କ ନିମନ୍ତେ ଘରୁଣି, ଭୋଜନାଗାର ଓ ରନ୍ଧନଶାଳା ନିର୍ମାଣ ।

(ଖ) ମୋଟ ୩,୯୧,୦୦୦ ଟଙ୍କା ବ୍ୟୟରେ ଅନୁଗୁଳ-ଠାରେ ଥିବା ପୋଲିସ ଟ୍ରେନିଂ କଲେଜରେ ୧୦୦ ଜଣ ଶିକ୍ଷାର୍ଥୀଙ୍କ ସକାଶେ ଏକ ଦ୍ୱିତଳ ଘରୁଣି, ରନ୍ଧନଶାଳା ଓ ଭୋଜନାଗାର ନିର୍ମାଣ ।

(ଗ) ରାଉରକେଲା ଇସ୍ପାତ ନଗରଠାରେ ଥିବା ରିଜର୍ଭ ପୋଲିସ ଲାଇନରେ ୩,୮୦,୩୩୦ ଟଙ୍କା ଖର୍ଚ୍ଚ କରାଯାଇ ୩୮ ଜଣ କନେଷ୍ଟବଲଙ୍କ ସକାଶେ ତ୍ରିତଳ ବାସ ଗୃହ ନିର୍ମାଣ ।

(ଘ) ସରକାରୀ ପୋଲିସ ଶ୍ରେଣୀ ନିମନ୍ତେ ନିର୍ଦ୍ଧିଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକରେ ତାଲିମ ପାଉଥିବା ଶିକ୍ଷାର୍ଥୀମାନଙ୍କ ନିମନ୍ତେ ୨୯,୨୦୦ ଟଙ୍କା ବ୍ୟୟରେ ମେସ ନିର୍ମାଣ ।

ଉପଯୁକ୍ତ ପ୍ରାର୍ଥୀଙ୍କ ଅଭାବରୁ ରାଉରକେଲାଠାରେ ଥିବା ସାମରିକ ରିଜର୍ଭ ପୋଲିସ ବାହିନୀ ସକାଶେ ମଧ୍ୟପ୍ରଦେଶର ରେଓ୍ୱାରୁ ୨୦୦ ଜଣ ରାଜପୁତ ତଥା ବ୍ରାହ୍ମଣଙ୍କୁ ନିଯୁକ୍ତ କରିବା ସକାଶେ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ମଧ୍ୟପ୍ରଦେଶର ପୋଲିସ ଇନ୍‌ସ୍‌ପେକ୍ଟର-ଜେନେରାଲଙ୍କର ସହଯୋଗ କ୍ରମେ ଏହା ନିଯୁକ୍ତ କରାଯିବ ।

## ଅପରାଧ ଟିପ୍ପଣୀ—

ତ୍ରୈବାର୍ଷିକ ହାରାହାରି ଅପରାଧ ୧୯,୨୭୩ ଥିବା ସ୍ଥଳେ ୧୯୭୪ ମସିହା ସେପ୍ଟେମ୍ବର ମାସରେ ବିଚାରାଧୀନ ଅପରାଧର ମୋଟ ସଂଖ୍ୟା ଥିଲା ୨,୧୯୫ । କୌଣସି ନିର୍ଦ୍ଦିଷ୍ଟ ଧରଣର ଅପରାଧ ଯୋଗେ ଏହା ବୃଦ୍ଧି ପାଇ ନାହିଁ, ମାତ୍ର ବିଭିନ୍ନ ପ୍ରକାର ଘଟଣାର ଏତଲା ଦିଆଯିବା ହେତୁ ଏପରି ଘଟିଛି । ନରହତ୍ୟାର ତ୍ରୈବାର୍ଷିକ ହାରାହାରି ସଂଖ୍ୟା ୧୯.୦ ଥିବା ସ୍ଥଳେ ୧୯ଟି ନରହତ୍ୟା, ଡକାୟତିର ତ୍ରୈବାର୍ଷିକ ହାରାହାରି ୭.୦ ଥିବା ସ୍ଥଳେ ୪ଟି ଡକାୟତି, ଲୁଣ୍ଠନର ତ୍ରୈବାର୍ଷିକ ହାରାହାରି ୧୧.୭ ଥିବା ବେଳେ ୧୪ଟି ଲୁଣ୍ଠନ, ବଡ଼ ଧରଣର ଚୋରୀର ତ୍ରୈବାର୍ଷିକ ହାରାହାରି ୪୧୯.୩ ଥିବା ସ୍ଥଳେ ୪୫୩ଟି ବଡ଼ ଧରଣର ଚୋରୀ ଓ ଚୋରୀର ତ୍ରୈବାର୍ଷିକ ହାରାହାରି ୭୩୩.୩ ଥିବା ସ୍ଥଳେ ୭୯୯ଟି ଚୋରୀ ଘଟିଛି । କଟକ, ଗଞ୍ଜାମ, ପୁରୀ, କୋରାପୁଟ ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ଚୋରୀ ସଂଖ୍ୟା ବୃଦ୍ଧି ପାଇଛି । ଉପରୋକ୍ତ ଜିଲ୍ଲାମାନଙ୍କ ସମେତ ରାଉରକେଲା ଓ ଜି. ଆର୍. ପି.ରେ ମଧ୍ୟ ସାଇକେଲ ଚୋରୀ ବୃଦ୍ଧି ପାଇଛି । ବାହାରେ ଯାଉଥିବା ସାଇକେଲ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଇ ଏବଂ ସାଇକେଲର ସଠିକ ବିବରଣୀ ରଖି ଅନୁସନ୍ଧାନ ସମୟରେ ତଥା ଏହି ଧରଣର ଚୋରୀ ବନ୍ଦ କରିବାରେ ପୋଲିସଙ୍କ ଉଦ୍ୟମ ସହିତ ସହଯୋଗ କରିବା ନିମନ୍ତେ ଜନସାଧାରଣଙ୍କର କର୍ତ୍ତବ୍ୟ ।

ବଲାଙ୍ଗୀର ସଦର ଥାନାର ୨୩୩/୭୪ ଓ ୨୩୮/୭୪ ନମ୍ବର ମକଦ୍ଦମାରୁ ଜଣାଯାଏ ଯେ ଦେଓଗାଁ ଓ ଲୋକସିଂହା ରେଲଷ୍ଟେସନ ମଧ୍ୟରେ ଥିବା ରେଲବାଇ କଣ୍ଟ୍ରୋଲ ଲାଇନରୁ ୫୯ ସ୍ପାନ୍ ତମ୍ବାତାର ଚୋରୀ ହୋଇ ଥିବାର ସମ୍ବାଦ ମିଳିଲା । ଗୋପନୀୟ ତଥ୍ୟ ସଂଗ୍ରହ କରିବା ଓ ଏହି ଘଟଣା ସ୍ଥଳରୁ କେତେକ ସନ୍ଦେହ ଜନକ ବ୍ୟକ୍ତିଙ୍କ ଉପରେ ନଜର ରଖିବାରେ ପୋଲିସଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । କାର୍ଯ୍ୟ ପ୍ରଣାଳୀ ନିର୍ଣ୍ଣୟ କରିବା ପରେ ସଦର ଥାନା ସବ୍-ଇନ୍‌ସପେକ୍ଟର, ଏସ୍. ମିଶ୍ର ୧୫ ଜଣ ପୋଲିସ ସହିତ ଚୋରୀ ତମ୍ବାତାର ରଖିଥିବାର ସନ୍ଦେହ କରାଯାଉଥିବା ଲୋକର ଘର ହଠାତ୍ ଖାନ ତଲାସ କରି ଚାଲାଣ ହେବାକୁ ଯାଉଥିବା ୪୦ କିଲୋଗ୍ରାମ୍ ଚୋରୀ ତମ୍ବାତାର ଉଦ୍ଧାର କରିଥିଲେ । ଉକ୍ତ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି, ଶମ୍ପୁଟା ଓ ଟର୍ଚ୍ଚ ଲାଇଟ ମଧ୍ୟ ଜବତ କରାଯାଇଥିଲା । ଏହି ଘଟଣାରେ ଧରା ପଡ଼ିଥିବା ଲୋକମାନେ ନିଜର ଦୋଷ ସ୍ୱୀକାର କରିଥିଲେ ଏବଂ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଆଗତ କରାହୋଇ ସେମାନଙ୍କୁ ବିଚାର ନିମନ୍ତେ ପଠାଯାଇଛି । ଏହି ଉଦ୍ଧାର କାର୍ଯ୍ୟ ଜନସାଧାରଣଙ୍କର ପ୍ରଶଂସା ଲାଭ କରିଛି ।

ନଭେମ୍ବର ୪ ତାରିଖ ନିଶାର୍ଦ୍ଧରେ ୩୨୧ ଅପ୍ ରେଲ ଗାଡ଼ିରେ ରେଲୱେ ଷ୍ଟେସନ ନିକଟରେ ଯାତ୍ରା କରୁଥିବା ସମୟରେ ଶ୍ରୀ ଏସ୍. ଏମ୍. ଘୋଷ ନାମକ ଜଣେ ଯାତ୍ରୀଙ୍କର ପକେଟ କଟାଯାଇ ମନିବ୍ୟାଗ ସହିତ ଟ ୧୫୦୯ ହରଣଚାଳ ହୋଇଗଲା । ଏହି ଘଟଣା ଲିପିବଦ୍ଧ ହେବା ସଙ୍ଗେ ସଙ୍ଗେ ଝାରସୁଗୁଡ଼ାଠାରେ ଥିବା ସରକାରୀ ରେଲବାଇ ଥାନାର କର୍ମଚାରୀମାନଙ୍କୁ ଜଣାଇ ଦିଆଗଲା । ଝାରସୁଗୁଡ଼ା ଜି. ଆର୍. ପି. ଏସ୍.ର ହାବିଲଦାର ଏସ୍. ରାମମୂର୍ତ୍ତି ସ୍ଥାନୀୟ ଜଣେ କୁଖ୍ୟାତ ପକେଟମାରର ସନ୍ଦେହ-ଜନକ ଗତିବିଧି ଉପରେ ନଜର ରଖିଲେ । ନିରବଚ୍ଛିନ୍ନ ଭାବରେ ନଜର ରଖିବାଦ୍ୱାରା ହାବିଲଦାରଙ୍କର ସନ୍ଦେହ ଦୃଢ଼ୀଭୂତ ହେଲା ଏବଂ ପରିଶେଷରେ ସେ ତାକୁ ଗିରଫ୍ ଖାନତଲାସ କରିବାରେ ତା'ଠାରୁ ମନିବ୍ୟାଗ ସହିତ ୧୩୧ ଟଙ୍କା ମିଳିଲା । ଆସାମୀକୁ ଗିରଫ କରାଯାଇ ବିଚାର ପାଇଁ ପଠାଯାଇଛି । ଅପରାଧୀର ଓ ସେମାନଙ୍କ ସମ୍ବନ୍ଧରେ ହାବିଲଦାର ଯେଉଁ ଜ୍ଞାନ ପ୍ରଦର୍ଶନ କରିଛନ୍ତି ତାହା କୃତିତ୍ୱପୂର୍ଣ୍ଣ ହୋଇଥିବା ଯୋଗେ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ସେ ଉପଯୁକ୍ତ ଭାବରେ ପୁରସ୍କୃତ ହୋଇଛନ୍ତି ।

## ଅନ୍ୟାନ୍ୟ ଖବର—

ଅଳ୍ପ କେତେଦିନ ପୂର୍ବେ (କଟକ) ବୁଲସୀପୁର ପୋଲିସ କଲୋନୀଠାରେ ଆରମ୍ଭ ହୋଇଥିବା ହାଇସ୍କୁଲର ଛାତ୍ରସଂଖ୍ୟା ଷଷ୍ଠ ଶ୍ରେଣୀରେ ୪୪ ଜଣ, ସପ୍ତମ ଶ୍ରେଣୀରେ ୨୯ ଜଣ ଓ ଅଷ୍ଟମ ଶ୍ରେଣୀରେ ୧୮ ଜଣକୁ ବୃଦ୍ଧି ପାଇଛି । ଏହି ଛାତ୍ରମାନଙ୍କ ମଧ୍ୟରୁ ୭୫ ଜଣ ହେଉଛନ୍ତି ପୋଲିସ ଅଫିସରଙ୍କର ସନ୍ତାନ ସନ୍ତତି ଏବଂ ୧୭ ଜଣ ହେଉଛନ୍ତି ବାହାରର ପିଲା । ବାହାର ଲୋକ (ବା ଅଣପୋଲିସ କର୍ମଚାରୀ)ଙ୍କ ସନ୍ତାନ ସନ୍ତତିଙ୍କ ସକାଶେ ହାଇସ୍କୁଲ ଖୋଲାଯାଇ ରହିବାରେ ଜନସାଧାରଣ ଆନନ୍ଦ ପ୍ରକାଶ କରିଛନ୍ତି ।

* * * *

ଆଦେଶ ଅବମାନନା, ଖରାପ ବ୍ୟବହାର ଓ କର୍ତ୍ତବ୍ୟହୀନତା ଦୃଷ୍ଟି ସକାଶେ ପୁରୀ ଜିଲ୍ଲାର ଦୁଇଜଣ କନେଷ୍ଟବଲଙ୍କୁ ଅସ୍ଥାୟୀ ଭାବରେ ଚାକିରିରୁ ବହିଷ୍କାର (ସସ୍‌ପେଣ୍ଡ) କରାଯାଇଛି । ସେମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି ।

ଭାରତୀୟ ଦଣ୍ଡବିଧି ଆଇନର ୩୦୨ ଦଫାର ଏକ ମକଦ୍ଦମା ସମ୍ପର୍କରେ ସନ୍ଦେହଜନକ କାର୍ଯ୍ୟକଳାପ ଓ କର୍ତ୍ତବ୍ୟହୀନତା ଦୃଷ୍ଟି ନିମନ୍ତେ ପୁରୀ ଜିଲ୍ଲାର ଜଣେ ପୋଲିସ ଇନ୍‌ସପେକ୍ଟରଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି ।

* * * *

ସମ୍ବଲପୁର ରିଜର୍ଭ ପୋଲିସ ଲାଇନରେ ଏକ ଶସ୍ୟାଗାର (ଗ୍ରେନ୍ ଷ୍ଟୋର) ଖୋଲାଯାଇଛି ଏବଂ ସେଠାରେ ଚାଉଳ, ଗହମ, ତେଲ, ବନସ୍ପତି ଘିଅ, ଡାଲି, ଲୁଣ, ସୁଜି, ମିଶ୍ରି, ବେସନ, ସାବୁନ, ଦିଆସିଲି, ଆଳୁ ଓ ପିଆଜ ବିକ୍ରୀ କରାଯାଉଛି । ଏହା ବିଶେଷ ଲୋକପ୍ରିୟତା ଅର୍ଜନ କରିଛି ।

ସାଧାରଣ ଦୋକାନରେ ଲାଇନରେ ଛିଡ଼ା ହୋଇ ପୋଲିସ ଅଫିସରମାନେ ଅସୁବିଧା ଭୋଗ କରୁଥିବା ଦୃଷ୍ଟିରୁ ଏବଂ ଠିକ୍ ସମୟରେ କର୍ତ୍ତବ୍ୟରେ ଯୋଗ-ଦେବା ନିମନ୍ତେ ସେମାନଙ୍କର ସୁବିଧା ପାଇଁ କଟକର ରିଜର୍ଭ ପୋଲିସ ଲାଇନରେ ଗୋଟିଏ ଷ୍ଟୋର ଖୋଲାଯାଇଛି ଏବଂ ପରମିଟ୍‌ରେ ଜିନିଷ ଆଣି ନିର୍ଦ୍ଦିଷ୍ଟ ପରିମାଣ ଅନୁସାରେ ପୋଲିସ କର୍ମଚାରୀମାନଙ୍କୁ ନିୟନ୍ତ୍ରିତ ସାମଗ୍ରୀମାନ ଯୋଗାଇ ଦିଆଯାଉଛି ।

---

## ଏ ମାସର ଶ୍ରେଷ୍ଠ ପୋଲିସ କର୍ମଚାରୀ

ଇନ୍‌ସପେକ୍ଟର ଗୋକୁଳବିହାରୀ ମହାପାତ୍ର ବଲାଙ୍ଗିର ଜିଲ୍ଲା ଶରମହାରାଜପୁର ଥାନା ଅନ୍ତର୍ଗତ ଲେହେଣ୍ଡ଼ ଗ୍ରାମ ନିବାସୀ ଶ୍ରୀ ଜଗବନ୍ଧୁ ମହାପାତ୍ରଙ୍କର ପୁତ୍ର ରୂପେ ୧୯୧୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଦେଶୀୟ ରାଜ୍ୟର ମିଶ୍ରଣ ପୂର୍ବରୁ ସୋନପୁର ଦେଶୀୟ ରାଜ୍ୟରେ ଜଣେ ଜମାଦାର ଭାବରେ ସେ କାର୍ଯ୍ୟ କରୁଥିଲେ ଏବଂ ଓଡ଼ିଶା ସହିତ ଦେଶୀୟ ରାଜ୍ୟର ମିଶ୍ରଣ ପରେ ଇନ୍‌ସପେକ୍ଟର ପଦବୀକୁ ତାଙ୍କର ପଦୋନ୍ନତି ହୋଇଥିବା । ତାଙ୍କର କାର୍ଯ୍ୟକଳାପ ସଦାସର୍ବଦା ଉପରିସ୍ଥ କର୍ମଚାରୀମାନଙ୍କର ଶ୍ରଦ୍ଧା ଭାଜନ ହୋଇ ଆସିଛି । ଅଳ୍ପ କେତେଦିନ ତଳେ ଗୋଟିଏ ଡକାୟତି ଘଟଣା ଆବିଷ୍କାର କରି ସେ ଯେପରି ଭାବରେ ସାହସର ପରିଚୟ ଦେଇଛନ୍ତି ତାହା ସଂକ୍ଷେପରେ ନିମ୍ନରେ ଦିଆଗଲା —

ଏହି ଘଟଣାଟି ୭।୧୦।୧୯୬୭ ତାରିଖରେ ଭାରତୀୟ ଦଣ୍ଡବିଧି ଆଇନର ୩୯୫ ଧାରା ଅନୁଯାୟୀ ରଶିପୁର ଥାନା ଜରିଆରେ ରୁଜୁ ହୋଇଥିବା ୬୧ ନମ୍ବର ମକଦ୍ଦମା ।

ମୟୂରଭଞ୍ଜ ଜିଲ୍ଲା ରଶିପୁର ଥାନା ଅନ୍ତର୍ଗତ ଗୁଣ୍ଡୁଗୁଡ଼ିଆର ଏକ ଦୁର୍ଗମ ଅଞ୍ଚଳରେ ଅଭିଯୋଗ-କାରୀଙ୍କ ଘରେ ୫।୧୦।୧୯୬୮ ତାରିଖ ରାତିରେ ପ୍ରାୟ ୩୦ ଜଣ ଦୁର୍ବୃତ୍ତ ଡକାୟତି କରିଥିଲେ । ଏହି ଅପରାଧ ଖବର ଥାନାରେ ପହଞ୍ଚିବା ସମୟରେ ଥାନାର ଭାରପ୍ରାପ୍ତ ଅଫିସର ଏବଂ ଇଲାକା



ଶ୍ରୀ ଗୋକୁଳ ବିହାରୀ ମହାପାତ୍ର
ପୋଲିସ ଇନସପେକ୍ଟର
( ଉଦଳା ସର୍କଲ, ମୟୂରଭଞ୍ଜ ଜିଲ୍ଲା )

ଇନସପେକ୍ଟର ଉଭୟେ ଅନ୍ୟ କାର୍ଯ୍ୟରେ ଯାଇଥିବା ଯୋଗେ ଥାନାରେ ନଥିଲେ ।

ମୟୂରଭଞ୍ଜ ଜିଲ୍ଲା ଉଦଳା ସର୍କଲର ଇନସପେକ୍ଟର ଗୋକୁଳବିହାରୀ ମହାପାତ୍ର ଏହି ପରିବାରକୁ ଉଦଳା ନେବାପାଇଁ ଠିକ୍ ସେହିଦିନ ବାରିପଦାରେ ପହଞ୍ଚି ଥାଆନ୍ତି । ଏହି ଅପରାଧର ଗୁରୁତ୍ୱ ସମ୍ବାଦ ସେହି ସମୟରେ ପାଇବାକ୍ଷଣି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କୁ ଏହାର ଅନୁସନ୍ଧାନ କରିବା ନିମନ୍ତେ ସର୍ବାପେକ୍ଷା ଉପଯୁକ୍ତ ଅଫିସର ରୂପେ ମନୋନୀତ କଲେ । ସ୍ୱାସ୍ଥ୍ୟ ସୁସ୍ଥ ନଥାଇ ଏବଂ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କାର୍ଯ୍ୟର କଠୋରତା ଜାଣି ମଧ୍ୟ ଇନସପେକ୍ଟର ମହାପାତ୍ର ଜଣେ ସଚ୍ଚୋଟ ପୋଲିସ କର୍ମଚାରୀ ରୂପେ ନିଜର କାର୍ଯ୍ୟଭାର ଗ୍ରହଣ କଲେ । ଏହି ଘଟଣାର ଅନୁସନ୍ଧାନ କାର୍ଯ୍ୟ ଚାଲିଥିବାବେଳେ ବାଘଭାଲୁପୂର୍ଣ୍ଣ ବନଜଙ୍ଗଲ ମଧ୍ୟରେ ସାମୟିକ ଭାବରେ ଖାଦ୍ୟ ଓ ଜଳ ବିନା ତାଙ୍କୁ ପ୍ରାୟ ଶହେ ମାଇଲ ଅତିକ୍ରମ କରିବାକୁ ପଡ଼ିଛି ।

ଏହି ଅପରାଧ ନିମନ୍ତେ ଦାୟୀ ବୋଲି ବୋଧହୁଥିବା ଅପରାଧୀମାନଙ୍କ ପରେ ଇନସପେକ୍ଟର ମହାପାତ୍ର କେତେ ଯେ କଷ୍ଟ ସହିଛନ୍ତି । ଅପରାଧୀମାନେ କେବଳ ଯେ ବଳବନ୍ତ ଥିଲେ ତାହା ନୁହେଁ, ଅଧିକନ୍ତୁ ଭୟାନକ ଥିଲେ । କର୍ତ୍ତବ୍ୟର ତାଡ଼ନାରେ ଏହି ଇନସପେକ୍ଟର ସନ୍ଦେହ କରାଯାଉଥିବା ଆସାମୀମାନଙ୍କ ସହିତ ନିଃସଙ୍କୋଚରେ ମିଶି ଅପରାଧ ସମ୍ପର୍କୀୟ ସମସ୍ତ ତଥ୍ୟ ସେମାନଙ୍କ ନିକଟରୁ ଜାଣି ପାରିଲେ । ତାଙ୍କର ପରିଶ୍ରମ ଫଳରେ ଗୋଟିଏ ଦଳ ଗଠନ କରିବାକୁ ଯାଉଥିବା ସମସ୍ତ ଅପରାଧୀଙ୍କର କାର୍ଯ୍ୟ କଳାପ ଆବିଷ୍କାର କରାଯାଇ ପାରିଲା ଏବଂ ସେମାନଙ୍କୁ ତୁରନ୍ତ ଗିରଫ କରାଯିବା ଦ୍ୱାରା ଏତାଦୃଶ ସମ୍ଭାବ୍ୟ ଅପରାଧରୁ ଜନସାଧାରଣଙ୍କୁ ରକ୍ଷା କରାଯାଇ ପାରିଲା ।

---

Vol. XXI No. 5 UTKAL PRASANGA Regd. No. O-3

Licence No. C. R. N. P. 5.—Licensed to post without prepayment

# CALENDAR 1965

## JANUARY

| | | | | | | |
|---|---|---|---|---|---|---|
| Sunday | * | 3 | 10 | 17 | 24 | 31 |
| Monday | * | 4 | 11 | 18 | 25 | * |
| Tuesday | * | 5 | 12 | 19 | 26 | * |
| Wednesday | * | 6 | 13 | 20 | 27 | * |
| Thursday | * | 7 | 14 | 21 | 28 | * |
| Friday | 1 | 8 | 15 | 22 | 29 | * |
| Saturday | 2 | 9 | 16 | 23 | 30 | * |

## FEBRUARY

| | | | | | | |
|---|---|---|---|---|---|---|
| Sunday | * | 7 | 14 | 21 | 28 | * |
| Monday | 1 | 8 | 15 | 22 | * | * |
| Tuesday | 2 | 9 | 16 | 23 | * | * |
| Wednesday | 3 | 10 | 17 | 24 | * | * |
| Thursday | 4 | 11 | 18 | 25 | * | * |
| Friday | 5 | 12 | 19 | 26 | * | * |
| Saturday | 6 | 13 | 20 | 27 | * | * |

## MARCH

| | | | | | | |
|---|---|---|---|---|---|---|
| Sunday | * | 7 | 14 | 21 | 28 | * |
| Monday | 1 | 8 | 15 | 22 | 29 | * |
| Tuesday | 2 | 9 | 16 | 23 | 30 | * |
| Wednesday | 3 | 10 | 17 | 24 | 31 | * |
| Thursday | 4 | 11 | 18 | 25 | * | * |
| Friday | 5 | 12 | 19 | 26 | * | * |
| Saturday | 6 | 13 | 20 | 27 | * | * |

## APRIL

| | | | | | | |
|---|---|---|---|---|---|---|
| Sunday | * | 4 | 11 | 18 | 25 | * |
| Monday | * | 5 | 12 | 19 | 26 | * |
| Tuesday | * | 6 | 13 | 20 | 27 | * |
| Wednesday | * | 7 | 14 | 21 | 28 | * |
| Thursday | 1 | 8 | 15 | 22 | 29 | * |
| Friday | 2 | 9 | 16 | 23 | 30 | * |
| Saturday | 3 | 10 | 17 | 24 | * | * |

## MAY

| | | | | | | |
|---|---|---|---|---|---|---|
| Sunday | * | 2 | 9 | 16 | 23 | 30 |
| Monday | * | 3 | 10 | 17 | 24 | 31 |
| Tuesday | * | 4 | 11 | 18 | 25 | * |
| Wednesday | * | 5 | 12 | 19 | 26 | * |
| Thursday | * | 6 | 13 | 20 | 27 | * |
| Friday | * | 7 | 14 | 21 | 28 | * |
| Saturday | 1 | 8 | 15 | 22 | 29 | * |

## JUNE

| | | | | | | |
|---|---|---|---|---|---|---|
| Sunday | * | 6 | 13 | 20 | 27 | * |
| Monday | * | 7 | 14 | 21 | 28 | * |
| Tuesday | 1 | 8 | 15 | 22 | 29 | * |
| Wednesday | 2 | 9 | 16 | 23 | 30 | * |
| Thursday | 3 | 10 | 17 | 24 | * | * |
| Friday | 4 | 11 | 18 | 25 | * | * |
| Saturday | 5 | 12 | 19 | 26 | * | * |

## JULY

| | | | | | | |
|---|---|---|---|---|---|---|
| * | 4 | 11 | 18 | 25 | * | Sunday |
| * | 5 | 12 | 19 | 26 | * | Monday |
| * | 6 | 13 | 20 | 27 | * | Tuesday |
| * | 7 | 14 | 21 | 28 | * | Wednesday |
| 1 | 8 | 15 | 22 | 29 | * | Thursday |
| 2 | 9 | 16 | 23 | 30 | * | Friday |
| 3 | 10 | 17 | 24 | 31 | * | Saturday |

## AUGUST

| | | | | | | |
|---|---|---|---|---|---|---|
| 1 | 8 | 15 | 22 | 29 | * | Sunday |
| 2 | 9 | 16 | 23 | 30 | * | Monday |
| 3 | 10 | 17 | 24 | 31 | * | Tuesday |
| 4 | 11 | 18 | 25 | * | * | Wednesday |
| 5 | 12 | 19 | 26 | * | * | Thursday |
| 6 | 13 | 20 | 27 | * | * | Friday |
| 7 | 14 | 21 | 28 | * | * | Saturday |

## SEPTEMBER

| | | | | | | |
|---|---|---|---|---|---|---|
| * | 5 | 12 | 19 | 26 | * | Sunday |
| * | 6 | 13 | 20 | 27 | * | Monday |
| * | 7 | 14 | 21 | 28 | * | Tuesday |
| 1 | 8 | 15 | 22 | 29 | * | Wednesday |
| 2 | 9 | 16 | 23 | 30 | * | Thursday |
| 3 | 10 | 17 | 24 | * | * | Friday |
| 4 | 11 | 18 | 25 | * | * | Saturday |

## OCTOBER

| | | | | | | |
|---|---|---|---|---|---|---|
| * | 3 | 10 | 17 | 24 | 31 | Sunday |
| * | 4 | 11 | 18 | 25 | * | Monday |
| * | 5 | 12 | 19 | 26 | * | Tuesday |
| * | 6 | 13 | 20 | 27 | * | Wednesday |
| * | 7 | 14 | 21 | 28 | * | Thursday |
| 1 | 8 | 15 | 22 | 29 | * | Friday |
| 2 | 9 | 16 | 23 | 30 | * | Saturday |

## NOVEMBER

| | | | | | | |
|---|---|---|---|---|---|---|
| * | 7 | 14 | 21 | 28 | * | Sunday |
| 1 | 8 | 15 | 22 | 29 | * | Monday |
| 2 | 9 | 16 | 23 | 30 | * | Tuesday |
| 3 | 10 | 17 | 24 | * | * | Wednesday |
| 4 | 11 | 18 | 25 | * | * | Thursday |
| 5 | 12 | 19 | 26 | * | * | Friday |
| 6 | 13 | 20 | 27 | * | * | Saturday |

## DECEMBER

| | | | | | | |
|---|---|---|---|---|---|---|
| * | 5 | 12 | 19 | 26 | * | Sunday |
| * | 6 | 13 | 20 | 27 | * | Monday |
| * | 7 | 14 | 21 | 28 | * | Tuesday |
| 1 | 8 | 15 | 22 | 29 | * | Wednesday |
| 2 | 9 | 16 | 23 | 30 | * | Thursday |
| 3 | 10 | 17 | 24 | 31 | * | Friday |
| 4 | 11 | 18 | 25 | * | * | Saturday |

PRINTED AT THE ORISSA GOVERNMENT PRESS